# ଆକାଂକ୍ଷୀ ପାଠ୍ୟକ୍ରମ ୧

## ସାହିତ୍ୟ ସୃଜନୀ






**ଦଶମ ଶ୍ରେଣୀ**


ପ୍ରକାଶକ:
ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

# ସାହିତ୍ୟ ସୃଜନୀ

(ଆକାଂକ୍ଷୀ ପାଠ୍ୟକ୍ରମ)

ଦଶମ ଶ୍ରେଣୀ

ପ୍ରକାଶକ:

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

**ସାହିତ୍ୟ ସୃଜନୀ**

**(ଆକାଂକ୍ଷୀ ପାଠ୍ୟକ୍ରମ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଦଶମ ଶ୍ରେଣୀ ନିମନ୍ତେ ଅନୁମୋଦିତ ଓ ପ୍ରକାଶିତ

© ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

**ଉପଦେଷ୍ଟା :**

ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ, ଅଧ୍ୟକ୍ଷା, ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ

**ଲେଖକମଣ୍ଡଳୀ :**

ଶ୍ରୀ ହିତେଶ ଦାସଭାୟା, ପିପୁଲ ଫର୍ ଆକ୍ସନ

ଶ୍ରୀ ବିଶ୍ୱଜିତ ପାଣିଗ୍ରାହୀ, ପିପୁଲ୍ ଫର ଆକ୍ସନ

**ସମ୍ପାଦନମଣ୍ଡଳୀ :**

ଡ. ଅନୁସ୍ମିତା ସ୍ୱାଇଁ, ଉପ-ସଚିବ, ବି.ଏସ୍.ଇ, ଓଡ଼ିଶା

ଡ. ସୁଶାନ୍ତ କୁମାର ମହାପାତ୍ର, ଏକାଡ଼େମିକ ଅଫିସର, ବି.ଏସ୍.ଇ, ଓଡ଼ିଶା

ଶ୍ରୀମତୀ ହିରଣ୍ମୟୀ ମିଶ୍ର, ଅଧ୍ୟାପିକା, ଉଦୟନାଥ ସ୍ୱୟଂଚାଳିତ ମହାବିଦ୍ୟାଳୟ, କଟକ

ଶ୍ରୀମତୀ ଚିରଶ୍ରୀ ଇନ୍ଦ୍ର ସିଂ, ଅଧ୍ୟାପିକା, ଉଦୟନାଥ ସ୍ୱୟଂଚାଳିତ ମହାବିଦ୍ୟାଳୟ, କଟକ

ଶ୍ରୀ ବ୍ରଜବନ୍ଧୁ ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ପୁରୀ

ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର

ଶ୍ରୀ ଫଣୀନ୍ଦ୍ରଭୂଷଣ ନନ୍ଦ, ଓଡ଼ିଶା ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର

ଶ୍ରୀ କୈଳାସଚନ୍ଦ୍ର ଟିକାୟତ ରାୟ, ଅବସରପ୍ରାପ୍ତ ପ୍ରଫେସର, ଏସ୍.ସି.ଏସ୍ ମହାବିଦ୍ୟାଳୟ, ପୁରୀ

**ସଂଯୋଜନା :**

ଶ୍ରୀମତୀ ସସ୍ମିତା ମାଳି, କାର୍ଯ୍ୟକ୍ରମ ଅଧିକାରୀ, ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ

ଶ୍ରୀ ଅବିନାଶ ଶତପଥୀ, କାର୍ଯ୍ୟକ୍ରମ ଅଧିକାରୀ, ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ

**ପରୀକ୍ଷାମୂଳକ ସଂସ୍କରଣ** : ୨୦୨୪

**ଆର୍ଟପୁଲ :** ମୋ ସ୍କୁଲ୍ ଅଭିଯାନ ପରିଚାଳନା ସଂଗଠନ, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

# ଭୂମିକା

ରାଜ୍ୟ ସରକାର ମାଧ୍ୟମିକ ଶିକ୍ଷା ସ୍ତରରେ ଆକାଂକ୍ଷୀ ପାଠ୍ୟକ୍ରମ ପ୍ରଣୟନ କରିଛନ୍ତି । ଏହି ପାଠ୍ୟକ୍ରମର ଉପାଦାନଗୁଡ଼ିକ ହେଉଛି ପ୍ରକଳ୍ପ କାର୍ଯ୍ୟ, ପୁସ୍ତକ ସମୀକ୍ଷା, ଆଇଟି (କୋଡିଂ) ଦକ୍ଷତା ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ (କ୍ରୀଡ଼ା ଆଧାରିତ ଜୀବନ କୌଶଳ ଶିକ୍ଷା) । ଆକାଂକ୍ଷୀ ପାଠ୍ୟକ୍ରମକୁ ସୁଚାରୁ ଭାବରେ କାର୍ଯ୍ୟକାରୀ କରିବା ଏବଂ ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ଲକ୍ଷ୍ୟ ହାସଲ କରିବା ହେଉଛି ଏହାର ଉଦ୍ଦେଶ୍ୟ ।

ଭାଷା ହେଉଛି ଜ୍ଞାନର ଜନନୀ ଓ ଆତ୍ମପ୍ରକାଶର ଏକ ବଳିଷ୍ଠ ମାଧ୍ୟମ । ଶିକ୍ଷାର୍ଥୀମାନଙ୍କର ଭାଷାଗତ ଦକ୍ଷତାକୁ ସମୃଦ୍ଧ କରି ତାଙ୍କ ଭିତରେ ସୃଜନଶୀଳତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଏହି ପୁସ୍ତକଟି ଶିକ୍ଷକ-ପ୍ରଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ଶିକ୍ଷଣକୁ ଶିକ୍ଷାର୍ଥୀ କୈନ୍ଦ୍ରିକ କରିବାକୁ ଗୁରୁତ୍ୱାରୋପ କରାଯାଇଛି ।

ବିଭିନ୍ନ କାର୍ଯ୍ୟକଳାପ ମାଧ୍ୟମରେ ସାହିତ୍ୟିକ ବୋଧଗମ୍ୟତା ନିଶ୍ଚିତ କରିବା, ସାହିତ୍ୟ ପ୍ରତି ଅନୁରାଗ ବୃଦ୍ଧି କରିବା ଓ ରୁଚି ସମ୍ପନ୍ନ ସାହିତ୍ୟ ସୃଷ୍ଟି କରିବା କ୍ଷେତ୍ରରେ ଶିକ୍ଷାର୍ଥୀମାନଙ୍କର ଦକ୍ଷତା ବୃଦ୍ଧି କରିବା ସାହିତ୍ୟ ସୃଜନୀର ଅନ୍ୟତମ ଲକ୍ଷ୍ୟ । ଏହି ପୁସ୍ତକରେ ପ୍ରସ୍ତାବିତ ଗତିବିଧି ଶିକ୍ଷାର୍ଥୀଙ୍କ ମଧ୍ୟରେ କଳ୍ପନାଶକ୍ତିର ବିକାଶ କରିବା ସହିତ ସାହିତ୍ୟର ସାମାଜିକ ତଥା ଭାବନାତ୍ମକ ଦୃଷ୍ଟିକୋଣକୁ ବୁଝିବାରେ ତାଙ୍କୁ ସହାୟକ ହେବ ।

ସାହିତ୍ୟ ସୃଜନୀର ଏହି ମଞ୍ଚ ଶିକ୍ଷାର୍ଥୀମାନଙ୍କ ଭିତରେ ସୃଜନାତ୍ମକ ତଥା ଜଟିଳ ଚିନ୍ତନ, ଶ୍ରବଣ, କଥନ, ପଠନ ଓ ଲିଖନ ଭଳି ଭାଷାର ମୌଳିକ ଦକ୍ଷତାଗୁଡ଼ିକ ବୃଦ୍ଧି କରିବା ସହିତ ସାହିତ୍ୟର ବିଭିନ୍ନ ବିଭାଗକୁ ଜାଣିବା ଓ ବୁଝିବାରେ ସହାୟକ ହେବ । ନୂତନ ତଥା ଅଭିନବ ସାହିତ୍ୟ ସୃଷ୍ଟି କରିବା ପାଇଁ ପ୍ରେରଣା ଯୋଗାଇବା ସହ ଉଚ୍ଚାକାଂକ୍ଷୀ-ପାଠ୍ୟକ୍ରମ ଆଧାରିତ 'ପୁସ୍ତକ ସମୀକ୍ଷା' କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ଏହା ସେମାନଙ୍କୁ ସହାୟକ ହେବ । ଏହି ପୁସ୍ତକ ଶିକ୍ଷାର୍ଥୀ, ଶିକ୍ଷକ ଏବଂ ଅଭିଭାବକମାନଙ୍କ ପାଇଁ ଏକ ସମ୍ବଳ ଭାବରେ କାର୍ଯ୍ୟ କରିବ ବୋଲି ଆଶା । ଏହି ପୁସ୍ତକରେ ଉପଲବ୍ଧ ସମସ୍ତ ବିଷୟ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସୃଜନଶୀଳତାର ଅଭିବୃଦ୍ଧି ଘଟାଇ ସେମାନଙ୍କୁ ଶ୍ରେଷ୍ଠ କରି ଗଢ଼ି ତୋଳିବ ।

ଶିକ୍ଷାର୍ଥୀମାନଙ୍କର ସାମଗ୍ରିକ ବିକାଶ ପାଇଁ ଏଥିରେ ଶ୍ରେଣୀ ପରିଚାଳନା ଏବଂ 'ଗୃହକାର୍ଯ୍ୟ' ସଂଯୋଜିତ ହୋଇଛି । ଏହି ପୁସ୍ତକ ପ୍ରସ୍ତୁତିରେ 'ମୋ ସ୍କୁଲ୍‌ର ସହଭାଗୀ ଅନୁଷ୍ଠାନ ଟ୍ରାନ୍ସଫର୍ମ ସ୍କୁଲସ୍, ପିପୁଲ୍ ଫର୍ ଆକ୍ସନ୍'ର ପ୍ରଚେଷ୍ଟା ଓ ଅବଦାନ ପ୍ରଶଂସନୀୟ । ଏହାର ସଂପାଦନାମଣ୍ଡଳୀ, ସଂଯୋଜିକା ଏବଂ ପୁସ୍ତକ ପ୍ରସ୍ତୁତିରେ ସାମିଲ ହୋଇଥିବା ସମସ୍ତ ଶିକ୍ଷାବିତ୍, ବିଶେଷଜ୍ଞ ଓ ଲେଖକଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜଣାଇବା ସହ ବିଷୟଶିକ୍ଷକ ତଥା ଅଭିଭାବକଙ୍କ ସୁଚିନ୍ତିତ ପରାମର୍ଶ ଏବଂ ରଚନାତ୍ମକ ମତାମତକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ଆହ୍ୱାନ କରୁଛି ।

**(ସଭାପତି)**

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା

## ଆଦ୍ୟଭାଷ

ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବାର ଲକ୍ଷ୍ୟ ସହିତ ରାଜ୍ୟର ସମସ୍ତ ମାଧମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ-ନେତୃତ୍ୱାଧୀନ କ୍ଲବ ବ୍ୟବସ୍ଥା ପ୍ରତିଷ୍ଠା କରାଯାଇଛି । ଏହି କ୍ଲବଗୁଡିକ ହେଉଛି-ଜିଜ୍ଞାସା, ସାହିତ୍ୟ ସୃଜନୀ, କୌଶଳୀ ଏବଂ କ୍ରୀଡ଼ାଙ୍ଗନ । ଶିକ୍ଷାର୍ଥୀମାନଙ୍କ ସାହିତ୍ୟିକ ଏବଂ ସୃଜନଶୀଳ ଦକ୍ଷତାକୁ ସୁଦୃଢ କରିବା ପାଇଁ ସାହିତ୍ୟ ସୃଜନୀର ସୃଷ୍ଟି । ଏହି କ୍ଲବ୍ ଆକାଂକ୍ଷୀ ପାଠ୍ୟକ୍ରମ ଅଧୀନରେ 'ପୁସ୍ତକ ସମୀକ୍ଷା' ପାଇଁ ସୁବିଧାକାରୀ ମାଧମ ଭାବରେ କାର୍ଯ୍ୟ କରୁଛି । ଏହା ଶିକ୍ଷାର୍ଥୀମାନଙ୍କର ସୃଜନଶୀଳତାକୁ ବୃଦ୍ଧି କରିବା ସହିତ ସେମାନଙ୍କ କଳ୍ପନା କରିବା ଇଚ୍ଛାଶକ୍ତିକୁ ଉତ୍ସାହିତ କରିବାର ଲକ୍ଷ୍ୟ ରଖିଛି ।

ଦଶମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ "ସାହିତ୍ୟ ସୃଜନୀ" ପୁସ୍ତକରେ ୨୩ଟି ଅଧିବେଶନ ରହିଛି । ଏହା ଶିକ୍ଷାର୍ଥୀମାନଙ୍କର ସୃଜନଶୀଳତା ଏବଂ ସାହିତ୍ୟିକ ଦକ୍ଷତା ବିକଶିତ କରିବାରେ ସହାୟକ ହେବ । ତତ୍‌ସହିତ ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବା ତଥା ସ୍ୱୀକାର କରିବାରେ ସହାୟକ ହେବ ।

ଅଧିକାଂଶ ଅଧିବେଶନରେ ଶିକ୍ଷାର୍ଥୀଙ୍କ ଅଭ୍ୟାସ ପାଇଁ ଗୃହକାର୍ଯ୍ୟ ରହିଛି । ସେଗୁଡ଼ିକୁ ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ସାହାଯ୍ୟ ନେଇ ଅଭ୍ୟାସ କଲେ ବିଷୟବସ୍ତୁ ସହଜ ଓ ବୋଧଗମ୍ୟ ହୋଇପାରିବ ।

ଶିକ୍ଷକମାନେ ପୁସ୍ତକରେ ଥିବା ଗୃହକାର୍ଯ୍ୟ ବ୍ୟତୀତ ଇଚ୍ଛା ଅନୁସାରେ ଅନ୍ୟପ୍ରକାରର କାର୍ଯ୍ୟ ମଧ୍ୟ ଶିକ୍ଷାର୍ଥୀଙ୍କୁ କରିବା ପାଇଁ ଦେଇ ପାରିବେ ।

ଶିକ୍ଷାର୍ଥୀମାନେ ବର୍ଷକୁ ଗୋଟିଏ ବହି ସମୀକ୍ଷା କରିବେ । ଯଦି ସେମାନେ ଓଡ଼ିଆରେ ବହି ସମୀକ୍ଷା କରିବେ ତେବେ ପ୍ରାଚୀର ପତ୍ରିକା, ବିଦ୍ୟାଳୟ ପତ୍ରିକା, ବୁଲେଟିନ ବୋର୍ଡ ଇତ୍ୟାଦି କାର୍ଯ୍ୟକଳାପ ଇଂରାଜୀ କିମ୍ବା ଅନ୍ୟାନ୍ୟ ଭାଷାରେ କରିବେ ଏବଂ ବିଦ୍ୟାଳୟରେ କାର୍ଯ୍ୟରତ ରୋଷେୟା ଏବଂ ସହାୟକଙ୍କୁ ପଢ଼ାଇପାରିବେ ।

**(ସଂପାଦନାମଣ୍ଡଳୀ)**

# ସୂଚୀପତ୍ର


| ପ୍ରସଙ୍ଗ | | ପୃଷ୍ଠା |
|---|---|---|
| ୧. | ସ୍ମୃତିରେ ସାହିତ୍ୟ ସୃଜନୀ | ୧ |
| ୨. | ସମୀକ୍ଷା ପୁଣିଥରେ | ୩ |
| ୩. | ବହି ମୋର ଅତି ନିଜର | ୫ |
| ୪. | କଥା ଓ ବକ୍ତୃତା (ତର୍କ) | ୭ |
| ୫. | କାହାଣୀ, କେଉଁ ଆଡ଼କୁ ନେଉଛି ଟାଣି | ୯ |
| ୬. | ଆସ କାହାଣୀକୁ ସମ୍ପୂର୍ଣ୍ଣ କରିବା | ୧୧ |
| ୭. | କାହାଣୀରୁ ନାଟକ | ୧୪ |
| ୮. | ନାଟକ ଦେଖିବା ସମୀକ୍ଷା କରିବା | ୧୫ |
| ୯. | ଶବ୍ଦଖେଳ | ୧୭ |
| ୧୦. | ଆସ କବିତା ଲେଖିବା | ୨୦ |
| ୧୧. | ଯଦି ଏପରି ହୋଇଥା'ନ୍ତା | ୨୨ |
| ୧୨. | କାହାଣୀ ଲେଖିବା ସମୀକ୍ଷା ଶିଖିବା | ୨୪ |
| ୧୩. | ଆସ ଜାଣିବା, ଆସ ଚିହ୍ନିବା | ୨୬ |
| ୧୪. | ମୋ ବନ୍ଧୁ, ମୋ ସଖା (Synonyms) (ସମାର୍ଥ ଶବ୍ଦ) | ୨୯ |
| ୧୫. | ତୁ କହିଲେ ଦିନ, ମୁଁ କହିବି ରାତି (Antonyms) (ବିପରୀତାର୍ଥ ଶବ୍ଦ) | ୩୧ |
| ୧୬. | ଚାରୋଟି ଠିକ ଗୋଟିଏ ଭୁଲ | ୩୩ |
| ୧୭. | ଚିଠି ଉଡ଼ିଯାଏ ଚଢ଼େଇ ପରି | ୩୫ |
| ୧୮. | ଆସ କହିବା ଓ କୁହାଇବା | ୩୮ |
| ୧୯. | ଆସ ପ୍ରଶ୍ନ ତିଆରି କରିବା | ୪୧ |
| ୨୦. | କହି ଜାଣିଲେ କଥା ସୁନ୍ଦର | ୪୩ |
| ୨୧. | ଆମ ଲେଖକ ଓ ତାଙ୍କ ଲେଖା | ୪୫ |
| ୨୨. | ମୋ କଥା ମୋ କାହାଣୀ – ନୂତନ ସଂସ୍କରଣ | ୪୭ |
| ୨୩. | ମୁଁ, ମୋ ସ୍କୁଲ ଏବଂ ମୋର ଅଭୁଲା ସ୍ମୃତି | ୫୦ |
| ୨୪. | ସାହିତ୍ୟ ସୃଜନୀ ଆକାଂକ୍ଷୀ ପାଠ୍ୟକ୍ରମ ପାଇଁ ମୂଲ୍ୟାଙ୍କନ | ୫୩ |
| ୨୫. | ଶିକ୍ଷକଙ୍କ ପାଇଁ ଫିଡବ୍ୟାକ୍ ବା ମତାମତ ସମ୍ବନ୍ଧୀୟ ସୂଚନା | ୫୬ |
| ୨୬. | କ୍ଲବ୍ ଗତିବିଧି- ଦଶମ ଶ୍ରେଣୀ | ୫୭ |
| ୨୭. | ପୁସ୍ତକ ସମୀକ୍ଷା ନିର୍ଦ୍ଦେଶାବଳୀ | ୬୧ |

## କେଉଁ ଅଧିବେଶନ କେଉଁ ଭାଷାରେ ଉଦ୍ଦିଷ୍ଟ

| ଅଧିବେଶନ | ପ୍ରଥମ ଭାଷା | ଦ୍ୱିତୀୟ ଭାଷା | ତୃତୀୟ ଭାଷା | ମତାମତ |
|---|---|---|---|---|
| ୧. | ✓ | ✓ | ✓ | |
| ୨. | ✓ | ✓ | ✓ | |
| ୩. | ✓ | ✓ | ✓ | |
| ୪. | ✓ | ✓ | ✓ | |
| ୫. | ✓ | ✗ | ✗ | |
| ୬. | ✓ | ✗ | ✗ | |
| ୭. | ✓ | ✗ | ✗ | |
| ୮. | ✓ | ✗ | ✗ | |
| ୯. | ✓ | ✓ | ✓ | |
| ୧୦. | ✓ | ✓ | କେବଳ ହିନ୍ଦୀ | |
| ୧୧. | ✓ | ✗ | ✗ | |
| ୧୨. | ✓ | ✗ | ✗ | |
| ୧୩. | ✓ | ✓ | ✓ | |
| ୧୪. | ✓ | ✓ | ✓ | |
| ୧୫. | ✓ | ✓ | ✓ | |
| ୧୬. | ✓ | ✓ | ✓ | |
| ୧୭. | ✓ | ✓ | କେବଳ ହିନ୍ଦୀ | |
| ୧୮. | ✓ | ✓ | ✓ | |
| ୧୯. | ✓ | ✓ | ✓ | |
| ୨୦. | ✓ | ✓ | କେବଳ ହିନ୍ଦୀ | |
| ୨୧. | ✓ | ✓ | ✓ | |
| ୨୨. | ✓ | ✓ | ✓ | |
| ୨୩. | ✓ | ✓ | ✓ | |

## ଅଧିବେଶନ-୧
## ସ୍ମୃତିରେ ସାହିତ୍ୟ ସୃଜନୀ

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୧ | ୪୫ ମିନିଟ୍ |

**ଉଦ୍ଦେଶ୍ୟ** ବିଗତ ବର୍ଷରେ ସାହିତ୍ୟ ସୃଜନୀର ଗତିବିଧିଗୁଡ଼ିକର ସ୍ମୃତିଚାରଣ କରିବା ସହିତ ଏହି ଶିକ୍ଷା ବର୍ଷ ପାଇଁ ସାହିତ୍ୟ ସୃଜନୀର ଗତିବିଧିକୁ ଆହୁରି ଆକର୍ଷଣୀୟ, ଶିକ୍ଷଣୀୟ ଓ ମଜାଦାର କରିବା ।

### ଆବଶ୍ୟକୀୟ ଉପକରଣ

ପୂର୍ବ ବର୍ଷରେ ସାହିତ୍ୟ ସୃଜନୀ ଅଧୀନରେ କରାଯାଇଥିବା ଗତିବିଧିଗୁଡ଼ିକର ଫଟୋ ଏବଂ ଭିଡିଓ, A4 ସାଇଜ୍ କାଗଜ, ସ୍କେଚ ପେନ, ସ୍ମାର୍ଟ ବୋର୍ଡ ପେନ୍, ପେନ୍‌ସିଲ୍, ପାଠ୍ୟପୁସ୍ତକ, ଖବରକାଗଜ, କଇଁଚି, ଅଠା ଇତ୍ୟାଦି ।

### ପୂର୍ବ ପ୍ରସ୍ତୁତି

ଶିକ୍ଷକ ପୂର୍ବରୁ ବିଗତ ବର୍ଷର ଗତିବିଧିଗୁଡ଼ିକର ଫଟୋ ଓ ଭିଡିଓକୁ ସଙ୍କଳିତ କରି ସ୍ମାର୍ଟ ବୋର୍ଡରେ ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରି ରଖିଥିବେ ।

### ମୁଁ, ସାହିତ୍ୟ ସୃଜନୀ ଓ ମୋର ପ୍ରଥମ ଅନୁଭୂତି — ୩୫ ମିନିଟ୍

**ଶ୍ରେଣୀ ପରିଚାଳନା -**

- ଶିକ୍ଷକ ପ୍ରଥମେ ସାହିତ୍ୟ ସୃଜନୀକୁ ନେଇ ନିଜର ସୁନ୍ଦର ଅନୁଭୂତିରୁ ଶିକ୍ଷାର୍ଥୀମାନଙ୍କୁ କିଛି ଘଟଣା କହିବେ ।
- କିଛି ଶିକ୍ଷାର୍ଥୀ ସେମାନେ ଅନୁଭବ କରିଥିବା ସାହିତ୍ୟ ସୃଜନୀର ମଧୁର ମୁହୂର୍ତ୍ତ ବିଷୟରେ କହିବେ ।
- ତାପରେ ପୂର୍ବରୁ ସଂଗ୍ରହ କରି ରଖିଥିବା ବିଗତ ବର୍ଷର ଫଟୋ ଏବଂ ଭିଡିଓଗୁଡ଼ିକ ସ୍ମାର୍ଟ ବୋର୍ଡ ମାଧ୍ୟମରେ ଦେଖାଇବେ ଓ ପୁଣିଥରେ କାର୍ଯ୍ୟକଳାପଗୁଡ଼ିକ ମନେ ପକାଇବା ପାଇଁ କହିବେ ।

**ଫଟୋ ଓ ଭିଡିଓଗୁଡ଼ିକ ଦେଖିସାରିବା ପରେ ଶିକ୍ଷାର୍ଥୀମାନଙ୍କୁ ନିମ୍ନ ସୂଚନା ଦେବେ-**

- 'ମୁଁ ଆଶା କରୁଛି ଗତ ବର୍ଷ ଆମେ କରିଥିବା କାର୍ଯ୍ୟକଳାପ ପୁଣିଥରେ ତୁମ ମନରେ ତାଜା ହୋଇଯାଇଥିବ, ଏବେ ଆସ ଆମେ ଦଳରେ ତାକୁ ମନେପକେଇବା ପାଇଁ ଚେଷ୍ଟା କରିବା' ।
- ଏହାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୫/୬ଟି ଦଳରେ ଭାଗକରି ପ୍ରତ୍ୟେକ ଦଳକୁ A4 ସାଇଜ୍ କାଗଜ ଦେବେ ଓ ପ୍ରତ୍ୟେକ ଶିକ୍ଷାର୍ଥୀ ସାହିତ୍ୟ ସୃଜନୀର କାର୍ଯ୍ୟକଳାପ ମାଧ୍ୟମରେ କ'ଣ ଶିଖିଲା କିମ୍ବା ତାର କ'ଣ ଲାଭ ହେଲା ତାକୁ କାଗଜରେ ଲେଖିବା ପାଇଁ କହିବେ ।



- ଦଳରୁ ଜଣେ ଶିକ୍ଷାର୍ଥୀ ଦଳର ନେତୃତ୍ୱ ନେବେ ଓ ଦଳର ପ୍ରତ୍ୟେକ ଶିକ୍ଷାର୍ଥୀ ବ୍ୟକ୍ତିଗତଭାବରେ ଯାହା କହିବେ ତାକୁ ଦଳର ନେତୃତ୍ୱ ନେଇଥିବା ଶିକ୍ଷାର୍ଥୀ ଜଣଙ୍କ ଲେଖିବେ । ଏଥି ପାଇଁ ୧୦ ମିନିଟ ସମୟ ଦିଆଯିବ ।

- ସମସ୍ତ ଦଳ ଉପରୋକ୍ତ କାର୍ଯ୍ୟ ସାରିବା ପରେ ଶିକ୍ଷକ ଗୋଟିଏ ପରେ ଗୋଟିଏ ସମସ୍ତ ଦଳକୁ ତାଙ୍କର ଲେଖା ଉପସ୍ଥାପନା କରିବାକୁ କହିବେ ।
- ଉପସ୍ଥାପନା ସମୟରେ 'ମୋ କଥା ମୋ କାହାଣୀ' ରଚିଥିବା ବିଶ୍ୱ ରେକର୍ଡ ବିଷୟ ନିଶ୍ଚିତ ଆସିବ, ଯଦି ନ ଆସେ ତେବେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗିନିଜ ୱାର୍ଲଡ ରେକର୍ଡ କଥା ମନେ ପକେଇଦେବେ । ସମସ୍ତ ଶିକ୍ଷାର୍ଥୀମାନଙ୍କୁ ତାଙ୍କର ଉଦ୍ୟମ ଓ ଭଲ କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇ ଉତ୍ସାହିତ କରିବେ ।
- ତାପରେ ଶିକ୍ଷକ ଏବର୍ଷ ସାହିତ୍ୟ ସୃଜନୀରେ କଣ ଅଧିବେଶନ ସବୁ ରହିଛି ତା ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବେ ।
- ଶିକ୍ଷାର୍ଥୀମାନେ ଯଦି ସାହିତ୍ୟ ସୃଜନୀକୁ ନେଇ ବିଦ୍ୟାଳୟ ସ୍ତରରେ କିଛି ଅଭିନବ ଓ ସ୍ୱତନ୍ତ୍ର ଜିନିଷ କରିବାକୁ ଚାହୁଁଛନ୍ତି ତେବେ ତାହା କହିବା ପାଇଁ ଉତ୍ସାହିତ କରିବେ ।
- ଶିକ୍ଷାର୍ଥୀମାନଙ୍କର ପ୍ରସ୍ତାବ ଯଦି ଆକର୍ଷଣୀୟ ଓ ଉପଯୋଗୀ ହୋଇଥିବ ତେବେ ତାହା ନିଶ୍ଚିତ ଭାବେ ଲେଖି ରଖିବେ । ପରବର୍ତ୍ତୀ ସମୟରେ ବିଦ୍ୟାଳୟ ସ୍ତରରେ ତାହା କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିବେ ।

ଅଧିବେଶନ ଶେଷରେ ଶିକ୍ଷକ ସମସ୍ତଙ୍କୁ ତାଙ୍କ ସହିତ ନିମ୍ନ ଗୀତଟିକୁ ଗାଇବା ପାଇଁ କହିବେ ଓ ସମସ୍ତେ ଏକ ସ୍ୱରରେ ବଡ଼ ପାଟିରେ ଏହି ଗୀତଟିକୁ ଗାଇ ଅଧିବେଶନ ସମାପ୍ତ କରିବେ ଓ (ପୂର୍ବରୁ ଗୀତଟିକୁ ସ୍ମାର୍ଟବୋର୍ଡ ବା ହ୍ୱାଇଟ୍ ବୋର୍ଡରେ ଲେଖା ହୋଇଥିବ)

**ସମୟ – ୧୦ ମିନିଟ୍**

ନୂଆ ରୂପେ ଉଭା ହେଲା ଆସି କାର୍ଯ୍ୟକ୍ରମ ନୂଆ ଏକ
ସାହିତ୍ୟ ସୃଜନୀ ନାଁ ଥିଲା ତାର ରଖିଲା ଭାଷାର ଟେକ ।
ଭାଷା ପ୍ରତି ଶିକ୍ଷାର୍ଥୀ ଆକର୍ଷିତ ହେବେ ବଢ଼ିବ ସୃଜନଶୀଳତା
ଶିକ୍ଷାର୍ଥୀଏ ଲେଖିବେ ନିଜ ଅନୁଭୂତି, କାହାଣୀ ଆଉ କବିତା ।
ପୁସ୍ତକ ସମୀକ୍ଷା ଶିଖିଲେ ଶିକ୍ଷାର୍ଥୀଏ କଲେ ନୂଆ ଗତିବିଧି
କାହାଣୀ କବିତା ଚିତ୍ରକଳା ଆଉ ନାଟକ ରଚନା ଆଦି ।
ବିଶ୍ୱ ସ୍ତରରେ ସାହିତ୍ୟ ସୃଜନୀ ରଚି ଗଲା ଇତିହାସ
ଶିକ୍ଷାର୍ଥୀଙ୍କ ଓଠେ "ମୋ କଥା ମୋ କାହାଣୀ" ଫୁଟାଇ ଥିଲା ଯେ ହସ ।
ଏଥରକ ମଧ୍ୟ ସାହିତ୍ୟ ସୃଜନୀ ଆଣିଅଛି ନୂଆ କିଛି
ଲୁଚି ରହିଥିବା ପ୍ରତିଭାକୁ ମୋର ହାତ ଠାରି ଡାକୁଅଛି ।
ପୁସ୍ତକ ସମୀକ୍ଷା ସହ ଶିଖିବାର କେତେ କେତେ ନୂଆ କଥା
ମଜାରେ ମଜାରେ ଶିଖାଇବ ମତେ ହେବି ମୁଁ ଜଗତଜିତା ।
ଆଉ କେତେ କଥା ଲେଖିଯିବି ମୁହିଁ ଗଢ଼ିବି ନୂଆ କାହାଣୀ
ଭାବି ନଥିଲି ମୁ ସାହିତ୍ୟ ସୃଜନୀ କରିଦେବ ମତେ ଋଣୀ ।
ସୁଝି ପାରିବିନି ଋଣକୁ ତୋହର ଶିଖାଇଲୁ କଥା କେତେ
ଶୋଇ ରହିଥିବା ପ୍ରତିଭାକୁ ମୋର ଜଗାଇ ଦେଲୁ କି ସତେ ।
ଚାହିଁ ରହିଥିଲି ତୋ ଆସିବା ବାଟ ଶିଖିବି ମୁଁ କଥା ନୂଆ
କଥା ଦେଉଅଛି ସାହିତ୍ୟ ସୃଜନୀ ରଖିବି ତୋହରି ନାଁ ।
କଥା ଦେଉଅଛି ସାହିତ୍ୟ ସୃଜନୀ ରଖିବି ତୋହରି ନାଁ ।
କଥା ଦେଉଅଛି ସାହିତ୍ୟ ସୃଜନୀ ରଖିବି ତୋହରି ନାଁ ।

## ଗୃହକାର୍ଯ୍ୟ

ସାହିତ୍ୟ ସୃଜନୀର ପୂର୍ବ ବର୍ଷର ଅନୁଭୂତିକୁ ନେଇ ପ୍ରତ୍ୟେକ ଶିକ୍ଷାର୍ଥୀ ଚିତ୍ର, କାହାଣୀ କିମ୍ବା କବିତା ଲେଖିକି ଆଣିବେ ଓ ଏହି ଲେଖା ଓ ଚିତ୍ରଗୁଡ଼ିକୁ ନେଇ ପ୍ରାଚୀର ପତ୍ରିକାରେ ସ୍ଥାନିତ କରିବେ ।



## ଅଧିବେଶନ-୨
## ସମୀକ୍ଷା ପୁଣିଥରେ

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୨ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ପୁସ୍ତକ ସମୀକ୍ଷାର ବିଭିନ୍ନ ଦିଗ ଗୁଡ଼ିକୁ ପୁନଃ ଆଲୋଚନା ମାଧ୍ୟମରେ ଭଲ ଭାବରେ ବୁଝିପାରିବେ ।
- ଶିକ୍ଷାର୍ଥୀମାନେ ସଫଳ ଭାବରେ ଉନ୍ନତ ମାନର ପୁସ୍ତକ ସମୀକ୍ଷା କରିବାରେ ସକ୍ଷମ ହେବେ ।

### ଆବଶ୍ୟକୀୟ ଉପକରଣ

ଏ ୪ ସାଇଜ କାଗଜ, ପେନ, ପେନ୍ସିଲ, ବୋର୍ଡ ଦ୍ୱାରା ପ୍ରଦତ୍ତ ପୁସ୍ତକ ସମୀକ୍ଷା ଫର୍ମାଟ. ସ୍ମାର୍ଟ ବୋର୍ଡ, The Village Judgeର ଭିଡିଓ ଲିଙ୍କ

The Village Judge
https://rb.gy/iox9os

### ପୂର୍ବ ପ୍ରସ୍ତୁତି

- ସ୍ମାର୍ଟ ବୋର୍ଡର କାର୍ଯ୍ୟକାରିତା ଓ ଛାତ୍ରଛାତ୍ରୀଙ୍କ ବସିବା ସ୍ଥାନ ନିଶ୍ଚିତ କରିବେ ।
- ଆବଶ୍ୟକ କ୍ଷୁଦ୍ର ଚଳଚ୍ଚିତ୍ର ସଂଗ୍ରହ କରି ରଖିବେ (The Village Judge)
- ଆଲୋଚନା କରିବା ବୋର୍ଡ ଦ୍ୱାରା ପ୍ରଦତ୍ତ ପୁସ୍ତକ ସମୀକ୍ଷା ଫର୍ମାଟର ୫ଟି ଦଳ ପାଇଁ ୫ଟି ସେଟ ଜେରକ୍ସ କରି ରଖିଥିବେ

### ଶ୍ରେଣୀ ପରିଚାଳନା

ଶିକ୍ଷକ ୯ମ ଶ୍ରେଣୀର ପୁସ୍ତକ ସମୀକ୍ଷା ଅଧିବେଶନ ୧କୁ ମନେ ପକେଇ ଏହି ଅଧିବେଶନର ଆରମ୍ଭ କରିପାରିବେ ।

ଶିକ୍ଷକ – ପିଲାମାନେ ଗତବର୍ଷ ଆମେ ସମସ୍ତେ ଗୋଟିଏ ଗୋଟିଏ ନିଜ ପସନ୍ଦର ପୁସ୍ତକ ଚୟନ କରି ସମୀକ୍ଷା କରିଥିଲେ । କିଏ କେଉଁ ବହି ସମୀକ୍ଷା କରିଥିଲେ କାହା କାହାର ମନେ ଅଛି ?

ଆମେ କେଉଁ କେଉଁ ଦିଗକୁ/ସୂଚକକୁ ନେଇ ପୁସ୍ତକ ସମୀକ୍ଷା କରିଥିଲେ, କାହାର ମନେ ଅଛି ?

ମନେପକେଇ ଦେବାପାଇଁ ଶିକ୍ଷକ ନିମ୍ନଲିଖିତ ସୂଚନା ଦେଇପାରିବେ :

- ପୁସ୍ତକ ସମୀକ୍ଷା ଆମେ ୧୦ ପୃଷ୍ଠା ବିଶିଷ୍ଟ କରିଥିଲେ ।
- ପ୍ରଥମ ପୃଷ୍ଠାରେ ସମୀକ୍ଷା କରାଯାଉଥିବା ବହିର ନାମ, ନିଜ ନାମ, ଶ୍ରେଣୀ ଓ ବିଦ୍ୟାଳୟର ନାମ ଇତ୍ୟାଦି ଲେଖୁଥିଲେ ।

ଏଭଳି କିଛି ସୂଚନା ଦେବାପରେ ଶିକ୍ଷାର୍ଥୀମାନଙ୍କୁ ବାକି ପୃଷ୍ଠାର ଶୀର୍ଷକ ମନେ ପକେଇବା ପାଇଁ କହିବେ । ପିଲାମାନେ କିଛି କିଛି ମନେ ପକେଇବା ପରେ ୧୦ଟି ଯାକ ପୃଷ୍ଠାର ଶୀର୍ଷକ ସ୍ମାର୍ଟ ବୋର୍ଡରେ ପ୍ରଦର୍ଶିତ କରି ଗୋଟି ଗୋଟି କରି ବିସ୍ତୃତ ଭାବରେ ପିଲାଙ୍କ ସହ ଆଲୋଚନା କରିବେ ।

**ଶିକ୍ଷକ-** ପିଲାମାନେ ଗତବର୍ଷ ଆମେ 'ମାଳଗୁଡି ଡେଜ'ର 'ଏ ହିରୋ' ଚଳଚ୍ଚିତ୍ରଟି ଦେଖି ଆଲୋଚନା ମାଧ୍ୟମରେ ସମୀକ୍ଷା କରିବା ଶିଖିଥିଲେ । ଏଥର ମଧ୍ୟ ଗୋଟିଏ ଚଳଚ୍ଚିତ୍ର ଦେଖିବା ଓ ସମୀକ୍ଷାର ବିଭିନ୍ନ ଦିଗକୁ ନେଇ ଏହା ଉପରେ ଆଲୋଚନା କରିବା ଓ ସମୀକ୍ଷା କ'ଣ ବୁଝିବା ପାଇଁ ଚେଷ୍ଟା କରିବା

ଚଳଚ୍ଚିତ୍ରଟି ଦେଖିବା ପୂର୍ବରୁ ଶିକ୍ଷକ ସମସ୍ତ ଛାତ୍ରଛାତ୍ରୀଙ୍କୁ ୫/୬ ଟି ଦଳରେ ଭାଗ କରିଦେବେ ଓ ପ୍ରତ୍ୟେକ ଦଳକୁ ପୁସ୍ତକ ସମୀକ୍ଷା ର ଗୋଟିଏ ଗୋଟିଏ ଫର୍ମାଟ ଦେବେ ।

## ଚଳଚ୍ଚିତ୍ର ଦେଖିବା ସମୀକ୍ଷା ଶିଖିବା

ଏହା ପରେ ସମସ୍ତେ ମିଶି 'The Village Judge' ଚଳଚ୍ଚିତ୍ରଟିକୁ ଦେଖିବେ ଓ ଦେଖି ସାରିବା ପରେ ସମୀକ୍ଷା ଫର୍ମାଟର ପୃଷ୍ଠା ଆଧାରରେ ସମୀକ୍ଷା କରିବେ।

ପ୍ରତ୍ୟେକ ପ୍ରଶ୍ନ ପାଇଁ ପ୍ରତ୍ୟେକ ଦଳରୁ ଅନ୍ତତଃ ଜଣେ ନିଶ୍ଚିତ ଭାବରେ ମତାମତ ରଖିବେ । ଦଳ ମଧ୍ୟରୁ ଜଣେ ମତାମତ ଦେବା ପରେ ଆଉ ଗୋଟିଏ ପ୍ରଶ୍ନ ପାଇଁ ଆଉ ଜଣେ ମତାମତ ରଖିବେ । ଏଭଳି ସମୀକ୍ଷା ସମୟରେ ପ୍ରତ୍ୟେକ ପିଲା ଯେପରି ଭାଗ ନେବେ ତାହା ଶିକ୍ଷକ ନିଶ୍ଚିତ କରିବେ।

ଶେଷରେ ଶିକ୍ଷକ ନିମ୍ନ ପ୍ରଶ୍ନାବଳୀକୁ ଦଳରେ ଆଲୋଚନା କରି ଲେଖିବା ଓ ଦଳଗତ ଉପସ୍ଥାପନା କରିବା ପାଇଁ ପ୍ରତ୍ୟେକ ଦଳକୁ ସୂଚନା ଦେବେ।

- ତୁମେ ଏହି ଚଳଚ୍ଚିତ୍ରଟି ପସନ୍ଦ କଲ କି ? କାହିଁକି ପସନ୍ଦ କଲ କିମ୍ବା କାହିଁକି ପସନ୍ଦ କଲ ନାହିଁ ?
- ଏହି ଚଳଚ୍ଚିତ୍ରର କେଉଁ ଅଂଶ ତୁମକୁ ଅଧିକ ଭଲ ଲାଗିଲା ଓ କାହିଁକି ?
- ଏହି ଚଳଚ୍ଚିତ୍ରର କେଉଁ ଅଂଶ ତୁମକୁ ଭଲ ଲାଗିଲା ନାହିଁ ଓ କାହିଁକି ?

ଦଳଗତ ଉପସ୍ଥାପନା ପରେ ଶିକ୍ଷକ ସମସ୍ତେ ଏହି ବର୍ଷ ପାଇଁ ପୁସ୍ତକ ଚୟନ କରିବା ଓ ପ୍ରଦତ୍ତ ଫର୍ମାଟ ଆଧାରରେ ପୁସ୍ତକ ସମୀକ୍ଷା କରିବା ପାଇଁ ସୂଚନା ଦେବେ।

## ଗୃହକାର୍ଯ୍ୟ

ସମସ୍ତ ଛାତ୍ରଛାତ୍ରୀ ଏବର୍ଷର ପୁସ୍ତକ ସମୀକ୍ଷା ପାଇଁ ଚୟନ କରିଥିବା ବହିର ସଂକ୍ଷିପ୍ତ ସାରାଂଶ ଲେଖିକି ଆଣିବେ ଓ ଶିକ୍ଷକଙ୍କ ପାଖରେ ଜମାଦେବେ।



## ଅଧିବେଶନ-୩
## ବହି ମୋର ଅତି ନିଜର

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୩ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଛାତ୍ରଛାତ୍ରୀମାନେ ପୁସ୍ତକ ପଠନ ପ୍ରତି ଆଗ୍ରହୀ ହେବେ ଓ ପୁସ୍ତକ ପଠନର ଉପକାରିତାକୁ ବୁଝିବେ ।
- ଛାତ୍ରଛାତ୍ରୀମାନଙ୍କର ପଠନ ଦକ୍ଷତାର ବିକାଶ ହେବ ।

### ଆବଶ୍ୟକୀୟ ଉପକରଣ

- ଛୋଟ ଛୋଟ ଗଳ୍ପ ୧୦ ଗୋଟିର ଗୋଟିଏ ସେଟ ଓ ଏଭଳି ପାଞ୍ଚଟି ସେଟ
- ଏ୪ ସାଇଜ କାଗଜ, ପେନ, ପେନସିଲ, ସ୍କେଚ ପେନ, ସ୍ମାର୍ଟ ବୋର୍ଡ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ଲାଇବ୍ରେରୀର ବହି ବ୍ୟବହାର କରି ସେମଧ୍ୟରୁ ୧୦ଟି ଛୋଟ ଛୋଟ ଗଳ୍ପ ଚୟନ କରି ତାର ଏକ ସେଟ ଜେରକ୍ସ କରି ରଖିବେ । ୫ଟି ଦଳ ପାଇଁ ଏଭଳି ୫ଟି ସେଟ କରିଥିବେ ।
- ୫ଟି ଦଳ ପାଇଁ ୫ଟି ବଡ଼ ଡ୍ରଇଂ ସିଟ ରଖିଥିବେ ଦଳଗୁଡ଼ିକର ନାମ ଲେଖି ଶ୍ରେଣୀ/ଲାଇବ୍ରେରୀ ଗୃହରେ ଲଗାଇବା ପାଇଁ ।
- ବହି ପଢ଼ିବାର ଉପାଦେୟତାଗୁଡ଼ିକୁ ପୂର୍ବରୁ ସ୍ମାର୍ଟ ବୋର୍ଡରେ ପ୍ରଦର୍ଶିତ କରିବା ପାଇଁ ଲେଖି ରଖିଥିବେ ।

### ବହି ମୋର ଅତି ନିଜର

ଶିକ୍ଷକ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନ ଆରମ୍ଭ କରିପାରିବେ

- ପିଲାମାନେ ତୁମେ ପାଠବହି ଛାଡ଼ି ଅନ୍ୟ କିଛି ବହି ପଢ଼ କି ? ଯଦି ହଁ ସେ ବହି ଗୁଡ଼ିକର ନାଁ କୁହ ।
- ପିଲାମାନେ କହିଥିବା ବହିଗୁଡ଼ିକର ନାମକୁ ଧଳା ବୋର୍ଡରେ ଲେଖିଦେଲା ପରେ ପୁଣି ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରିବେ ।
- ଏ ବହିଗୁଡ଼ିକ ଆମେ କାହିଁକି ପଢୁ ? ଏହାଦ୍ୱାରା ଆମର କ'ଣ ଲାଭ ହୁଏ ?

ବହି ପଠନର ଉପାଦେୟତାକୁ ଗୋଟି ଗୋଟି କହିବା ପାଇଁ ଶିକ୍ଷକ ପିଲାମାନଙ୍କୁ ଉତ୍ସାହିତ କରିବେ । ପିଲା କିଛି ଉପାଦେୟତା ସଫଳ ଭାବରେ କହିଲାପରେ ପୂର୍ବରୁ ସ୍ମାର୍ଟ ବୋର୍ଡରେ ଲେଖି ରଖିଥିବା ପୁସ୍ତକ ପଠନର ଉପାଦେୟତାକୁ ପ୍ରଦର୍ଶିତ କରି ପିଲାଙ୍କ ସହ ଗୋଟି ଗୋଟି କରି ଆଲୋଚନା କରିବେ ।

ଶିକ୍ଷକ – ଆଜି ଆମେ ଜାଣିଲେ ଯେ ବିଭିନ୍ନ ପ୍ରକାରର ବହି ପଢ଼ିବା ଦ୍ୱାରା ଆମର କେତେ ଲାଭ ହୁଏ । ତେଣୁ ଆଜିଠୁ ଆମେ ନିୟମିତ ଭାବରେ ବହି ପଢ଼ିବା ଅଭ୍ୟାସ କରିବା ଏବଂ ଏଥିପାଇଁ ଆମେ ଆଜି ବିଭିନ୍ନ ଦଳ ଗଠନ କରିବା ।

ଶିକ୍ଷକ ଶ୍ରେଣୀର ସମସ୍ତ ପିଲାକୁ ୫ଟି ଦଳରେ ଭାଗ କରିଦେବେ । ପ୍ରତ୍ୟେକ ଦଳକୁ ତାଙ୍କ ଦଳର ନାମ କ'ଣ ରହିବ ଦଳରେ ଆଲୋଚନା କରି ସ୍ଥିର କରିବା ପାଇଁ କହିବେ ।

୫ଟି ଯାକ ଦଳର ନାମ ନିର୍ଦ୍ଧାରିତ ହେଲାପରେ ସେଗୁଡ଼ିକୁ ପୂର୍ବରୁ ରଖିଥିବା ବଡ଼ ଡ୍ରଇଂ ସିଟର ଉପରେ ଲେଖିଦେଇ ଶ୍ରେଣୀ/ଲାଇବ୍ରେରୀ କୋଠରୀର ବିଭିନ୍ନ କୋଣରେ ଲଗେଇ ଦେବେ ।

ଶିକ୍ଷକ– ଆଜି ଆମେ ଦଳଦଳ ମଧ୍ୟରେ "ଆସ ବହି ପଢ଼ିବା" ପ୍ରତିଯୋଗିତା କରିବା । ଯେଉଁ ଦଳ ସବୁଠୁ ବେଶୀ ଗଳ୍ପ ପଢ଼ିପାରିବ ସେହି ଦଳ ବିଜୟୀ ହେବ ।

ଏହା ପରେ ଶିକ୍ଷକ ପୂର୍ବରୁ ରଖିଥିବା ୧୦ଟି ଛୋଟ ଛୋଟ ଗଳ୍ପର ୫ଟି ସେଟରୁ ସମସ୍ତ ଦଳକୁ ଗୋଟିଏ ଗୋଟିଏ ସେଟ ବାଣ୍ଟି ଦେବେ ।

ଗଳ୍ପ ପଠନ ପାଇଁ ଦଳମାନଙ୍କୁ ୨୦ ମିନିଟ ସମୟ ଦିଆଯିବ ।

ଏହି ସମୟ ମଧ୍ୟରେ ସେମାନେ ଅଧିକରୁ ଅଧିକ ଗଳ୍ପ ପଢିବା ପାଇଁ ଚେଷ୍ଟା କରିବେ । ପ୍ରତ୍ୟେକ ଦଳ ଆସ ବହି ପଢ଼ିବା ପ୍ରତିଯୋଗିତା ପାଇଁ ନିଜ ମଧ୍ୟରେ ଆଲୋଚନା କରି ନିଜ ନିଜ ଦଳର ରଣନୀତି ନିଜେ ପ୍ରସ୍ତୁତ କରିବେ ।

ଶିକ୍ଷକ ପ୍ରତ୍ୟେକ ଦଳକୁ ଗୋଟିଏ ଏ ୪ ସାଇଜ କାଗଜ ଏବଂ ସ୍କେଚ ପେନ ଦେବେ । ଗଳ୍ପଟି ପଢ଼ି ସାରିବା ପରେ ଦଳମାନେ ଉକ୍ତ ଏ୪ କାଗଜରେ ଗଳ୍ପ ବିଷୟରେ ନିମ୍ନ ସୂଚନା ପ୍ରଦାନ କରିବେ ।

ଯେଉଁ ଦଳ ସବୁଠୁ ବେଶୀ ଗଳ୍ପ ପଢ଼ି ସଠିକ ସୂଚନା ପ୍ରଦାନ କରିଥିବା ସେ ଦଳ ଏହି ଖେଳର ବିଜୟୀ ହେବ ।

| ଗଳ୍ପର ନାମ | ଗଳ୍ପର ଚରିତ୍ରଗୁଡ଼ିକ | ଗଳ୍ପର ସଂକ୍ଷିପ୍ତ ସାରାଂଶ (ଗୋଟିଏ ସଂକ୍ଷିପ୍ତ ଅନୁଚ୍ଛେଦ) |
|---|---|---|
| | | |


## ମାସିକ କାର୍ଯ୍ୟାବଳୀ

ଶିକ୍ଷକ କହିବେ ଆଜି ଭଳି ଆମେ ଏବେ ନିୟମିତ ଏଭଳି ଗଳ୍ପ/ବହି ପଢ଼ିବା ପ୍ରତିଯୋଗିତା କରିବା । ଏହି ପ୍ରତିଯୋଗିତା ନିମ୍ନ ନିୟମାବଳୀ ଆଧାରରେ ଆୟୋଜନ ହେବ ।

- ପ୍ରତ୍ୟେକ ମାସରେ ଦଳ ଦଳ ମଧ୍ୟରେ ବହି ପଢ଼ିବା ପ୍ରତିଯୋଗିତା ହେବ ।
- ମାସ ପ୍ରାରମ୍ଭରେ ପ୍ରତ୍ୟେକ ଦଳ ନିଜ ନିଜର ଯୋଜନା ପ୍ରସ୍ତୁତ କରିବେ ଏବଂ ଦଳ ଭିତରେ ଆଲୋଚନା କରି ସେହି ମାସରେ ସମସ୍ତେ ମିଶି କେତେ ବହି ପଢ଼ି ପାରିବେ ତାହା ନିର୍ଦ୍ଧାରଣ କରିବେ ।
- ଦଳରେ ଯଦି ୧୦ ଜଣ ସଦସ୍ୟ ଅଛନ୍ତି ଓ ପ୍ରତ୍ୟେକ ସଦସ୍ୟ ଗୋଟିଏ ଗୋଟିଏ ବହି ପଢ଼ନ୍ତି ତେବେ ତାଙ୍କର ସେହି ମାସ ପାଇଁ ବହି ପଢ଼ିବା ସଂଖ୍ୟା ୧୦ ବୋଲି ଗଣନା କରାଯିବ । ବହି ପଢ଼ିବା ପରେ କିନ୍ତୁ ପ୍ରତ୍ୟେକ ସଦସ୍ୟ ବହି ବିଷୟରେ ପ୍ରଦତ୍ତ ଫର୍ମାଟ ଆଧାରରେ ସୂଚନା ନିଶ୍ଚିତ ପ୍ରଦାନ କରିବେ ନହେଲେ ତାହା ଗଣନାରେ ସାମିଲ ହେବ ନାହିଁ ।
- ପ୍ରତ୍ୟେକ ମାସର ୨ ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇ ସେହି ମାସର ୩୦/୩୧ ତାରିଖ ଯାଏ ଏହି ପ୍ରତିଯୋଗିତା ଚାଲୁ ରହିବ ।
- ୩୧ ତାରିଖ ସୁଦ୍ଧା ଶିକ୍ଷକ ସମସ୍ତ ଦଳର ପୁସ୍ତକ ପଠନ ସଂଖ୍ୟା ଓ ଏହା ଆଧାରିତ ସୂଚନା ଆଧାରରେ ସେହି ମାସ ପାଇଁ ଆସ ବହି ପଢିବା ପ୍ରତିଯୋଗିତାର ବିଜୟୀ ବୋଲି ଘୋଷଣା କରିବେ ।
- ୧ ତାରିଖ ଦିନ ପ୍ରାର୍ଥନା ସଭାରେ ପ୍ରଧାନ ଶିକ୍ଷକ ବିଜୟୀ ବୁକ କ୍ଲବର ନାମ ଘୋଷଣା କରିବେ । ଦଳର ପ୍ରତ୍ୟେକ ସଦସ୍ୟଙ୍କୁ ଗୋଟିଏ ସ୍ୱତନ୍ତ୍ର ବ୍ୟାଚ ପ୍ରଦାନ କରିବେ ଯାହା ସେମାନେ ସେହି ମାସ ସାରା ବିଦ୍ୟାଳୟ ସମୟରେ ଲଗାଇ ବୁଲିବେ ।
- ଏଭଳି ପ୍ରତ୍ୟେକ ମାସରେ ଏହି ପ୍ରତିଯୋଗିତା ଜାରି ରହିବ ।

## ଗୃହକାର୍ଯ୍ୟ

ପ୍ରତ୍ୟେକ ପିଲା ସେହି ମାସରେ ଅନ୍ତତଃ ଗୋଟିଏ ପୁସ୍ତକ ନିଶ୍ଚିତ ଭାବେ ପଢ଼ିବେ ।



## ପୁସ୍ତକ ପଠନର ଉପାଦେୟତା

- ନୂତନ ଜ୍ଞାନ ଆହରଣରେ ସହାୟକ
- ମସ୍ତିଷ୍କର ବ୍ୟାୟାମ ସହ ଉଚିତ ବ୍ୟବହାର
- ଧ୍ୟାନ ଓ ଏକାଗ୍ରତାରେ ବୃଦ୍ଧି
- ସ୍ମରଣ ଶକ୍ତିର ବିକାଶ
- ମାନସିକ ମନୋରଞ୍ଜନରେ ସହାୟକ
- ସହଯୋଗ ଓ ସହନଶୀଳତା ଭଳି ଦକ୍ଷତାର ବୃଦ୍ଧି
- ଭାବ ବିନିମୟ ଦକ୍ଷତାର ବୃଦ୍ଧି
- ମାନସିକ ଚାପ ହ୍ରାସ
- ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି
- ସୁସ୍ଥ ଜୀବନଯାପନରେ ସହାୟକ

## ଅଧିବେଶନ-୪
## କଥା ଓ ବକ୍ତୃତା (ତର୍କ)

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୪ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ପିଲାଙ୍କ ଭିତରେ ସର୍ବସାଧାରଣରେ କୌଣସି ବିଷୟରେ କିଛି କହିବା ପାଇଁ ଆତ୍ମବିଶ୍ୱାସ ବୃଦ୍ଧି ହେବ ।
- ପିଲାମାନେ ଅଭ୍ୟାସ ମାଧ୍ୟମରେ କହିବାର ଦକ୍ଷତା ବା କୌଶଳ ହାସଲ କରିବେ ।

### ଆବଶ୍ୟକ ଉପକରଣ

- ରୋଷେଇ ଘରେ ବ୍ୟବହୃତ ପନିକି(ଧାର ନ ଥିବା), କଡ଼େଇ, ଥାଳି, ଗିନା, ଚାମଚ, ଚା କପ, ମସଲା ଡବା, ଚଟୁ, ଡଙ୍କି, ପାତିଆ/ଖଡ଼ିକା, ବେଲଣା କାଠି ଏଭଳି କିଛି ଜିନିଷ ।
- ଘରେ ବ୍ୟବହୃତ ଅନ୍ୟାନ୍ୟ ଜିନିଷ-ପାନିଆଁ, ପାଉଡର, ସାବୁନ, ଚାବି, କ୍ୟାଣ୍ଡେଲ, ପାଣି ବୋତଲ, ଚଷମା, କାନ ଝୁମୁକା ଇତ୍ୟାଦି

(ଶିକ୍ଷକ ନିଜ ପସନ୍ଦର ଆହୁରି କିଛି ଜିନିଷ ସଂଗ୍ରହ କରିପାରିବେ । ପିଲାଙ୍କ ମାଧ୍ୟମରେ ପ୍ରତ୍ୟେକ ପିଲାଙ୍କୁ ଗୋଟିଏ ଗୋଟିଏ ଜିନିଷ ସଂଗ୍ରହ କରି ଆଣିବା ପାଇଁ କୁହାଯାଇପାରେ, ଆବଶ୍ୟକ ସ୍ଥଳେ ଉକ୍ତ ସାମଗ୍ରୀ ଗୁଡ଼ିକର ଖେଳନା ସଂଗ୍ରହ କରି ଏହା ଖେଳ ଖେଳାଯିବ) ।

- ଛୋଟ ଛୋଟ କାର୍ଡରେ ନିମ୍ନ ଲିଖିତ ଜିନିଷ ଲେଖି ରଖିଥିବେ
  - ଆମ ଗାଁ ଖେଳପଡ଼ିଆ
  - ଆମ ଗାଁ ପାଠାଗାର
  - ଆମ ଗାଁ ପୋଖରୀ
  - ଆମ ଗାଁ ଦୋକାନ
  - ଆମ ଗାଁ ପର୍ବ
- ଏଗୁଡ଼ିକୁ ପ୍ରଦର୍ଶନ କରିବା ପାଇଁ ଶିକ୍ଷକ ପୂର୍ବରୁ ସ୍ମାର୍ଟ ବୋର୍ଡରେ ଲେଖି ରଖିଥିବେ
- ଭାଷଣ ପାଇଁ ବ୍ୟବହୃତ ପୋଡ଼ିଅମ

### ଶ୍ରେଣୀ ପରିଚାଳନା

ପିଲାମାନେ ଆମେ ଆଜି ଏକ ମଜା ଖେଳ ଖେଳିବା . ଖେଳର ନାମ ହେଲା – 'ମୁଁ କିଏ ମୋ ନାମଟି କ'ଣ ? କହିବ କି ମୋର ତିନୋଟି ଗୁଣ ।।'

- ଶିକ୍ଷକ ସଂଗ୍ରହ କରିଥିବା ଜିନିଷଗୁଡ଼ିକ ଗୋଟିଏ ବଡ଼ କାର୍ଡବୋର୍ଡ ବକ୍ସରେ ରଖିଥିବେ । ଉକ୍ତ ବକ୍ସରେ ଉପର ପଟୁ ଏକ ବଡ଼ କଣା କରିଥିବେ ଯେଉଁଥିରେ ପିଲା ହାତ ଗଳେଇ କୌଣସି ଏକ ସାମଗ୍ରୀ ବାହାର କରି ପାରୁଥିବେ ।
- ଶ୍ରେଣୀରେ ରୋଲ ନମ୍ବର ଆଧାରରେ ଶିକ୍ଷକ ଚିରିକୁଟି ପ୍ରସ୍ତୁତ କରିଥିବେ । ତାକୁ ମଧ୍ୟ ଏକ ଛୋଟ ଡବାରେ ରଖିଥିବେ ଲଟେରୀ ପାଇଁ ।
- ଲଟେରୀରେ ଯେଉଁ ନମ୍ବର ଆସିବ ତାକୁ ଡକାଯିବ । ବକ୍ସରେ ହାତ ଗଳେଇ କୌଣସି ଏକ ଜିନିଷ ବାହାର କରିବାକୁ କୁହାଯିବ ।
- ଶିକ୍ଷାର୍ଥୀ ବାକ୍ସରୁ ଯେଉଁ ଜିନିଷ ବାହାର କରିବ ସେହି ଜିନିଷର ୩ଟି ଗୁଣ ବିଷୟରେ ସମସ୍ତଙ୍କୁ କହିବ ।
- ଲଟେରୀ ମାଧ୍ୟମରେ ସମସ୍ତ ପିଲା ଏହି ଖେଳରେ ଭାଗ ନେବେ ।

ସମୟକୁ ଦୃଷ୍ଟିରେ ରଖି ଶିକ୍ଷକ ଏହି ଖେଳକୁ ଅଧା ପିଲା ଖେଳିବା ପରେ ବନ୍ଦ କରିଦେଇ ପାରିବେ

## ପରବର୍ତ୍ତୀ ଗତିବିଧି

ଏହାପରେ ଶିକ୍ଷକ ସମସ୍ତ ପିଲାଙ୍କୁ ୧୦ଟି ଦଳରେ ଭାଗ କରିଦେବେ।

- ପରବର୍ତ୍ତୀ ଗତିବିଧି ୨ଟି ଦଳ ମଧ୍ୟରେ ପ୍ରତିଯୋଗିତା ଆଧାରରେ ସଂଚାଳନ କରାଯିବ।
- ସମସ୍ତ ୧୦ଟି ଦଳଙ୍କୁ ୫ଟି ଯୋଡ଼ିରେ ଭାଗ କରି ଶିକ୍ଷକ ଏହି ଖେଳ ଆରମ୍ଭ କରିପାରିବେ।
- ପ୍ରଥମରୁ ଶିକ୍ଷକ ଲେଖି ରଖିଥିବା ଆମ ଗାଁ ପାଠାଗାର, ଆମ ଗାଁ ଖେଳପଡ଼ିଆ, ଆମ ଗାଁ ପୋଖରୀ, ଆମ ଗାଁ ଦୋକାନ, ଆମ ଗାଁ ପର୍ବ, ପାତ୍ରକୁ ବ୍ୟବହାର କରି ଏହି ଗତିବିଧି କରିବେ।
- ପ୍ରଥମ ଦୁଇଟି ଦଳ ସାମ୍ନାକୁ ଆସିବେ । ଦୁଇ ଦଳ ମଧ୍ୟରୁ କୌଣସି ଏକ ଦଳ ପାତ୍ରରେ ହାତ ପୁରେଇ ଗୋଟିଏ କାର୍ଡ ଆଣିବେ । ଉକ୍ତ କାର୍ଡରେ ଯାହା ଲେଖାଥିବ ସେହି ବିଷୟ ସପକ୍ଷରେ ତିନୋଟି କଥା କହିବେ। ଆର ଦଳଟି ଉକ୍ତ ବିଷୟ ବିରୁଦ୍ଧରେ ତିନୋଟି କଥା କହିବେ । ଏଭଳି ୫ଟି ଯାକ ଯୋଡ଼ି ଉକ୍ତ ଖେଳକୁ ଖେଳିବେ।
- ଖେଳ ଖେଳି ସାରିବା ପରେ ଶିକ୍ଷକ ଡିବେଟ୍ ବା ତର୍କ ପ୍ରତିଯୋଗିତାର ସାଧାରଣ ନିୟମାବଳୀ କ’ଣ ଥାଏ ତାହା ପିଲାମାନଙ୍କୁ ବୁଝାଇବେ।
- ଏହି ଗତିବିଧିରେ ପ୍ରଧାନଶିକ୍ଷକ ଉପସ୍ଥିତ ରହିବେ । ଯେଉଁ ଦୁଇଟି ଦଳ ସବୁଠୁ ଭଲ ଆଲୋଚନା କରିବେ ତାଙ୍କୁ ଉତ୍ସାହିତ କରିବା ସହ ପୁରସ୍କୃତ କରିବେ।
- ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଏହି ପ୍ରତିଯୋଗିତା ସ୍କୁଲ, ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଆୟୋଜନ ହେବ ବୋଲି ପିଲାମାନଙ୍କୁ ସୂଚନା ଦେବେ।
- ଶିକ୍ଷକ ପ୍ରତ୍ୟେକ ଶନିବାର ଦିନ ପିଲାମାନଙ୍କୁ ନେଇ ଏହି ଭଳି ଗତିବିଧି କରିପାରିବେ । ତର୍କକୁ ଧୀରେ ଧୀରେ ଟିକେ ଜଟିଳ ଏବଂ ସାମ୍ପ୍ରତିକ ବିଷୟବସ୍ତୁ ଆଧାରରେ ଆୟୋଜନ କରିବେ।
- ଯେଉଁ ବିଷୟବସ୍ତୁ ଚୟନ କରିବେ ତା ବିଷୟରେ ପିଲାଙ୍କୁ ପୂର୍ବରୁ ସୂଚନା ଦେବେ ଯଦ୍ୱାରା ପିଲାମାନେ ପ୍ରସ୍ତୁତ ହୋଇ ତର୍କରେ ଭାଗ ନେଇପାରିବେ।

## ଗୃହକାର୍ଯ୍ୟ

ପ୍ରତ୍ୟେକ ପିଲା କାର୍ଡଗୁଡ଼ିକରେ ଲେଖାଯାଇଥିବା ବିଷୟବସ୍ତୁରୁ ଗୋଟିଏ ଚୟନ କରିବ । ତା ବିଷୟରେ ଘରୁ ପ୍ରସ୍ତୁତ ହୋଇ ଆସି ଶ୍ରେଣୀରେ ସମସ୍ତଙ୍କ ସାମ୍ନାରେ କହିବେ।



## ଅଧିବେଶନ-୫
## କାହାଣୀ, କେଉଁ ଆଡକୁ ନେଉଛି ଟାଣି

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୫ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କର ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ବୃଦ୍ଧି ପାଇବ।
- ଶିକ୍ଷାର୍ଥୀମାନଙ୍କର ଲିଖନ ଦକ୍ଷତାର ଅଭିବୃଦ୍ଧି ହେବ।
- ଶିକ୍ଷାର୍ଥୀମାନେ ଦଳରେ କାହାଣୀ ଲେଖିବା ଓ ପରବର୍ତ୍ତୀ ସମୟରେ ନିଜେ କାହାଣୀ ଲେଖିବାରେ ତଥା କହିବାରେ ସକ୍ଷମ ହେବେ।

### ଆବଶ୍ୟକୀୟ ଉପକରଣ

ଏହି ଅଧିବେଶନ ପାଇଁ ନିର୍ଦ୍ଧାରିତ ୪ ଗୋଟି ଭିଡିଓ(ଲିଙ୍କ)

- Tree 1 - https://moschool.in/wp-content/uploads/2024/04/Tree-1.mp4
- Tree 2 - https://moschool.in/wp-content/uploads/2024/04/Tree-2.mp4
- Story of a Boy 1 - https://moschool.in/wp-content/uploads/2024/04/Story-of-a-boy-1.mp4
- Story of a Boy 2 – http://moschool.in/wp-content/uploads/2024/05/Story-of-a-boy-2.mp4
- ଭିଡିଓ ପ୍ରଦର୍ଶନ ପାଇଁ ସ୍ମାର୍ଟବୋର୍ଡ ସହ ଉପଯୁକ୍ତ ସାଉଣ୍ଡ ବ୍ୟବସ୍ଥା
- A4 ସାଇଜ୍ କାଗଜ, ପେନସିଲ, କଲର ସ୍କେଚ ପେନ।

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ଏହି ଅଧିବେଶନ ପୂର୍ବରୁ ସ୍ମାର୍ଟବୋର୍ଡ ଏବଂ ସାଉଣ୍ଡ ବ୍ୟବସ୍ଥାର କାର୍ଯ୍ୟକାରିତା ନିଶ୍ଚିତ କରିଥିବେ।
- ଶିକ୍ଷକ ପୂର୍ବରୁ ନିର୍ଦ୍ଧାରିତ ଭିଡିଓଗୁଡ଼ିକର ଲିଙ୍କ ସଂଗ୍ରହ କରି କ୍ରମ ଅନୁସାରେ ସ୍ମାର୍ଟ ବୋର୍ଡରେ ସଜାଇ ରଖିଥିବେ।



### ଶ୍ରେଣୀ ପରିଚାଳନା-ସକ୍ରିୟାତ୍ମକ କାର୍ଯ୍ୟ — ୧୦ ମିନିଟ୍

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପ୍ରଥମେ ଠେକୁଆ ଓ କଇଁଛର ଗଳ୍ପ କେହି ଶୁଣିଛନ୍ତି କି ବୋଲି ପଚାରିବେ ଓ କୌଣସି ଏକ ଶିକ୍ଷାର୍ଥୀକୁ ଏହା କହିବା ପାଇଁ କହିବେ।
- ପରେ ଧୀରେ ଧୀରେ ସମୟ କ୍ରମେ ଏହି କାହାଣୀରେ କେମିତି ପରିବର୍ତ୍ତନ ଘଟିଛି କହିବେ ଏବଂ ଏହି କାହାଣୀ ପରିସ୍ଥିତି ଆଧାରରେ ଓ ନିଜ ସୁବିଧା ଅନୁସାରେ ଲୋକେ ପରିବର୍ତ୍ତନ କରିଛନ୍ତି ବୋଲି ଶିକ୍ଷାର୍ଥୀମାନଙ୍କୁ କହିବେ।
- ତାପରେ ଶିକ୍ଷାର୍ଥୀମାନଙ୍କୁ କହିବେ ଯେ ଆମେ ଆଜି ଏପରି କିଛି କାହାଣୀକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା କରିବା।

## ଶ୍ରେଣୀ ପରିଚାଳନା - ମୁଖ୍ୟ କାର୍ଯ୍ୟ

୩୫ ମିନିଟ୍

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଭିଡିଓ ଦେଖିବା ଓ ତା ଉପରେ କାହାଣୀ ଲେଖିବା ପାଇଁ ସୂଚନା ଦେବେ।
- ସମସ୍ତ ଶିକ୍ଷାର୍ଥୀମାନଙ୍କୁ ସଂଖ୍ୟା ଆଧାରରେ ୫/୬ ଟି ଦଳରେ ଭାଗ କରିବେ।
- ପ୍ରତ୍ୟେକ ଦଳକୁ ଏକ ଏ୪ ସାଇଜ୍ କାଗଜ ଓ କିଛି ସ୍କେଚ ପେନ ଦେବେ।
- ତାପରେ ସମସ୍ତଙ୍କୁ ଭିଡିଓ ପ୍ରଦର୍ଶନର ସୂଚନା ଦେଇ ଧ୍ୟାନର ସହ ଏହାକୁ ଦେଖିବାକୁ କହିବେ।
- ପ୍ରଥମ ଭିଡିଓ ଟ୍ରୀ -୧କୁ ସ୍ମାର୍ଟବୋର୍ଡ ଜରିଆରେ ପ୍ରଦର୍ଶନ କରିବେ।

ଭିଡିଓ ଦେଖି ସାରିଲା ପରେ ଶିକ୍ଷାର୍ଥୀମାନଙ୍କ ସହ ନିମ୍ନଲିଖିତ ପ୍ରଶ୍ନ ମାଧ୍ୟମରେ କଥାବାର୍ତ୍ତା ଆରମ୍ଭ କରିବେ।

- ଭିଡିଓରେ କେଉଁ କେଉଁ ଚରିତ୍ର ତୁମେମାନେ ଦେଖିବାକୁ ପାଇଲ ?
- କେଉଁ ଚରିତ୍ରଟି ଭିଡିଓରେ କ'ଣ କରୁଥିଲା ?
- ଭିଡିଓଟି କେଉଁ ଦୃଶ୍ୟ ଉପରେ ଆଧାରିତ ?
- ଏବେ ଯାଏ ଦେଖିଥିବା ଭିଡିଓରେ ତୁମକୁ କେଉଁ ଚରିତ୍ରଟି ମୁଖ୍ୟ ଚରିତ୍ର ଭଳି ଅନୁଭବ ହେଲା ଓ କାହିଁକି ?

ଏଭଳି କିଛି ସମୟ କଥାବାର୍ତ୍ତା ପରେ ଶିକ୍ଷକ ଏହି ଦୃଶ୍ୟରେ ଆଗକୁ କ'ଣ ଘଟି ଥାଇପାରେ ବୋଲି ସେମାନେ ଭାବୁଛନ୍ତି ଦଳରେ ଆଲୋଚନା କରି ଲେଖିବାକୁ କହିବେ।

- ଗଳ୍ପ ଲେଖିବାକୁ ଦଳଗୁଡ଼ିକୁ ୧୫ ମିନିଟ୍ ସମୟ ଦେବେ ଓ ସମସ୍ତ ଦଳ ଏହାକୁ ଲେଖିସାରିବା ପରେ ଜଣେ ଜଣେ କରି ଉପସ୍ଥାପନା କରିବେ।
- ସମସ୍ତ ଦଳର ଉପସ୍ଥାପନା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଭିଡିଓର ସମ୍ପୂର୍ଣ୍ଣ ଭାଗଟି ଟ୍ରୀ -୨ ପ୍ରଦର୍ଶନ କରିବେ।
- ଶିକ୍ଷାର୍ଥୀମାନେ ଦଳରେ ଲେଖିଥିବା ଓ କାହାଣୀରେ ଥିବା ଶେଷଭାଗ ବିଷୟରେ ସମ୍ୟକ ଆଲୋଚନା କରିବେ ଓ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଭାବରେ କାହାଣୀର ଶେଷ ଭାଗଟିକୁ ସମାପ୍ତ କରିବାରେ ସଫଳ ହୋଇଥିବାରୁ ଉତ୍ସାହିତ କରିବେ।

ଏହାପରେ ଶିକ୍ଷାର୍ଥୀମାନଙ୍କୁ ଆଉ ଗୋଟିଏ ଭିଡିଓ ଦେଖିବା ପାଇଁ କହିବେ।

- ଶିକ୍ଷକ ସ୍ମାର୍ଟବୋର୍ଡର ପୂର୍ବରୁ ନିର୍ଦ୍ଧାରିତ ଭିଡିଓ Story of Batti - ୧ ଟିକୁ ପ୍ରଦର୍ଶନ କରିବେ।
- ପ୍ରତ୍ୟେକ ଶିକ୍ଷାର୍ଥୀକୁ ଭିଡିଓଟିକୁ ଭଲ ଭାବରେ ଦେଖିବା ପାଇଁ କହିବେ ଓ ଆବଶ୍ୟକ ହେଲେ ଭିଡିଓଟିକୁ ଆଉଥରେ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରଦର୍ଶିତ କରିବେ।

ଏହାପରେ ଏହି ଭିଡିଓଟି ସମ୍ବନ୍ଧରେ ଶିକ୍ଷାର୍ଥୀମାନଙ୍କ ସହ ନିମ୍ନଲିଖିତ ପ୍ରଶ୍ନ ମଧ୍ୟମରେ ଆଲୋଚନା କରିବେ।

- ଏହି ଭିଡିଓଟିରେ ମୁଖ୍ୟ ଚରିତ୍ରଟି କିଏ ?କାହିଁକି ଏହା ଏକ ମୁଖ୍ୟ ଚରିତ୍ର ବୋଲି ତୁମେ ଭାବୁଛ ?
- ଏହି କାହାଣୀକୁ ଆଗକୁ ନେବାପାଇଁ ଆଉ କେଉଁ କେଉଁ ଚରିତ୍ରଗୁଡ଼ିକ ତୁମେ ଏହି ଭିଡିଓରେ ଦେଖିବାକୁ ପାଉଛ ?
- ଏହି କାହାଣୀ କେଉଁ ବିଷୟବସ୍ତୁ ଉପରେ ଆଧାରିତ ? ଏହି କାହାଣୀ ପାଇଁ ଉପଯୁକ୍ତ ନାମଟି କ'ଣ ହେବ ?

ଆଲୋଚନା ପରେ ଶିକ୍ଷକ ଏହି କାହାଣୀରେ ଆଗକୁ କ'ଣ ହୋଇଥାଇପାରେ ବୋଲି ଶିକ୍ଷାର୍ଥୀମାନଙ୍କୁ ପଚାରିବେ ଓ ଏହାକୁ ଗୃହକାର୍ଯ୍ୟ ଭାବରେ ସମସ୍ତେ ଘରୁ ଲେଖିକି ଆଣିବା ପାଇଁ କହିବେ।

## ଗୃହକାର୍ଯ୍ୟ

ଶିକ୍ଷାର୍ଥୀମାନେ ଦେଖିଥିବା ଭିଡିଓଟିର ଶେଷଭାଗ ନିଜ ହିସାବରେ ଘରୁ ଲେଖିକି ଆଣିବେ।



## ଅଧିବେଶନ-୬
## ଆସ କାହାଣୀକୁ ସମ୍ପୂର୍ଣ୍ଣ କରିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୬ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କ ପାଇଁ ମାନସମନ୍ଥନ, ସୃଜନଶୀଳ ଚିନ୍ତନ ଓ ଗଭୀର ଚିନ୍ତନର ସୁଯୋଗ ସୃଷ୍ଟିକରିବା ।
- ଶିକ୍ଷାର୍ଥୀମାନଙ୍କ ଭିତରେ ଲିଖନଦକ୍ଷତାର ବିକାଶ କରିବା ।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ କାଗଜ, ପେନ, ପେନସିଲ, ସ୍କେଚ ପେନ, ସ୍ମାର୍ଟ ବୋର୍ଡ ।
- କାହାଣୀ ଲେଖିବା ପାଇଁ ପୂର୍ବରୁ ନିର୍ଦ୍ଧାରିତ କିଛି କ୍ଷୁଦ୍ର ଅନୁଚ୍ଛେଦକୁ ଶିକ୍ଷକ ପୂର୍ବରୁ ବଡ଼ ଅକ୍ଷରରେ A4 ସାଇଜ୍ କାଗଜରେ ପ୍ରିଣ୍ଟ୍ କରିଥିବେ ।
- ପ୍ରତ୍ୟେକ ଅନୁଚ୍ଛେଦର ଦୁଇଟି ଲେଖାଏଁ କପି କରିଥିବେ ।
- ଲଟେରୀ ପାଇଁ ଗୋଟିଏ ପାତ୍ର ।

### ପୂର୍ବ ପ୍ରସ୍ତୁତି

ଶିକ୍ଷକ ସ୍ମାର୍ଟବୋର୍ଡ୍ ରେ ପୂର୍ବରୁ ନିମ୍ନ ଅନୁଚ୍ଛେଦଟିକୁ ଲେଖି ଆଣିଥିବେ ।

'ରବିବାର ସକାଳେ ବାଲକୋନୀରେ ବସି ପାଠ ପଢ଼ିବା ବେଳେ ହଠାତ୍ ଯତୀନ୍ ପେଟରେ ଗଭୀର ଯନ୍ତ୍ରଣା ଅନୁଭବ କଲା । ବହୁତ ଜୋରରେ ବ୍ୟଥା ହେଉଥାଏ । ଯତୀନ୍ ବଡ଼ ପାଟିରେ ମା' ମା' ବୋଲି ଚିତ୍କାର କଲା । ମା' ସେପଟେ ବାଥରୁମରେ ଥାଆନ୍ତି । ଯତୀନର ଡାକ ସେ ଶୁଣି ପାରୁନଥିଲେ । ମା' ନ ଶୁଣିବା ଦେଖି ଯତୀନ ତାର ସାନ ଭଉଣୀ ରୁନିକୁ ଡାକିଲା । କିନ୍ତୁ ରୁନି ମଧ୍ୟ ଆସିଲା ନାହିଁ । ଯତୀନର ପେଟ ଯନ୍ତ୍ରଣା ଆହୁରି ଜୋରରେ ବଢ଼ି ଯାଇଥାଏ.....................

### ଶ୍ରେଣୀ ପରିଚାଳନା-ସକ୍ରିୟାତ୍ମକ କାର୍ଯ୍ୟ

୧୫ ମିନିଟ୍

- ଶିକ୍ଷକ ନିମ୍ନଲିଖିତ କଥା ମାଧ୍ୟମରେ ଏହି ଅଧିବେଶନଟି ଆରମ୍ଭ କରିପାରିବେ ।
- ଶିକ୍ଷାର୍ଥୀମାନେ, ଆଜି ଆମେ ସମସ୍ତେ ମିଶି କାହାଣୀ ଲେଖିବା । ପୂର୍ବ ଅଧିବେଶନରେ ଆମେ ଭିଡିଓ ଦେଖି କାହାଣୀ ଲେଖିଥିଲେ, ଏହି ଅଧିବେଶନରେ ଆମେ ଅଧା ଲେଖାହୋଇଥିବା କାହାଣୀକୁ ସମ୍ପୂର୍ଣ୍ଣ କରିବା ।
- ତାପରେ ଶିକ୍ଷକ ସ୍ମାର୍ଟ ବୋର୍ଡରେ ଲେଖାଯାଇଥିବା ଯତୀନ୍‌ର ଅଧା କାହାଣୀକୁ ପ୍ରଦର୍ଶିତ କରିବେ ।
- କୌଣସି ଜଣେ ଶିକ୍ଷାର୍ଥୀକୁ କହିବେ ଉକ୍ତ କାହାଣୀକୁ ବଡ଼ ପାଟିରେ ପଢ଼ିବା ପାଇଁ ।
- ପଢ଼ିସାରିଲା ପରେ ସମସ୍ତଙ୍କୁ ୨ ମିନିଟ୍ ସମୟ ଦେବେ ଭାବିବା ପାଇଁ ଯେ କାହାଣୀରେ ଆଗକୁ କ'ଣ ହୋଇଥିବ ।
- ୨ ମିନିଟ୍ ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କାହାଣୀରେ ଆଗକୁ କ'ଣ ହୋଇଥିବ ବୋଲି ପଚାରିବେ ।
- ୫/୬ ଜଣ ଶିକ୍ଷାର୍ଥୀଙ୍କ ଠାରୁ ଶୁଣିଲା ପରେ ଶିକ୍ଷକ ନିମ୍ନ ପ୍ରକାରେ ଶ୍ରେଣୀ ପରିଚାଳନା କରିବେ ।



## ଶ୍ରେଣୀ ପରିଚାଳନା - ମୁଖ୍ୟ କାର୍ଯ୍ୟ

୩୦ ମିନିଟ୍

- ସମସ୍ତ ଶିକ୍ଷାର୍ଥୀଙ୍କୁ ୫/୬ ଟି ଦଳରେ ଭାଗ କରାଯିବ।
- ଶିକ୍ଷକ ସୂଚନା ଦେବେ ଯେ, ଆଜି ଆମେ ଦଳରେ ଆଲୋଚନା କରି ଏଭଳି ଏକ ଅସମ୍ପୂର୍ଣ୍ଣ ଗଳ୍ପକୁ ସମ୍ପୂର୍ଣ୍ଣ କରିବା।
- ପୂର୍ବରୁ ପ୍ରିଣ୍ଟ୍ କରିଥିବା କାହାଣୀର ଅସମ୍ପୂର୍ଣ୍ଣ ଅନୁଚ୍ଛେଦଗୁଡ଼ିକ ଗୋଟିଏ ପାତ୍ରରେ ରଖିଥିବେ।
- ପ୍ରତ୍ୟେକ ଦଳରୁ ଜଣେ ଜଣେ ଶିକ୍ଷାର୍ଥୀଙ୍କୁ ଡାକିବେ ଓ ଉକ୍ତ ପାତ୍ରରୁ ଗୋଟିଏ କାଗଜ ଉଠାଇବା ପାଇଁ କହିବେ।
- ଯେଉଁ ଦଳରେ ଯେଉଁ ଅସମ୍ପୂର୍ଣ୍ଣ ଗଳ୍ପଟି ପଡ଼ିବ, ସେ ଦଳର ସଦସ୍ୟ ନିଜ ନିଜ ଭିତରେ ଆଲୋଚନା କରି ଉକ୍ତ ଗଳ୍ପକୁ ସମ୍ପୂର୍ଣ୍ଣ କରିବେ।
- ଏଥିପାଇଁ ଦଳଗୁଡ଼ିକୁ ୧୫ ମିନିଟ୍ ସମୟ ଦିଆଯିବ।
- ଦଳମାନେ ନିଜ ନିଜ ଗଳ୍ପକୁ ସମ୍ପୂର୍ଣ୍ଣ କଲାପରେ ଜଣେ ଜଣେ କରି ଏହାକୁ ଉପସ୍ଥାପନା କରିବେ।
- ଗୋଟିଏ ଦଳ ଉପସ୍ଥାପନା କଲାପରେ ଶିକ୍ଷକ ବୋର୍ଡ ଦ୍ୱାରା ପ୍ରଦତ୍ତ ପୁସ୍ତକ ସମୀକ୍ଷାର ପ୍ରଶ୍ନ/ସୂଚକ ଆଧାରରେ ଗଳ୍ପକୁ ଶିକ୍ଷାର୍ଥୀମାନଙ୍କ ସହ ସମୀକ୍ଷା କରିବେ।
  - ବୋର୍ଡ ଦ୍ୱାରା ପ୍ରଦତ୍ତ କିଛି ପ୍ରଶ୍ନ
  - କାହାଣୀଟି କେମିତି ଲାଗିଲା ? ଯଦି ଭଲ ଲାଗିଲା, କାହିଁକି ? ଯଦି ଭଲ ଲାଗିଲା ନାହିଁ, କାହିଁକି ?
  - ଏହି କାହାଣୀ ଟି ଆହୁରି କେମିତି ଭଲ ହୋଇ ପାରିବ ?
  - ସମୀକ୍ଷା ସମୟରେ ଶିକ୍ଷକ ଚେଷ୍ଟା କରିବେ ଯେମିତି ଶ୍ରେଣୀରେ ସମସ୍ତ ଶିକ୍ଷାର୍ଥୀ ସମାନ ଅଂଶଗ୍ରହଣ କରିବେ।

ସମସ୍ତ ଦଳର ଉପସ୍ଥାପନା ପରେ ଶିକ୍ଷକ ସମସ୍ତଙ୍କୁ ସୁନ୍ଦର କାହାଣୀ ରଚନା ପାଇଁ ଧନ୍ୟବାଦ ଦେଇ ଅଧିବେଶନଟି ସମାପ୍ତ କରିବେ।

## ଗୃହକାର୍ଯ୍ୟ

ଶିକ୍ଷାର୍ଥୀମାନେ ନିଜ ମନରୁ ଗୋଟିଏ ଗୋଟିଏ ଛୋଟ କାହାଣୀ ଲେଖି ଆଣିବେ।



## ଅସମ୍ପୂର୍ଣ୍ଣ କାହାଣୀ - କାହାଣୀ ଲେଖିବା ପାଇଁ ନମୁନା

୧. ପୁରୀ ଜିଲ୍ଲା ସ୍କୁଲ। ଶେଫାଳିର ଆଜି ପ୍ରଥମ ଦିନ। ସେ ବହୁତ ନର୍ଭସ ଅନୁଭବ କରୁଥିଲା। ଗୋଟିଏ କୋଣରେ ଠିଆ ହୋଇ ହସୁଥିବା ଏବଂ ଉତ୍ସାହିତ ଭାବରେ କଥାବାର୍ତ୍ତା କରୁଥିବା ଶିକ୍ଷାର୍ଥୀମାନଙ୍କୁ ଦେଖିଲା । କିଛି ଶିକ୍ଷାର୍ଥୀ ବାରଣ୍ଡାରେ ଖେଳୁଥିଲେ ଓ କିଛିଜଣ ସାଙ୍ଗ ହୋଇ ପାହାଚ ଉପରେ ବସି କୌଣସି ଏକ ବହି ଉପରେ ଆଲୋଚନା କରୁଥିଲେ। ଠିକ ସେତିକିବେଳେ ଶେଫାଳି ଦେଖିଲା ଯେ, ଚାରିଜଣ ସିନିଅର ଶିକ୍ଷାର୍ଥୀ ତା ଆଡ଼କୁ ଅଗ୍ରସର ହେଉଛନ୍ତି, ସେ........।

୨. ଜେଜେବାପା ଓ ଜେଜେମା ମିଶି ପୁରା ୬ ଜଣ ସଦସ୍ୟଙ୍କ ମିଳିତ ପରିବାର ଥିଲା । ଜେଜେମା'ଙ୍କ ଆଜି ୭୫ ତମ ଜନ୍ମଦିନ ଥିଲା ଏବଂ ସମସ୍ତ ପରିବାର ଏହାକୁ ଧୂମଧାମରେ ପାଳନ କରିବାକୁ ଯୋଜନା କରିଥିଲେ। ଘର ସୁନ୍ଦର ଭାବରେ ସଜାହୋଇଥାଏ । ମା' ଅନେକ ରକମର ପିଠା ଓ ମିଠା ପ୍ରସ୍ତୁତ କରିଥାନ୍ତି । ମୁଁ, ରିତୁ ଓ ଭାଇ ରାଜୁ ଆମେ ତିନିହେଁ ମିଶି ବେଲୁନ ଲଗାଇବାରେ ବ୍ୟସ୍ତ ଥିଲୁ । ବାସ୍ ସମସ୍ତେ ବାପାଙ୍କୁ ଅପେକ୍ଷା କରୁଥିଲେ। କିଛି ଅତିଥି ଆସି ଯାଇଥିଲେ ଓ ଆଉ କିଛି ଅତିଥିଙ୍କର ଆସିବାର ମଧ୍ୟ ଥିଲା । ଠିକ୍ ଏତିକିବେଳେ ଜୋରରେ ଫୋନ୍‌ର ଘଣ୍ଟି ବାଜି ଉଠିଲା.........

୩. ମୁଁ, ଭାଇ ଓ ବାପା-ମା', ଆମେ ସମସ୍ତେ ମିଶି ଥରେ ସମ୍ବଲପୁରରୁ ପୁରୀ ବାହାରିଥିଲୁ। ରାସ୍ତାରେ ଗୋଟିଏ ଜାଗାରେ ଦୁର୍ଘଟଣା ଘଟି ଟ୍ରାଫିକ ପୁରା ଗହଳି ଥାଏ। ବଡ଼

କଷ୍ଟରେ ଭିଡ଼ ଭିତରୁ ବାହାରି ଷ୍ଟେସନ ପହଁଚିଲା ବେଳକୁ ଟ୍ରେନଟି ଛାଡ଼ି ଦେଇଥାଏ ଓ ବାପା ଶୀଘ୍ର ଯାଇ ଆଉ ଗୋଟିଏ ଟ୍ରେନ ପାଇଁ ଟିକେଟ ନେଇ ଆସିଲେ । ଆମେ ଶୀଘ୍ର ଶୀଘ୍ର ଟ୍ରେନ୍ ରେ ବସିଗଲୁ । ପାଖାପାଖି ୧ ଘଣ୍ଟା ପରେ ଟିକେଟ କଲେକଟର ଆସିଲେ । ଆମ ଟିକେଟ ଦେଖି କହିଲେ ଆପଣ ଭୁଲ ଟ୍ରେନ ରେ ଚଢ଼ି ଯାଇଛନ୍ତି, ଏହି ଟ୍ରେନ ପୁରୀ ନୁହେଁ ବରଂ ବିଶାଖାପାଟଣା ଯିବ .............

୪. ନୀଳିମାକୁ ମା' ତାଗିଦ କରୁଥିଲେ ଶୀଘ୍ର ଯାଇ ମଉସା ଦୋକାନରୁ ଲୁଣ ନେଇକି ଆସିବା ପାଇଁ । ଲୁଣ ଆଣିଲେ ଯାଇ ଘରେ ରୋଷେଇ ହେବ । ଆଜି ଘରକୁ କୁଣିଆ ମଧ୍ୟ ଆସିବାର ଅଛି । ବାପା ପାଖ ଗାଁ କୁ ଯାଇଛନ୍ତି ତାଙ୍କ ଆସିବା ଡେରି ହେବ ତେଣୁ ମା' ନୀଳିମାକୁ ହିଁ କହିଲେ ମଉସା ଦୋକାନରୁ ଲୁଣ ନେଇକି ଆସିବା ପାଇଁ । ନୀଳିମା ଖୁସି ମନରେ ରାସ୍ତାରେ ଡେଇଁ ଡେଇଁ ମଉସା ଦୋକାନ ଆଡ଼କୁ ଯାଉଥାଏ । ହଠାତ୍ ବଡ଼ ଜୋରରେ ଏକ ଶବ୍ଦ ହେଲା କ'ଣ ଦୁର୍ଘଟଣା ହେଲା ଭଳିଆ । ବୁଲିକି ଦେଖିଲା ବେଳକୁ କାରଟିଏ ଜଣେ ବୃଦ୍ଧ ମହିଳାଙ୍କୁ ବାଡ଼େଇ ଦେଇ ଚାଲି ଯାଇଛି । ବୃଦ୍ଧ ମହିଳା ଜଣଙ୍କ ରାସ୍ତା କଡ଼କୁ ଛିଟିକି ପଡ଼ି ଅଚେତ ହୋଇ ପଡ଼ିଛନ୍ତି.........

## ଅଧିବେଶନ-୭
## କାହାଣୀରୁ ନାଟକ

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୭ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ କାହାଣୀରେ ଥିବା ଚରିତ୍ରଗୁଡ଼ିକୁ ଭଲ ଭାବରେ ବୁଝିପାରିବା ସହ କାହାଣୀଗୁଡ଼ିକୁ ନାଟକ ଭାବରେ ରୂପାନ୍ତରିତ କରିବାର କୌଶଳ ଶିଖିବେ।
- ଅଭିନୟ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର ଭାବବିନିମୟ ଦକ୍ଷତା ଓ କଥନ ଶୈଳୀର ବିକାଶ ଘଟିବ।

### ଆବଶ୍ୟକୀୟ ଉପକରଣ

- ପୂର୍ବ ଅଧିବେଶନରେ ଦଳରେ ଲେଖିଥିବା କାହାଣୀ।
- ବିଭିନ୍ନ ଚରିତ୍ରରେ ଅଭିନୟ କରିବା ପାଇଁ ଆବଶ୍ୟକୀୟ ଉପକରଣ।
- A4 ସାଇଜ୍ ପେପର, ସ୍କେଚ୍ ପେନ/ପେନ୍

### ପୂର୍ବ ପ୍ରସ୍ତୁତି

ଶିକ୍ଷାର୍ଥୀମାନେ ପୂର୍ବ ଅଧିବେଶନରେ ଦଳରେ ଲେଖିଥିବା ଗଳ୍ପଗୁଡ଼ିକ ରଖିଥିବେ।

ଗଳ୍ପ ଲେଖିବା ସମୟରେ ଯେଉଁ ଦଳ ଗଢ଼ା ହେଇଥିଲା ସେହି ଦଳ ଏହି ଅଧିବେଶନରେ ରହିବ। ଯେଉଁ ଦଳରେ ଯେଉଁ ଶିକ୍ଷାର୍ଥୀମାନେ ଥିଲେ ଏହି ଦଳରେ ସେହି ଶିକ୍ଷାର୍ଥୀମାନେ ରହିବେ।

### କାହାଣୀରୁ ନାଟକ ୧ — ୧୫ ମିନିଟ୍

- ଶିକ୍ଷକ ନିମ୍ନ କଥାବାର୍ତ୍ତାରୁ ପରବର୍ତ୍ତୀ ଗତିବିଧିକୁ ଆଗକୁ ବଢ଼ାଇବେ।
- ନବମ ଶ୍ରେଣୀରେ ଆମେ ନିଜେ ଲେଖିଥିବା କାହାଣୀଗୁଡ଼ିକୁ ନାଟକର ରୂପ ଦେଇ ଅଭିନୟ କରିବା ଶିଖିଥିଲେ । ନିଜେ ଲେଖିଥିବା କାହାଣୀକୁ ଅଭିନୟ କରି କେମିତି ଲାଗିଲା ?

ସମ୍ଭାବ୍ୟ ଉତ୍ତର – ବହୁତ ଭଲ

- ଆଜି ମଧ୍ୟ ଆମେ ନିଜେ ଅଧାରୁ ସମ୍ପୂର୍ଣ୍ଣ କରିଥିବା କାହାଣୀଗୁଡ଼ିକୁ ନାଟକର ରୂପ ଦେବା ଓ ଅଭିନୟ କରିବା।
- ଶିକ୍ଷକ ପୂର୍ବ ଅଧିବେଶନରେ ଦଳରେ ଗଢ଼ିଥିବା କାହାଣୀଗୁଡ଼ିକୁ ନାଟକରେ ରୂପାନ୍ତରିତ କରିବା ପାଇଁ ପ୍ରତ୍ୟେକ ଦଳକୁ କହିବେ।
- ପୂର୍ବ ଅଧିବେଶନରେ ଯେଉଁ ଦଳ ଗଠନ ହୋଇଥିଲା ସେହି ଦଳ ତାଙ୍କ ନିଜ କାହାଣୀ ଉପରେ କାର୍ଯ୍ୟ କରିବେ।
- ପ୍ରତ୍ୟେକ ଦଳରେ ଯେତେ ଜଣ ସଦସ୍ୟ ଥିବେ ସେହି ଦଳ ଅନ୍ତତଃ ସେତିକି ଚରିତ୍ର ଚିହ୍ନଟ କରି ନାଟକ ଲେଖିବେ।
- ଆବଶ୍ୟକ ସ୍ଥଳେ ଶିକ୍ଷକ ପ୍ରତ୍ୟେକ ଦଳକୁ ଯାଇ କାହାଣୀକୁ ନାଟକର ରୂପ ଦେବାରେ ସାହାଯ୍ୟ କରିବେ।

**ସୂଚନା**

- ଯଦି ସମସ୍ତ ଦଳ ନାଟକ ଲେଖି ସମ୍ପୂର୍ଣ୍ଣ କରିଦେବେ ଏବଂ ସମୟ ଯଦି ହେବ, ତାହେଲେ ଶିକ୍ଷକ କୌଣସି ଏକ ଦଳ ଯିଏ ପ୍ରସ୍ତୁତ ଥିବ, ତାକୁ ନାଟକ ପରିବେଷଣ କରିବା ପାଇଁ କହିବେ।
- ଆଗାମୀ ଅଧିବେଶନରେ ଏହି ନାଟକକୁ ଅଭିନୟ କରିବା ପାଇଁ ଦଳରେ ନିଜ ନିଜର ଚରିତ୍ର ଚୟନ କରି ପ୍ରସ୍ତୁତ ହେବା ପାଇଁ ସୂଚନା ଦେବେ ।
- ନାଟକ ଅଭିନୟ କରିବା ପାଇଁ ଚରିତ୍ର ହିସାବରେ ନିଜ ନିଜର ଉପକରଣ ଆଣିବା ପାଇଁ ଶିକ୍ଷାର୍ଥୀଙ୍କୁ କହିବେ ।

### ଗୃହକାର୍ଯ୍ୟ

- ଯେଉଁ ଦଳ ନାଟକ ଲେଖିବା ସମ୍ପୂର୍ଣ୍ଣ କରିନାହାନ୍ତି ସେମାନେ ତାହା ପରବର୍ତ୍ତୀ ଅଧିବେଶନ ପୂର୍ବରୁ ସମାପ୍ତ କରିଆଣିବେ।
- ଅଭିନୟକୁ ଭଲ ଭାବରେ କରିବା ପାଇଁ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ଚରିତ୍ର ହିସାବରେ ସଂଳାପ ଓ ଅଭିନୟ ଅଭ୍ୟାସ କରି ଆସିଥିବେ।



## ଅଧିବେଶନ-୮
## ନାଟକ ଦେଖିବା ସମୀକ୍ଷା କରିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୮ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କାହାଣୀର ବିଭିନ୍ନ ଚରିତ୍ରଗୁଡ଼ିକୁ ଭଲ ଭାବରେ ବୁଝିବା, କାହାଣୀର ଚରିତ୍ରଗୁଡ଼ିକୁ ବିଶ୍ଳେଷଣ କରିବା ଓ ତାକୁ ଅଭିନୟର ରୂପ ଦେବା କୌଶଳକୁ ବୃଦ୍ଧି କରିବା।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର୍।
- ସଂଳାପ ଆଧାରରେ ଅଭିନୟ ପ୍ରଦର୍ଶନ ପାଇଁ ଆବଶ୍ୟକୀୟ ସାମଗ୍ରୀ ଯଥା ଡ୍ରେସ୍, ତ୍ରିରଙ୍ଗା ପତାକା, ଚଷମା, ବହି, ଗାମୁଛା, ମୁଖା, ରୁମାଲ, ଓଢ଼ଣୀ ଇତ୍ୟାଦି।

### ପୂର୍ବ ପ୍ରସ୍ତୁତି

- ପୂର୍ବ ଅଧିବେଶନରେ ଶିକ୍ଷାର୍ଥୀମାନଙ୍କୁ ଦଳଗତ ଭାବେ ଗଳ୍ପରୁ ଚରିତ୍ର ଚିହ୍ନଟ ଓ ସଂଳାପ ଲେଖିବାକୁ କୁହାଯାଇଥିଲା, ଏହି ଅଧିବେଶନ ପୂର୍ବରୁ ଶିକ୍ଷକ ନିଶ୍ଚିତ କରିବେ ଯେ, ପ୍ରତ୍ୟେକ ଦଳ ନାଟକ ପରିବେଷଣ କରିବେ ଓ ସମସ୍ତେ ଏଥିରେ ଭାଗନେବେ।
- ନାଟକ ଲେଖିବା ସମୟରେ ଯେଉଁ ଦଳ ଗଢ଼ା ହେଇଥିଲା ସେହି ଦଳ ଏହି ଅଧିବେଶନରେ ରହିବ।
- ଯେଉଁ ଦଳରେ ଯେଉଁ ଶିକ୍ଷାର୍ଥୀମାନେ ଥିଲେ ନାଟକ ପରିବେଷଣ ଦଳରେ ସେହି ଶିକ୍ଷାର୍ଥୀମାନେ ରହିବେ।
- ଶିକ୍ଷକ ପୂର୍ବ ଶ୍ରେଣୀରେ ଶିକ୍ଷାର୍ଥୀମାନେ ଦଳରେ ଲେଖିଥିବା ସଂଳାପକୁ A4 କାଗଜରେ ପ୍ରିଣ୍ଟ୍ କରି ପରିବେଷଣ କରୁଥିବା ଦଳକୁ ପୂର୍ବରୁ ଦେଇଥିବେ।

### ନାଟକ ଦେଖିବା ସମୀକ୍ଷା କରିବା — ୪୫ ମିନିଟ୍

**ସୂଚନା:**

- ଏହି ଅଧିବେଶନ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ପୂର୍ବ ଅଧିବେଶନର ଅନୁଭବ ବିଷୟରେ ଶିକ୍ଷାର୍ଥୀଙ୍କ ସହ କଥାହେବେ- ସଂଳାପ ଲେଖିବାର ଅନୁଭୂତି କେମିତି ରହିଲା ?
- ଶିକ୍ଷାର୍ଥୀଙ୍କ ସହ କଥାବାର୍ତ୍ତା ହେଲାପରେ ଶିକ୍ଷକ ସୂଚନା ଦେବେ ଯେ ଆଜି ଆମେ ପୂର୍ବ ଶ୍ରେଣୀରେ ଲେଖିଥିବା ନାଟକକୁ ପରିବେଷଣ କରିବା । ସେହି ନାଟକକୁ ସମୀକ୍ଷା କରିବା ପାଇଁ ଚେଷ୍ଟା କରିବା, ଆଜି ଆମେ ପ୍ରତ୍ୟେକ ଦଳର କ୍ଷୁଦ୍ର ନାଟକ ଦେଖିବା ଓ ତାର ସମୀକ୍ଷା କରିବା।
- ଶିକ୍ଷକ କହିବେ କୌଣସି ନେତିବାଚକ ତତ୍ତ୍ୱ ଥିବା କିମ୍ବା ବିଦ୍ୱେଷ ସୃଷ୍ଟିକାରୀ ସଂଳାପ ଶିକ୍ଷାର୍ଥୀମାନେ କହିପାରିବେ ନାହିଁ।
- ଏହା ପରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ନିଜ ନିଜ ସଂଳାପକୁ ଠିକ୍ ଉଚ୍ଚାରଣ ସହ ସ୍ପଷ୍ଟ ଭାବେ କହିବାକୁ ନିର୍ଦ୍ଦେଶ ଦେବେ।
- ପ୍ରତି ନାଟକ ପରିବେଷଣ କରିବା ପାଇଁ ପ୍ରତ୍ୟେକ ଦଳକୁ ୧୦-୧୨ ମିନିଟ ସମୟ ଦିଆଯିବ।
- ଶିକ୍ଷକ କହିବେ ଅନ୍ୟ ଦଳ କ୍ଷୁଦ୍ର ନାଟକ ପରିବେଷଣ କଲାବେଳେ ଶିକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ କଥା ନ ହୋଇ ମନଦେଇ ନାଟକକୁ ଦେଖିବେ।
- ପ୍ରତ୍ୟେକ ନାଟକ ଶେଷରେ ଶିକ୍ଷକ ପୁସ୍ତକ ସମୀକ୍ଷା ପାଇଁ ପ୍ରସ୍ତୁତ ଫର୍ମାଟର ପ୍ରଶ୍ନଗୁଡ଼ିକ ଆଧାରରେ ଶିକ୍ଷାର୍ଥୀଙ୍କ ସହ ନାଟକର ସମୀକ୍ଷା କରିବେ।
- ଶିକ୍ଷକ ଆଲୋଚନା ସମୟରେ ସମସ୍ତ ଶିକ୍ଷାର୍ଥୀଙ୍କର

ସହଭାଗିତାକୁ ନିଶ୍ଚିତ କରିବା ପାଇଁ ଚେଷ୍ଟା କରିବେ ।

- ସବୁବେଳେ ଉତ୍ତର ଦେଉଥିବା ଶିକ୍ଷାର୍ଥୀଙ୍କ ବ୍ୟତୀତ ଅନ୍ୟ ଶିକ୍ଷାର୍ଥୀମାନେ ମଧ୍ୟ କେମିତି ଆଲୋଚନାରେ ଭାଗ ନେବେ ସେଥିପ୍ରତି ଦୃଷ୍ଟି ଦେବେ ।

**ସମୀକ୍ଷା ପତ୍ର/ଫର୍ମାଟ୍**

୧. ନାଟକଟିର ନାଁ କ'ଣ ଥିଲା ଓ ଏହାର ବିଷୟବସ୍ତୁ କ'ଣ ?

୨. ନାଟକଟି ଭଲ ଲାଗିଲା କି ? ଯଦି ହଁ, କାହିଁକି ?

୩. ନାଟକଟିକୁ ମଞ୍ଚସ୍ଥ କରିବା ଦ୍ୱାରା ତୁମମାନଙ୍କର ଯୋଗାଯୋଗ କ୍ଷମତାରେ ବୃଦ୍ଧି ଘଟିଲା କି ?

୪. ଏହି ନାଟକଟିର ମୁଖ୍ୟ ଚରିତ୍ର କିଏ ?

୫. ନାଟକଟିରେ ଅନ୍ୟ ଚରିତ୍ରମାନେ କିଏ କିଏ ?

୬. ନାଟକଟିରେ କ'ଣ ଭଲ ଲାଗିଲା ଓ କାହିଁକି ?

୭. ନାଟକଟିର କେଉଁ ଅଂଶଟି ଭଲ ଲାଗିଲା ନାହିଁ ଓ କାହିଁକି ?

୮. ନାଟକଟିର ଭାଷା କେମିତି ଥିଲା ? ବୁଝିବା ପାଇଁ ସହଜ ହେଲା କି ?

## ଗୃହକାର୍ଯ୍ୟ

- ସମସ୍ତ ଶିକ୍ଷାର୍ଥୀଙ୍କୁ ଦେଖିଥିବା ଏହିସବୁ ନାଟକରୁ କୌଣସି ଏକ ନାଟକର ସାରମର୍ମ ଲେଖି ଆଣିବାକୁ କହିବେ ।

## ଅଧିବେଶନ-୯
## ଶବ୍ଦ ଖେଳ

| ଅଧିବେଶନ କୋଡ୍ | ଅବଧି |
|---|---|
| ୦୯ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କର ଶବ୍ଦଜ୍ଞାନର ଅଭିବୃଦ୍ଧି ହେବ।
- ଲିଖନ କାର୍ଯ୍ୟ ସମୟରେ ଶବ୍ଦର ଉପଯୁକ୍ତ ବ୍ୟବହାର ଶିଖିବେ।
- କିଛି ବ୍ୟାକରଣଗତ ଶୁଦ୍ଧି ସହ ପରିଚିତ ହେବେ।

### ଆବଶ୍ୟକୀୟ ଉପକରଣ

- ଷ୍ଟିକୀ ନୋଟ, A4 ସାଇଜ୍ ପେପର, ପେନ୍, ପେନ୍ ସିଲ, ସ୍କେଚ ପେନ୍, ସ୍ମାର୍ଟବୋର୍ଡ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ଫୁଲ, ଫଳ, ପଶୁ, ପକ୍ଷୀ, ଦର୍ଶନୀୟ ସ୍ଥାନଗୁଡ଼ିକର ନାମ ଲେଖାଯାଇଥିବା କିଛି ଛୋଟ ଛୋଟ ୧୨ ଗୋଟି କାଗଜ୍ ପ୍ରସ୍ତୁତ କରି ଗୋଟିଏ ପାତ୍ରରେ ରଖିଥିବେ।
- ଅନ୍ୟାନ୍ୟ ଖେଳ ଖେଳିବା ପାଇଁ ନିମ୍ନ ଲିଙ୍କ୍‌ଗୁଡ଼ିକୁ ସ୍ମାର୍ଟ ବୋର୍ଡ଼ରେ ଡାଉନଲୋଡ୍ କରି ରଖିଥିବେ।

### ଶ୍ରେଣୀ ପରିଚାଳନା : ସକ୍ରିୟାତ୍ମକ କାର୍ଯ୍ୟ — ୫ ମିନିଟ୍

- ଶିକ୍ଷକ ନିମ୍ନ ଗତିବିଧି ମାଧ୍ୟମରେ ଏହି ଅଧିବେଶନ ଆରମ୍ଭ କରିବେ।
- ପ୍ରଥମେ କୌଣସି ଏକ ଫୁଲ, ଫଳ, ପଶୁ, ପକ୍ଷୀ, ଦର୍ଶନୀୟ ସ୍ଥାନର ନାମ ଯାହା କାଗଜରେ ପୂର୍ବରୁ ଲେଖା ନ ଥିବ ତାହା ଲେଖି ସ୍ମାର୍ଟବୋର୍ଡରେ ପ୍ରଦର୍ଶିତ କରିବେ।
- ଶିକ୍ଷାର୍ଥୀମାନଙ୍କୁ କହିବେ ଯେ, ଏହି ଚିତ୍ରର ନାମ ନ କହି ଆମେ ଏହାକୁ କେମିତି ଚିହ୍ନଟ କରିପାରିବା କିମ୍ବା ଅନ୍ୟ କାହାକୁ ଏହା ବିଷୟରେ କହିପାରିବା।

ଯେମିତିକି -

- ଏହା ଏକ ଦର୍ଶନୀୟ ସ୍ଥାନ, ଏହା ଓଡ଼ିଶାର ପୁରୀରେ ଅବସ୍ଥିତ ଇତ୍ୟାଦି।
- ତାପରେ ଶିକ୍ଷାର୍ଥୀମାନଙ୍କୁ ସ୍ମାର୍ଟବୋର୍ଡରେ ଦେଖାଯାଇଥିବା ଚିତ୍ର ବିଷୟରେ ଏମିତି କିଛି ପରିଚିତ ବାକ୍ୟ କହିବା ପାଇଁ କହିବେ।
- ଶିକ୍ଷାର୍ଥୀମାନେ ସଫଳ ଭାବରେ କିଛି ସଠିକ ବାକ୍ୟ କହିଲା ପରେ ଶିକ୍ଷକ ତାଙ୍କୁ ମୁଖ୍ୟ ଖେଳଟି ଖେଳିବା ପାଇଁ ଆମନ୍ତ୍ରଣ କରିବେ।

### ଶ୍ରେଣୀ ପରିଚାଳନା : ମୁଖ୍ୟକାର୍ଯ୍ୟ — ୪୦ ମିନିଟ୍

**ପ୍ରଥମ ଖେଳ :** ସମୟ – ୧୦ ମିନିଟ୍

- ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ୫/୬ ଟି ଦଳରେ ଭାଗ କରିବେ।
- ପୂର୍ବରୁ ଲେଖିଥିବା କାଗଜଗୁଡ଼ିକୁ ଭାଙ୍ଗି (ଯେମିତି ଶିକ୍ଷାର୍ଥୀ ତାହା ଦେଖି ପାରିବେ ନାହିଁ) ଏକ ପାତ୍ରରେ ରଖିବେ।
- ପ୍ରତ୍ୟେକ ଦଳରୁ ଜଣେ ଶିକ୍ଷାର୍ଥୀ ଆସି ଗୋଟିଏ କାଗଜ ଉକ୍ତ ପାତ୍ରରୁ କାଢ଼ି ଶିକ୍ଷକଙ୍କୁ ଦେବେ।
- ଶିକ୍ଷକ କାଗଜରେ ଲେଖାଥିବା ଉକ୍ତ ଶବ୍ଦଟିକୁ ଗୋଟିଏ ଷ୍ଟିକୀ

ନୋଟରେ ଲେଖି ସେହି ଶିକ୍ଷାର୍ଥୀର କପାଳରେ ଲଗାଇ ଦେବେ।

- ସେହି ଦଳର ବାକି ସଦସ୍ୟଙ୍କୁ କହିବେ ସିଧା ନାଁ ନ କହି ସୂଚନା ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ଉକ୍ତ ଶବ୍ଦକୁ ଚିହ୍ନଟ କରିବା ପାଇଁ ସାହାଯ୍ୟ କରିବେ।
- ଏଥି ସକାଶେ ଦଳକୁ ୧ ମିନିଟ୍ ସମୟ ଦିଆଯିବ, ଯଦି ଦଳର ସଦସ୍ୟ ମିଶି ଉକ୍ତ ଶବ୍ଦକୁ ତାଙ୍କ ଦଳର ଶିକ୍ଷାର୍ଥୀଙ୍କୁ ବୁଝାଇବାକୁ ସଫଳ ହେବେ ଓ ଶିକ୍ଷାର୍ଥୀଜଣକ ଶବ୍ଦଟିକୁ ସଠିକ ଭାବରେ ଚିହ୍ନଟ କରି ପାରିବେ ତେବେ ଉକ୍ତ ଦଳକୁ ୧୦ ପଏଣ୍ଟ ମିଳିବ।
- ଏଭଳି ପ୍ରତ୍ୟେକ ଦଳରୁ ଜଣେ ଜଣେ ଶିକ୍ଷାର୍ଥୀ ଆସି ଏହି ଖେଳ ଖେଳିବେ। ଏହି ଖେଳକୁ ୨ ଥର ଖେଳାଇ ଯେଉଁ ଦଳ ଅଧିକ ନମ୍ବର ହାସଲ କରିବାରେ ସାମର୍ଥ୍ୟ ହେବ, ତାକୁ ବିଜେତା ଘୋଷଣା କରାଯିବ।

## ଦ୍ୱିତୀୟ ଖେଳ - ରିଡିଲ ଖେଳ — ସମୟ – ୧୦ ମିନିଟ୍

ରିଡିଲ ଖେଳ– https://moschool.in/wp-content/uploads/2024/04/Riddle.pptx

Riddle

- ଶିକ୍ଷାର୍ଥୀମାନେ ପୂର୍ବ ଖେଳରେ ଗଢ଼ାଯାଇଥିବା ଦଳଦ୍ୱାରା ଏହି ଖେଳ ଖେଳିବେ।
- ସମସ୍ତ ଦଳକୁ ଗୋଟିଏ A4 କାଗଜ଼ ଓ ପେନ୍ / ପେନ୍ ସିଲ /ସ୍କେଚ ପେନ୍ ଦିଆଯିବ।
- ଶିକ୍ଷକ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ୧୦ଟି ପ୍ରଶ୍ନକୁ ଗୋଟି ଗୋଟି କରି ସ୍ମାର୍ଟ ବୋର୍ଡରେ ପ୍ରଦର୍ଶିତ କରିବେ।
- ପ୍ରତ୍ୟେକ ଦଳ ଠିକ ଭାବୁଥିବା ଶବ୍ଦ/ବାକ୍ୟ ଟିକୁ ନିଜ କାଗଜରେ ଲେଖିବେ।
- ପ୍ରତ୍ୟେକ ପ୍ରଶ୍ନର ସଠିକ ଉତ୍ତର ଲେଖିବା ପାଇଁ କେବଳ ୧ ମିନିଟ୍ ସମୟ ଦିଆଯିବ।
- ଏଭଳି ୧୦ ଗୋଟି ପ୍ରଶ୍ନ ସରିଗଲା ପରେ ଯିଏ ସର୍ବାଧିକ ନମ୍ବର ହାସଲ କରିଥିବ, ସେହି ଦଳ ବିଜୟୀ ହେବ।

## ତୃତୀୟ ଖେଳ – ପ୍ରିପୋଜିସନ — ସମୟ – ୧୦ ମିନିଟ୍

ପ୍ରିପୋଜିସନ– https://moschool.in/wp-content/uploads/2024/04/Prepositions.pptx

Prepositions

- ପୂର୍ବ ଖେଳ ଭଳି ଶିକ୍ଷକ କେତୋଟି ବାକ୍ୟ ପୂର୍ବରୁ ସ୍ମାର୍ଟ ବୋର୍ଡରେ ଲେଖି ରଖିଥିବେ। ଉକ୍ତ ବାକ୍ୟଗୁଡ଼ିକରେ ପ୍ରିପୋଜିସନର ଦୁଇଟି ବିକଳ୍ପ ଥିବ।
- ପୂର୍ବ ଖେଳ ଭଳି ଶିକ୍ଷକ ଗୋଟିଏ ପରେ ଗୋଟିଏ ବାକ୍ୟ ସ୍ମାର୍ଟ ବୋର୍ଡରେ ପ୍ରଦର୍ଶିତ କରିବେ ଏବଂ ଶିକ୍ଷାର୍ଥୀମାନେ ଦଳରେ ଠିକ ପ୍ରିପୋଜିସନ ଲଗାଇ ବାକ୍ୟଟିକୁ ଲେଖିବା ପାଇଁ ଚେଷ୍ଟା କରିବେ।
- ପ୍ରତ୍ୟେକ ଠିକ ପ୍ରିପୋଜିସନ ପାଇଁ ଦଳକୁ ୧୦ ନମ୍ବର ମିଳିବ।
- ୧୦ଟି ଯାକ ପ୍ରଶ୍ନ ସରିଗଲାପରେ ଯେଉଁ ଦଳ ସବୁଠୁ ଅଧିକ ନମ୍ବର ରଖିଥିବ ସେ ଦଳ ବିଜୟୀ ଘୋଷଣା ହେବ।

## ଚତୁର୍ଥ ଖେଳ – ଶବ୍ଦମାଳା — ସମୟ – ୧୦ ମିନିଟ୍

- ଶିକ୍ଷକ ପୂର୍ବରୁ କିଛି ସ୍ଥାନ, ଅନୁଷ୍ଠାନ, ସାମାଜିକ କିମ୍ବା ପର୍ବପର୍ବାଣିକୁ ସୂଚିତ କରୁଥିବା ଶବ୍ଦକୁ ଚିହ୍ନଟ କରିଥିବେ ଯାହାକୁ ବ୍ୟବହାର କରି ଶିକ୍ଷାର୍ଥୀମାନେ ଏହି ଖେଳ ଖେଳିବେ।
- ପୂର୍ବରୁ ଗଢ଼ାଯାଇଥିବା ଦଳରେ ଏହି ଖେଳ ଖେଳାଯିବ।
- ସମସ୍ତ ଦଳକୁ ଗୋଟିଏ A4 କାଗଜ଼ ଓ ପେନ୍ / ପେନ୍ ସିଲ/ସ୍କେଚ ପେନ୍ ଦିଆଯିବ।
- ଶିକ୍ଷକ ପ୍ରଥମେ ପୂର୍ବରୁ ପ୍ରସ୍ତୁତ କରିଥିବା କୌଣସି ଏକ ଶବ୍ଦ ଯେପରିକି ବସ୍ ଷ୍ଟାଣ୍ଡ /ଡାକ୍ତରଖାନା ଆଦିରୁ ଗୋଟିଏ ଶବ୍ଦ ସ୍ମାର୍ଟ ବୋର୍ଡରେ ପ୍ରଦର୍ଶନ କରିବେ ଏବଂ ଶିକ୍ଷାର୍ଥୀମାନଙ୍କୁ

- ସେହି ଶବ୍ଦ ସହ ସମ୍ପର୍କିତ ଶବ୍ଦଗୁଡ଼ିକୁ ଦଳରେ ଆଲୋଚନା କରି ଲେଖିବାକୁ କହିବେ ।
- ସମ୍ପର୍କିତ ଶବ୍ଦ ଲେଖିବା ପାଇଁ ଦଳମାନଙ୍କୁ ସମୁଦାୟ ୫ ମିନିଟ୍ ସମୟ ମିଳିବ ।
- ପ୍ରତ୍ୟେକ ଶବ୍ଦ ପାଇଁ ୧ ୦ ପଏଣ୍ଟ୍ ଦିଆଯିବ ।
- ଏଭଳି ଦୁଇଟି ଶବ୍ଦକୁ ନେଇ ଦୁଇଥର ଏହି ଖେଳ ଖେଳାଯିବ ।
- ଯେଉଁ ଦଳ ସବୁଠୁ ଅଧିକ ନମ୍ବର ରଖିଥିବ ସେ ଦଳ ବିଜୟୀ ଘୋଷିତ ହେବ ।

## ଗୃହକାର୍ଯ୍ୟ

- ଖେଳ ଭଳି ଆଉ ଦୁଇଟି ଶବ୍ଦ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦେବେ ।
- ଶିକ୍ଷାର୍ଥୀମାନେ ଶିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ଶବ୍ଦ ସମ୍ପର୍କିତ ଯେତେ ଶବ୍ଦ ଜାଣିଛନ୍ତି, ତାହାର ତାଲିକା ଲେଖି ଆଣିବେ ।



## ଅଧିବେଶନ-୧୦
## ଆସ କବିତା ଲେଖିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୦ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କବିତା ଲେଖିବାର କୌଶଳକୁ ବୃଦ୍ଧି କରିବା।

### ଆବଶ୍ୟକୀୟ ଉପକରଣ

- ଷ୍ଟିକୀ ନୋଟ, A4 ସାଇଜ୍ ପେପର, ପେନ୍, ପେନ୍ ସିଲ, ସ୍କେଚ ପେନ୍, ସ୍ମାର୍ଟବୋର୍ଡ

Rhyming Word

**ରାଇମିଂ ଶବ୍ଦ ସୂଚୀ**
https://moschool.in/wp-content/uploads/2024/04/Rhyming-word.pdf

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ କିଛି ଏପରି ଶବ୍ଦ ଚିହ୍ନଟ କରିଥିବେ ଯାହାର କାବ୍ୟିକ (ରାଇମିଂ/ପଦ ପଡୁଥିବା) ଶବ୍ଦ ଶିକ୍ଷାର୍ଥୀମାନେ ସହଜରେ ଚିହ୍ନଟ କରିପାରିବେ ।
- ଉକ୍ତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଏକ ଚାରି ଧାଡ଼ିର କବିତା ଲେଖି ଆଣିଥିବେ ।

### ଆସ କବିତା ଲେଖିବା (୨୫ ମିନିଟ୍)

ଶିକ୍ଷକ ପ୍ରଥମେ ଶିକ୍ଷାର୍ଥୀମାନଙ୍କୁ କବିତା କେମିତି ଲେଖାଯାଏ, ନିଜ ଶ୍ରେଣୀର ସାହିତ୍ୟ ବିଷୟରେ ଥିବା କବିତାଗୁଡ଼ିକରେ ସେମାନେ କେଉଁ କେଉଁ ଜିନିଷ ଲକ୍ଷ୍ୟ କରିଛନ୍ତି ବୋଲି ପଚାରିବେ ଓ ଏହି ଅଧିବେଶନକୁ ଆରମ୍ଭ କରି ପାରିବେ ।

ଶିକ୍ଷକ କବିତା ଲେଖିବାର କିଛି ସାଧାରଣ ନିୟମ ବିଷୟରେ କଥାହେବେ। ଯେମିତି....

- ପ୍ରଥମ ଧାଡ଼ିର ଶେଷ ଅକ୍ଷର ସହ ଦ୍ୱିତୀୟ ଧାଡ଼ିର ଶେଷ ଅକ୍ଷର ଉଚ୍ଚାରଣରେ ସାମଞ୍ଜସ୍ୟ ରହିଥିବ ।
- ପ୍ରଥମ ଧାଡ଼ିର ଅର୍ଥ ସହିତ ଦ୍ୱିତୀୟ ଧାଡ଼ିର ଅର୍ଥରେ ମଧ୍ୟ ଅର୍ଥଗତ ସମ୍ପର୍କ ରହିଥିବା ଉଚିତ ।
- କୌଣସି ଗୋଟିଏ ବିଷୟବସ୍ତୁ, କିଛି ଅନୁଭୂତି କିମ୍ବା ଘଟଣାବଳୀ ଇତ୍ୟାଦିକୁ ନେଇ କବିତାଟି ଲେଖାଯାଇପାରେ।

**ସୂଚନା-**

ଶିକ୍ଷକ ତାପରେ ଶିକ୍ଷାର୍ଥୀମାନଙ୍କୁ କହିବେ ଯେ, ଆମେ ଆଜି ନିଜେ ନିଜେ ଏକ କବିତା ଲେଖିବା । କିନ୍ତୁ କବିତା ଲେଖିବାକୁ ହେଲେ ଆମକୁ ପରସ୍ପର ସହିତ ଉଚ୍ଚାରଣରେ ସାମଞ୍ଜସ୍ୟ ଥିବା ଶବ୍ଦଗୁଡ଼ିକ ସମ୍ବନ୍ଧରେ ବିଶେଷ ଧାରଣା ରହିଥିବାର ଆବଶ୍ୟକତା ଅଛି । ତେଣୁ ଆଜି ଆମେ ପ୍ରଥମେ କିଛି ପରସ୍ପର ସହିତ ଉଚ୍ଚାରଣରେ ସାମଞ୍ଜସ୍ୟ ଥିବା ଶବ୍ଦ ଚିହ୍ନଟ କରିବା ।

- ଶିକ୍ଷକ ପ୍ରଥମେ ଗୋଟିଏ ଶବ୍ଦ ଧଳା ବୋର୍ଡରେ ଲେଖିବେ ଏବଂ ଗୋଟିଏ କାବ୍ୟିକ ଶବ୍ଦ (ରାଇମିଙ୍ଗ ଶବ୍ଦ/ପଦ ପଡୁଥିବା ଶବ୍ଦ) ଉଦାହରଣ ସ୍ୱରୂପ - ଅମ୍ବର, ବନ, କୁଟୀର ଇତ୍ୟାଦି ଲେଖିଦେଇ ଶିକ୍ଷାର୍ଥୀମାନଙ୍କୁ ଏହିପରି ଆହୁରି କାବ୍ୟିକ ଶବ୍ଦ (ରାଇମିଙ୍ଗ ଶବ୍ଦ/ପଦ ପଡୁଥିବା ଶବ୍ଦ) କ'ଣ ହେଇପାରିବ ତାକୁ ଚିହ୍ନଟ କରିବା ପାଇଁ କହିବେ ।
- ଶିକ୍ଷକ ତା ପରେ ପୂର୍ବରୁ ଚିହ୍ନଟ କରିଥିବା କିଛି ଶବ୍ଦ ମଧ୍ୟରୁ ଗୋଟିଏ ଗୋଟିଏ ଶବ୍ଦ ଧଳାବୋର୍ଡରେ ଲେଖି ଏହାର କାବ୍ୟିକ (ରାଇମିଙ୍ଗ/ପଦ ପଡୁଥିବା) ଶବ୍ଦ ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରିବା ପାଇଁ କହିବେ ।
- ଏଭଳି ଶିକ୍ଷକ, ସେ ଚିହ୍ନଟ କରିଥିବା ସମସ୍ତ ଶବ୍ଦର କାବ୍ୟିକ (ରାଇମିଙ୍ଗ/ /ପଦ ପଡୁଥିବା) ଶବ୍ଦ ଶିକ୍ଷାର୍ଥୀମାନଙ୍କ ସହଭାଗିତାରେ ଧଳାବୋର୍ଡରେ ଲେଖିବେ ଓ ସମସ୍ତ ଶବ୍ଦ ସରିଲା ବେଳକୁ ଧଳାବୋର୍ଡରେ ବହୁତଗୁଡ଼ିଏ ରାଇମିଙ୍ଗ /ପଦ ପଡୁଥିବା ଶବ୍ଦ ଲେଖା ହେଇଥିବ ।

**(କ) ଛନ୍ଦ କବିତା -**

- ପ୍ରଦତ୍ତ ନିୟମାବଳୀ ଯଥାବିଧି ରହିବ ଶ୍ରେଣୀ ବ୍ୟାକରଣରେ ପଢ଼ାଯାଉଥିବା ଯମକ, ଅନୁପ୍ରାସ, ମିତ୍ରାକ୍ଷର, ଅମିତ୍ରାକ୍ଷରଗୁଡ଼ିକୁ ଶିକ୍ଷାର୍ଥୀମାନେ କବିତା ରଚନାରେ ପ୍ରୟୋଗ କରିବାକୁ ଶିକ୍ଷକ ନିଶ୍ଚିତ କରିବେ ।
- ଶେଷ ବର୍ଣ୍ଣର ମିଳନ ଉପରେ ଶିକ୍ଷକ ଗୁରୁତ୍ୱ ଦେବେ ଏବଂ ମିତ୍ରାକ୍ଷର ସମ୍ପର୍କରେ ସୂଚନା ପ୍ରଦାନ କରିବେ।

**(ଖ) ମୁକ୍ତ ଛନ୍ଦର କବିତା -**

- ଶିକ୍ଷକ ଏକ ଅର୍ଥପୂର୍ଣ୍ଣ ଶୀର୍ଷକ ଦେବେ ଯଥା - ଆକାଶ, ସମୁଦ୍ର, ଅରଣ୍ୟ, ଭାରତବର୍ଷ, ମହାନଦୀ, ରଜପର୍ବ, ଦଶହରା, ମହାପୁରୁଷଙ୍କ ନାମ (ନିଜ ଅଞ୍ଚଳର ମହାପୁରୁଷ) ।
- ଏହି ଶୀର୍ଷକ ଉପରେ ସମସ୍ତ ଦଳର ଛାତ୍ରଛାତ୍ରୀ ୨ ଧାଡ଼ି ଲେଖାଏଁ ଗଦ୍ୟରେ ଲେଖିବେ ।
- ଶିକ୍ଷକ ସେହି ଧାଡ଼ି ଉପରେ ଆଲୋଚନା କଲାପରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏହି ବାକ୍ୟଗୁଡ଼ିକୁ ନେଇ ମୁକ୍ତ ଛନ୍ଦର କବିତା ରଚନା କରିବେ ।



## କବିତା ଲେଖିବା

⏱ ୨୦ ମିନିଟ୍

- ତାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୫/୬ଟି ଦଳରେ ଭାଗ କରିଦେବେ ।
- ପ୍ରତ୍ୟେକ ଦଳକୁ ଧଳାବୋର୍ଡରେ ଲେଖାଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଚାରିଧାଡ଼ିର ଏକ କବିତା ଲେଖିବା ପାଇଁ କହିବେ ।
- ପ୍ରତ୍ୟେକ ଦଳ ଧଳାବୋର୍ଡରେ ଲେଖାଯାଇଥିବା ଶବ୍ଦଗୁଡ଼ିକୁ ବ୍ୟବହାର କରି ଓ ନିଜ ନିଜ ଭିତରେ ଆଲୋଚନା କରି ଚାରି ଧାଡ଼ିର ଏକ କବିତା ଲେଖିବା ପାଇଁ ଚେଷ୍ଟା କରିବେ ।
- ଏହି ସମୟରେ ଶିକ୍ଷକ ପ୍ରତ୍ୟେକ ଦଳ ପାଖକୁ ଯାଇ ଆବଶ୍ୟକ ସହାୟତା ପ୍ରଦାନ କରିବେ ।
- କବିତା ଲେଖିବା ପାଇଁ ପ୍ରତ୍ୟେକ ଦଳକୁ ୧୦ ମିନିଟ ସମୟ ମିଳିବ ।
- କବିତା ଲେଖି ସାରିଲା ପରେ ସମସ୍ତ ଦଳ ତାଙ୍କର କବିତା ଉପସ୍ଥାପନା କରିବେ ।
- ଶିକ୍ଷକ ଯଥାସମ୍ଭବ ଶିକ୍ଷାର୍ଥୀମାନଙ୍କର ଲେଖାକୁ ପ୍ରଶଂସା କରିବେ ଏବଂ ଆବଶ୍ୟକ ସ୍ଥଳେ କିଛି ସୁଧାରିବା ପାଇଁ ମଧ୍ୟ ଚେଷ୍ଟା କରିବେ।
- ସମସ୍ତ ଦଳର ଉପସ୍ଥାପନା ସରିଲା ପରେ ଶିକ୍ଷକ ସମସ୍ତ ଦଳକୁ ଆଉ ଗୋଟିଏ କବିତା ଲେଖିବା ପାଇଁ ଉତ୍ସାହିତ କରିବେ। ଏଥର ପ୍ରତ୍ୟେକ ଦଳ ୬ କିମ୍ବା ୮ ଧାଡ଼ିର କବିତା ଲେଖିବା ପାଇଁ ଚେଷ୍ଟା କରିବେ।
- କବିତା ଲେଖିସାରିଲା ପରେ ପୁଣିଥରେ ସମସ୍ତ ଦଳ ଉପସ୍ଥାପନା କରିବେ ଓ ଯେଉଁ ଦଳ ସବୁଠାରୁ ଭଲ କବିତା ଲେଖିଥିବ, ସେହି ଦଳ ବିଜୟୀ ହେବ ।

## ଗୃହକାର୍ଯ୍ୟ

- ପ୍ରତ୍ୟେକ ଶିକ୍ଷାର୍ଥୀ ଧଳାବୋର୍ଡରେ ଲେଖା ଯାଇଥିବା ସମସ୍ତ ଶବ୍ଦ ନିଜ ଖାତାରେ ଲେଖିନେବେ ଓ ଏହାକୁ ବ୍ୟବହାର କରି ନିଜେ ଏକ କବିତା ଲେଖି ଆଣିବେ ।



## ଅଧିବେଶନ-୧୧
## ଯଦି ଏପରି ହୋଇଥାନ୍ତା...

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୧ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଛାତ୍ରଛାତ୍ରୀମାନଙ୍କର କଳ୍ପନାଶକ୍ତିର ବିକାଶ ହେବା ସହ ଲିଖନ ଦକ୍ଷତା ବୃଦ୍ଧି ହେବ।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର୍, କଲର ସ୍କେଚପେନ୍, ପେନସିଲ୍।
- ପ୍ରଶ୍ନଗୁଡ଼ିକ ଠିକ୍ ଭାବରେ ଦୃଶ୍ୟମାନ ହେବାପାଇଁ ସ୍ମାର୍ଟବୋର୍ଡ୍ / କଳାପଟା।

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକ ପ୍ରଦର୍ଶନ ପାଇଁ ସ୍ମାର୍ଟବୋର୍ଡ୍ ରେ ଲେଖି ରଖିଥିବେ।
- ହଠାତ୍ ଦିନେ ସକାଳୁ ଉଠିଲା ବେଳକୁ ତୁମେ ଜାଣିପାରିଲ କି ତୁମ ଭିତରେ ପଶୁ / ପକ୍ଷୀମାନଙ୍କ ସହ କଥା ହୋଇ ପାରିବାର କ୍ଷମତା ଆସିଯାଇଛି । ତୁମେ କେଉଁ ପଶୁ ସହ କଥା ହେବା ପାଇଁ ଚାହିଁବ ଓ କ'ଣ ସବୁ କଥା ହେବ ?
- ଯଦି କୌଣସି ଏକ ରାତି କେବେ ପାଆନ୍ତା ନାହିଁ ଓ ସକାଳ ହୁଅନ୍ତା ନାହିଁ, ତୁମେ କ'ଣ କରନ୍ତ ?
- ଯଦି ଦିନେ ଈଶ୍ୱର ଦେଖାଦେଇ ତୁମକୁ ତିନିଟି ବର ମାଗିବା ପାଇଁ କୁହନ୍ତି, ତେବେ ତୁମେ କ'ଣ ବର ମାଗିବ ଓ କାହିଁକି ?

### ଆସ ଖେଳିବା 'ଯଦି ଏପରି ହୋଇଥାନ୍ତା' — ୨୦ ମିନିଟ୍

ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ନିମ୍ନଲିଖିତ ପ୍ରଶ୍ନ ଉପରେ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନକୁ ଆରମ୍ଭ କରି ପାରିବେ।

ଶିକ୍ଷାର୍ଥୀମାନେ ଆଜି ଆମେ ଟିକେ ମଜା ମଜା କଥା ହେବା ଏବଂ ବହୁତ ମଜା କରିବା।

- ଆଚ୍ଛା ପିଲେ, କହିଲ ତୁମ ବିଦ୍ୟାଳୟରେ ଯଦି ଜଣେ ହେଲେ ଶିକ୍ଷକ ଉପସ୍ଥିତ ନ ଥାନ୍ତେ, ତେବେ କ'ଣ ହୁଅନ୍ତା ?
- ଦିନେ ହଠାତ୍ ସକାଳେ ତମେ ଉଠିଲା ବେଳେ ଦୁନିଆରେ ସମସ୍ତେ ଗଣିତ (ମିଶାଣ, ଫେଡ଼ାଣ, ଗୁଣନ, ହରଣ) ଭୁଲିଗଲେ ତେବେ କ'ଣ ହୁଅନ୍ତା ଏବଂ ତୁମେ କ'ଣ କରନ୍ତ ?

ଶିକ୍ଷକ ନିଶ୍ଚିତ କରିବେ ଯେ ଏହି ପ୍ରଶ୍ନ ଉପରେ ଆଲୋଚନା କଲାବେଳେ ଯେମିତି ଶ୍ରେଣୀରେ ସବୁବେଳେ ଚୁପ୍ ରହୁଥିବା ଶିକ୍ଷାର୍ଥୀମାନେ ମଧ୍ୟ ଭାଗ ନେବେ । ଯଦି ସ୍ୱତଃପ୍ରବୃତ୍ତ ଭାବରେ ସେମାନେ ଆଲୋଚନାରେ ଭାଗ ନେଉ ନଥିବେ ତେବେ ଶିକ୍ଷକ ସେମାନଙ୍କୁ ସରଳ କଥା ମାଧ୍ୟମରେ ଉତ୍ସାହିତ କରି ଆଲୋଚନାରେ ସାମିଲ କରିବେ।



- ଏହି ଆଲୋଚନା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୫ ଗୋଟି ଦଳରେ ବିଭକ୍ତ କରିବେ ।
- ଶିକ୍ଷକ ନିଶ୍ଚିତ କରିବେ ଯେ ପ୍ରତ୍ୟେକ ଦଳରେ ବିଭିନ୍ନ ସ୍ତରର ଶିକ୍ଷାର୍ଥୀ ଅଛନ୍ତି ।
- ଉକ୍ତ ଆଲୋଚନା ପରେ ଶିକ୍ଷକ କହିବେ ଯେ, ଚାଲ ଆଜି ଆମେ ଏଭଳି ମଜା ମଜା ବିଷୟ ଉପରେ ଏକ ଖେଳ ଖେଳିବା ଏହି ଖେଳଟିର ନାଁ ହେଉଛି 'ଯଦି ଏପରି ହୋଇଥାନ୍ତା' ।
- ଏହାପରେ ଶିକ୍ଷକ ସ୍ମାର୍ଟ ବୋର୍ଡରେ ପୂର୍ବରୁ ଲେଖାଯାଇଥିବା ଉକ୍ତିଗୁଡ଼ିକୁ ପ୍ରଦର୍ଶିତ କରିବେ ।

## ସୂଚନା

୧୫ ମିନିଟ୍

- ପ୍ରତ୍ୟେକ ଦଳ ତାଙ୍କ ପସନ୍ଦର କୌଣସି ଏକ ଉକ୍ତିକୁ ବାଛିବେ ।
- ଶିକ୍ଷକ ପ୍ରତ୍ୟେକ ଦଳକୁ ଏକ ଏ୪ ସାଇଜ୍ ପେପର, କିଛି କଲର ସ୍କେଚପେନ୍, ପେନସିଲ୍ ଦେବେ ।
- ଏହି ଖେଳ ପାଇଁ ସମୁଦାୟ ୧୫ ମିନିଟ୍ ସମୟ ଦିଆଯିବ ।
- ଶିକ୍ଷାର୍ଥୀମାନେ ନିଜେ ଚୟନ କରିଥିବା ଉକ୍ତି ଉପରେ ଦଳଗତ ଆଲୋଚନା ମାଧ୍ୟମରେ ତାଙ୍କର ମତାମତ ଲେଖିବେ । ଯଦି ଆବଶ୍ୟକ ମନେ କରନ୍ତି, ତେବେ ତାଙ୍କ ଲେଖାକୁ ଆହୁରି ସୁନ୍ଦର କରିବା ପାଇଁ ସେଥିରେ ସେମାନେ ଚିତ୍ର ମଧ୍ୟ ଆଙ୍କି ପାରିବେ ।
- ୧୫ ମିନିଟ୍ ସରିଲା ପରେ ଶିକ୍ଷକ ପ୍ରତ୍ୟେକ ଦଳର ଜଣେ ଜଣେ ପ୍ରତିନିଧିଙ୍କୁ ଡାକି ତାଙ୍କ ଦଳର ଲେଖା ଉପସ୍ଥାପନ କରିବା ପାଇଁ କହିବେ ।
- ଏହି ଉପସ୍ଥାପନା ସମୟରେ ପ୍ରଧାନ ଶିକ୍ଷକ ଉପସ୍ଥିତ ରହିବେ । ଯେଉଁ ଦଳର ଲେଖା ସବୁଠାରୁ ଭଲ ହୋଇଥିବ, ତାକୁ ପ୍ରଶଂସା କରିବା ସହ ସେମାନଙ୍କୁ ଉତ୍ସାହିତ କରିବେ ।
- ଶିକ୍ଷାର୍ଥୀଙ୍କର ଲିଖନ କାର୍ଯ୍ୟପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରଶ୍ନଗୁଡ଼ିକ ଅଦଳବଦଳ କରି କିମ୍ବା ନିଜେ ଶିକ୍ଷକ କିଛି ମଜାଳିଆ ପ୍ରଶ୍ନ ପ୍ରସ୍ତୁତ କରି ଏହାକୁ ଶିକ୍ଷାର୍ଥୀମାନଙ୍କ ସହ ଅନେକ ଥର ଖେଳାଇ ପାରିବେ ।

## ଗୃହକାର୍ଯ୍ୟ

- ତୁମକୁ ଯଦି ଦିନକ ପାଇଁ ମୁଖ୍ୟମନ୍ତ୍ରୀ କରିଦିଆଯିବ, ତେବେ ତୁମେ ଶିକ୍ଷାର୍ଥୀମାନଙ୍କ ପାଇଁ କେଉଁ କେଉଁ କାମ ସବୁ କରିବ ?
- ତୁମକୁ ଜିଲ୍ଲାପାଳ କରିଦିଆଗଲେ, ତୁମେ କ'ଣ ସବୁ କାମ କରିବ ?
- ତୁମେ ସ୍ପର୍ଶ କରୁଥିବା ପ୍ରତ୍ୟେକ ବସ୍ତୁ ସୁନା ହୋଇଗଲେ, ତୁମେ କ'ଣ କରିବ ?
- ତୁମେ ଯଦି ପ୍ରଧାନ ଶିକ୍ଷକ ହୋଇଥାନ୍ତ, ତେବେ ବିଦ୍ୟାଳୟର ବିକାଶ ପାଇଁ କ'ଣ କରିଥାନ୍ତ ?



ପ୍ରତ୍ୟେକ ଶିକ୍ଷାର୍ଥୀ ଏହି ସମ୍ବନ୍ଧରେ ନିଜ ନିଜର ମତାମତ ଲେଖି ଆଣିବେ ।

## ଅଧିବେଶନ-୧୨
## କାହାଣୀ ଲେଖିବା ସମୀକ୍ଷା ଶିଖିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୨ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଭୀର ଚିନ୍ତନ ପ୍ରକ୍ରିୟାର ବିକାଶ ଘଟିବ । ପରସ୍ପର ମଧ୍ୟରେ ସହଭାଗିତାର ମନୋଭାବ ଜାଗ୍ରତ ହେବ । ଦଳଗତ କାର୍ଯ୍ୟର ଉପଦେୟତାକୁ ବୁଝିବେ ।
- କୌଣସି ଏକ ଦୃଶ୍ୟପଟକୁ ନେଇ ଚରିତ୍ରଚିତ୍ରଣ କରି କାହାଣୀ ଲେଖିବାରେ ସମର୍ଥ ହେବେ ।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର, କଲର ସ୍କେଚପେନ୍, ପେନସିଲ୍, ରବର ଇତ୍ୟାଦି ।
- ପୂର୍ବ ଅଧିବେଶନରେ (ଯଦି ଏପରି ହୋଇଥାନ୍ତା) ଦଳରେ ଲେଖିଥିବା କାର୍ଯ୍ୟ
- ବୋର୍ଡ ଦ୍ୱାରା ପ୍ରଦତ୍ତ ସମୀକ୍ଷା ପ୍ରଶ୍ନପତ୍ର

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବ ଅଧିବେଶନର ଶେଷରେ ସମସ୍ତ ଦଳଙ୍କୁ ସୂଚନା ଦେଇଥିବେ କାହାଣୀ ରଚନା ବିଷୟରେ ।
- ଶିକ୍ଷାର୍ଥୀମାନେ ନିଜ ଦଳରେ ନିଜେ ଲେଖିଥିବା 'ଯଦି ଏପରି ହୋଇଥାନ୍ତା' ଅନୁଚ୍ଛେଦର ଚରିତ୍ର ଚିତ୍ରଣ ଓ କାହାଣୀ ସମ୍ବନ୍ଧରେ କିଛି ପୂର୍ବ ପ୍ରସ୍ତୁତି କରି ଆସିଥିବେ ।
- ଶିକ୍ଷକ ପୂର୍ବ ଅଧିବେଶନର ବିଷୟଗୁଡ଼ିକ ଆଗରୁ ସ୍ମାର୍ଟବୋର୍ଡରେ ଲେଖି ପ୍ରଦର୍ଶନ ପାଇଁ ରଖିଥିବେ ।

### କାହାଣୀ ଲେଖିବା ସମୀକ୍ଷା ଶିଖିବା - ସକ୍ରିୟାତ୍ମକ କାର୍ଯ୍ୟ — ୪୫ ମିନିଟ୍

ଶିକ୍ଷକ ପୂର୍ବ ଅଧିବେଶନକୁ ଆଧାର କରି ନିମ୍ନଲିଖିତ ପ୍ରଶ୍ନ ଉତ୍ତର ମାଧ୍ୟମରେଏହି ଅଧିବେଶନ ଆରମ୍ଭ କରିବେ ।

- ଆଚ୍ଛା ଶିକ୍ଷାର୍ଥୀମାନେ ଗତ ଅଧିବେଶନ ତୁମକୁ କେମିତି ଲାଗିଲା ?
- ଯଦି ତୁମକୁ ଅଧିକ ସମୟ ମିଳିଥାନ୍ତା ତେବେ ତୁମେ ଅଧିକ ସୁନ୍ଦର ଭାବରେ ଏହାକୁ ଲେଖି ପାରିଥାନ୍ତ କି ?
- ସମ୍ଭାବ୍ୟ ଉତ୍ତର – 'ହଁ'
- ତାହେଲେ ଆମେ ଆଜି ଅଧିକ ଟିକେ ସମୟ ନେବା ଏବଂ ଆମର ଏହି ଲେଖାଗୁଡ଼ିକୁ ଏକ କାହାଣୀର ରୂପ ଦେବା ।

ଶିକ୍ଷକ ନିଶ୍ଚିତ କରିବେ ଯେ ଏହି ପ୍ରଶ୍ନ ଉପରେ ଆଲୋଚନା କଲାବେଳେ ଯେମିତି ଶ୍ରେଣୀରେ ସବୁବେଳେ ଚୁପ୍ ରହୁଥିବା ଶିକ୍ଷାର୍ଥୀମାନେ ମଧ୍ୟ ଭାଗ ନେବେ । ଯଦି ସ୍ୱତଃପ୍ରବୃତ୍ତ ଭାବରେ ସେମାନେ ଆଲୋଚନାରେ ଭାଗ ନେଉ ନଥିବେ ତେବେ ଶିକ୍ଷକ ସେମାନଙ୍କୁ ସରଳ କଥା ମାଧ୍ୟମରେ ଉତ୍ସାହିତ କରି ଆଲୋଚନାରେ ସାମିଲ କରିବେ ।

ତାପରେ ଶିକ୍ଷକ କାହାଣୀ କେମିତି ଲେଖାଯାଏ, କାହାଣୀରେ କ'ଣ ରହିବା ଆବଶ୍ୟକ ଇତ୍ୟାଦି ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସଂକ୍ଷିପ୍ତ ଧାରଣା ଦେବେ ।



- କାହାଣୀ ଲେଖିବା ପାଇଁ ଗୋଟିଏ ବିଷୟବସ୍ତୁ ଚୟନ କରିବାକୁ ପଡ଼ିବ।
- ବିଷୟବସ୍ତୁ ସହ ଜଡ଼ିତ କୌଣସି ଏକ ଘଟଣାବଳୀ କିମ୍ବା କିଛି ଘଟଣାବଳୀକୁ ନେଇ କାହାଣୀଟି ଆଗକୁ ବଢ଼ିବ । ଦଳରେ ଆଲୋଚନା ମାଧ୍ୟମରେ ଏହି ଘଟଣାବଳୀ ନିଶ୍ଚିତ କରାଯାଇପାରେ।
- ଉକ୍ତ ଘଟଣାବଳୀ ସହିତ ସମ୍ପର୍କିତ କିଛି ଚରିତ୍ର ଚିହ୍ନଟ କରିବା।
- ଉକ୍ତ ଚରିତ୍ରମାନଙ୍କୁ ନେଇ କାହାଣୀଟି ଘଟଣାବଳୀ ମାଧ୍ୟମରେ ଗତିଶୀଳ ହେବ।
- କାହାଣୀର ଆରମ୍ଭ ଏବଂ ଶେଷ ଆକର୍ଷଣୀୟ ହେବା ଉଚିତ, ଯଦ୍ୱାରା ସମସ୍ତଙ୍କ ଦ୍ୱାରା କାହାଣୀଟି ଆଦୃତ ହେବ।

ଉକ୍ତ ସୂଚନା ସବୁ ଦେଲାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ନିଜ ନିଜର ବିଷୟବସ୍ତୁକୁ ନେଇ କାହାଣୀ ଲେଖିବା ପାଇଁ କହିବେ।

କାହାଣୀ ଲେଖିସାରିବା ପରେ ଶିକ୍ଷକ ସମସ୍ତ ଦଳରୁ ଜଣ ଜଣକୁ କହିବେ । କାହାଣୀଟି କହିବା ପାଇଁ ପ୍ରତ୍ୟେକ ଥର ଶିକ୍ଷକ ଚେଷ୍ଟା କରିବେ ଜଣେ ନୂଆ ଶିକ୍ଷାର୍ଥୀକୁ କହିବାକୁ ସୁଯୋଗ ଦେବାପାଇଁ।

ପ୍ରତ୍ୟେକ ଦଳ କାହାଣୀ କହି ସାରିଲା ପରେ ବୋର୍ଡ ଦ୍ୱାରା ପ୍ରଦତ୍ତ ସମୀକ୍ଷାର ନିମ୍ନଲିଖିତ ପ୍ରଶ୍ନ ଆଧାରରେ କାହାଣୀର ସମୀକ୍ଷା ହେବ।

- କାହାଣୀଟି କେମିତି ଲାଗିଲା ?
- କାହାଣୀର ବିଷୟବସ୍ତୁ କାହା ଉପରେ ଆଧାରିତ ?
- କାହାଣୀରେ କେଉଁ ଚରିତ୍ରଟି ସବୁଠୁ ଭଲ ଲାଗିଲା ଓ କାହିଁକି ?
- କାହାଣୀରେ କେଉଁ ଚରିତ୍ରଟି ଭଲ ଲାଗିଲା ନାହିଁ ଓ କାହିଁକି ?
- ଆଉ କେମିତି ହେଇଥିଲେ କାହାଣୀଟି ଅଧିକ ଭଲ ଲାଗିଥାନ୍ତା ?

**ସୂଚନା**

- ପ୍ରତ୍ୟେକ ଦଳର କାହାଣୀ ପରେ କାହାଣୀ ସମ୍ବନ୍ଧରେ ଏଭଳି ଆଲୋଚନା ହେବ।
- ଯଦି ସମସ୍ତ ଦଳର ଉପସ୍ଥାପନା ଉକ୍ତ ଅଧିବେଶନରେ ସମାପ୍ତ ହୋଇପାରିବ ନାହିଁ, ତେବେ ଶିକ୍ଷକ ପରବର୍ତ୍ତୀ ଅଧିବେଶନ କିମ୍ବା ନିଜ ନିୟମିତ ଭାଷା ଶ୍ରେଣୀରେ ଏହାକୁ ସଞ୍ଚାଳନ କରିପାରିବେ।

## ଗୃହକାର୍ଯ୍ୟ

ପ୍ରତ୍ୟେକ ଶିକ୍ଷାର୍ଥୀ ସମୀକ୍ଷା ପାଇଁ ଚୟନ କରିଥିବା ପୁସ୍ତକର ସାରାଂଶ ଲେଖି ଆଣିବେ।



## ଅଧିବେଶନ-୧୩
## ଆସ ଜାଣିବା, ଆସ ଚିହ୍ନିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୩ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଲିଖନ କାର୍ଯ୍ୟରେ ଦକ୍ଷତା ବୃଦ୍ଧି ।
- ଶିକ୍ଷାର୍ଥୀଙ୍କ ମଧ୍ୟରେ ପରସ୍ପରକୁ ଜାଣିବା, ପରସ୍ପର ଭିତରେ ସହଭାଗିତା ଓ ଭାବବିନିମୟ ଦକ୍ଷତା ବୃଦ୍ଧି ।
- ନିଜ ନିଜ ଭିତରେ ଆତ୍ମ-ସଚେତନତା ସୃଷ୍ଟି ହେବ ।

### ଆବଶ୍ୟକୀୟ ଉପକରଣ

- ପ୍ରତ୍ୟେକ ଶିକ୍ଷାର୍ଥୀପାଇଁ ଗୋଟିଏ ଲେଖାଏଁ A4 ସାଇଜ୍ କାଗଜ ।
- କଲର ସ୍କେଚ ପେନ ।
- ସ୍ମାର୍ଟ ବୋର୍ଡ ।

### ପୂର୍ବ ପ୍ରସ୍ତୁତି

ଶିକ୍ଷକ ପୂର୍ବରୁ ନିମ୍ନଲିଖିତ ବିନ୍ଦୁଗୁଡ଼ିକ ସ୍ମାର୍ଟବୋର୍ଡ୍ ରେ ଲେଖି ରଖିଥିବେ

- ତୁମର ପ୍ରିୟ ଖେଳ ।
- ତୁମର ଗାଁ କେଉଁଠି ?
- କ'ଣ ଭଲ ଲାଗେ ?
- କ'ଣ ଭଲ ଲାଗେ ନାହିଁ ?
- କେଉଁ ଜିନିଷକୁ ବହୁତ ଭୟ କରନ୍ତି କିମ୍ବା କାହାକୁ ବିଶେଷ ଡରନ୍ତି ?
- କେଉଁ କାର୍ଯ୍ୟ ବହୁତ ଭଲ ଭାବରେ କରିପାରନ୍ତି ?
- ତମେ ଭବିଷ୍ୟତରେ କ'ଣ ହେବାକୁ ଚାହଁ ?
- ତମର ଆଦର୍ଶ କିଏ ?
- ପ୍ରିୟ ଖାଇବା ।
- ପ୍ରିୟ ହିରୋ ।
- ପ୍ରିୟ ହିରୋଇନ ।
- ପ୍ରିୟ ଚଳଚ୍ଚିତ୍ର ।

ଉଦାହରଣ ସ୍ୱରୂପ ଉକ୍ତ ବିନ୍ଦୁଗୁଡ଼ିକୁ ନେଇ ପ୍ରଧାନ ଶିକ୍ଷକ / ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି/ବିଶିଷ୍ଟ କ୍ରୀଡ଼ାବିତ୍ / ଚଳଚ୍ଚିତ୍ର ଅଭିନେତାଙ୍କ ବିଷୟରେ ଲେଖି ରଖିଥିବେ । ଆସ ଜାଣିବା, ଆସ ଚିହ୍ନିବା ।

### ଶ୍ରେଣୀ ପରିଚାଳନା - ସକ୍ରିୟାତ୍ମକ କାର୍ଯ୍ୟ (୧୫ ମିନିଟ୍)

ଶିକ୍ଷକ ପ୍ରଥମେ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନ ଆରମ୍ଭ କରିପାରିବେ ।

ଶିକ୍ଷାର୍ଥୀମାନେ ଆଜି ଆମେ ନିଜ ବିଷୟରେ କଥାହେବା । ଗୋଟିଏ ଶ୍ରେଣୀରେ ପଢ଼ିଲେ ବି ଆମେ ପରସ୍ପରକୁ କେତେଦୂର ଜାଣିବାରେ ସକ୍ଷମ ହେଇଛେ ତାହା ପରୀକ୍ଷା କରିବା ।

ପ୍ରଥମେ ଶିକ୍ଷକ ପ୍ରଧାନଶିକ୍ଷକଙ୍କ ବିଷୟରେ ଲେଖା ଯାଇଥିବା କିଛି ସୂଚନା ଯେପରିକି

(ଶିକ୍ଷାର୍ଥୀଙ୍କ ଆଗ୍ରହ ଅନୁସାରେ ଯଦି ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି/ବିଶିଷ୍ଟ କ୍ରୀଡ଼ାବିତ୍ / ଚଳଚ୍ଚିତ୍ର ଅଭିନେତାଙ୍କ ବିଷୟରେ ଲେଖୁଛନ୍ତି, ସେମାନଙ୍କ ଅନୁଯାୟୀ ଏହି ପ୍ରଶ୍ନଗୁଡ଼ିକୁ ଆପଣ ପରିବର୍ତ୍ତନ କରିପାରିବେ )

- ତାଙ୍କର ବୟସ ୫୪/୫୫ ହେବ

- ତାଙ୍କ ମୁଣ୍ଡରେ ଧଳା କଳା କେଶ ଅଛି ।
- ସେ ବହୁତ ଭଲ ଇଂରାଜୀ/ ଗଣିତ/ ବିଜ୍ଞାନ /ସାହିତ୍ୟ ପଢ଼ାଇ ପାରନ୍ତି ।

- ସେ କେବେ କୌଣସି ଶିକ୍ଷାର୍ଥୀ ଉପରେ ରାଗନ୍ତି ନାହିଁ ।
- ଦରକାର ସମୟରେ ସେ ସମସ୍ତଙ୍କୁ ସାହାଯ୍ୟ କରନ୍ତି ।
- ତା' ପରେ ଶିକ୍ଷାର୍ଥୀମାନଙ୍କୁ ଏହା କାହା ବିଷୟରେ ଲେଖା ହୋଇଛି କିଏ କହିପାରିବ ବୋଲି ପଚାରିବେ ।
- ଯେତେ ଜଣ ଶିକ୍ଷାର୍ଥୀ କହିବାକୁ ଚାହୁଁଥିବେ ସମସ୍ତଙ୍କୁ ପଚାରିଲା ପରେ ଯାଇ କେଉଁମାନେ ଠିକ ଭାବରେ ଚିହ୍ନଟ କରିପାରିଲେ ତାହା ସୂଚନା ଦେବେ ।
- ଶ୍ରେଣୀରେ ଅଂଶଗ୍ରହଣ କରୁନଥିବା ଶିକ୍ଷାର୍ଥୀଙ୍କୁ ଶିକ୍ଷକ ନିଜ ତରଫରୁ ଉତ୍ସାହିତ କରି ଉକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ କହିବେ ।
- ଆବଶ୍ୟକ ସ୍ଥଳେ କିଛି ସହଜ ଟିପ୍ସ ମଧ୍ୟ ଶିକ୍ଷକ ଦେଇ ପାରିବେ ।
- ଶିକ୍ଷକ ଏହି ଖେଳଟି କରାଇବାପାଇଁ ପ୍ରଧାନଶିକ୍ଷକଙ୍କ ବ୍ୟତୀତ କିଛି ଲେଖକ, ପ୍ରସିଦ୍ଧ ଖେଳାଳି, ଚଳଚ୍ଚିତ୍ର ଅଭିନେତା, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଲେଖି ରଖିପାରିବେ ।



- ତାପରେ ଶିକ୍ଷକ ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କୁ ଛିଡ଼ା କରାଇ ତାର କୌଣସି ଭଲ ସାଙ୍ଗର ନାମ ପଚାରି ତାକୁ ମଧ୍ୟ ଛିଡ଼ା କରାଇବେ ।
- ତା ପରେ ସ୍ମାର୍ଟବୋର୍ଡ୍‌ରେ ଲେଖାଥିବା ବିନ୍ଦୁଗୁଡ଼ିକ ଆଧାରରେ ପରସ୍ପର ତାଙ୍କ ସାଙ୍ଗକୁ କେତେଦୂର ଜାଣିଛନ୍ତି ତାହା କହିବା ପାଇଁ କହିବେ ।

## ଶ୍ରେଣୀ ପରିଚାଳନା - ମୁଖ୍ୟ କାର୍ଯ୍ୟକଳାପ

୩୦ ମିନିଟ୍

- ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ସଂଖ୍ୟା ଆଧାରରେ ୫/୬ଟି ଦଳରେ ଭାଗ କରିଦେବେ ।
- ପ୍ରତ୍ୟେକ ଦଳକୁ ସେହି ଦଳର ସଂଖ୍ୟା ଆଧାରରେ A4 ପେପର ଦେବେ ।
- ନିଜ ଦଳରେ ଥିବା ପ୍ରତ୍ୟେକ ସଦସ୍ୟଙ୍କ ବିଷୟରେ ସ୍ମାର୍ଟବୋର୍ଡରେ ପ୍ରଦର୍ଶିତ ବିନ୍ଦୁଗୁଡ଼ିକ ଆଧାରରେ ଦଳରେ ଆଲୋଚନା କରି ଗୋଟିଏ ଗୋଟିଏ କାଗଜରେ ଲେଖିବା ପାଇଁ କହିବେ ।
- ଲେଖିବା ସମୟରେ ଯେମିତି ଅନ୍ୟ ଦଳର ସଦସ୍ୟ ଆସି ଦେଖିବେ ନାହିଁ, ତାହା ପ୍ରତ୍ୟେକ ଦଳ ଓ ଶିକ୍ଷକ ନିଶ୍ଚିତ କରିବେ ।
- ଏହି କାର୍ଯ୍ୟ ପାଇଁ ସମୁଦାୟ ୨୦ ମିନିଟ୍ ସମୟ ଦିଆଯିବ ।
- ସମସ୍ତ ଦଳ ଏହା ଲେଖିସାରିବା ପରେ ପ୍ରତ୍ୟେକ ଦଳ ନିଜ ଦଳରେ ଜଣକୁ ବାଛି ତାକୁ ସମସ୍ତ କାଗଜ୍ ଉପସ୍ଥାପନା କରିବା ପାଇଁ ଦେବେ ।
- ଗୋଟିଏ ଦଳ ଗୋଟି ଗୋଟି କରି ଦଳର ସବୁ ଶିକ୍ଷାର୍ଥୀଙ୍କ ବିଷୟରେ ଲେଖାଥିବା କାଗଜ୍ ଉପସ୍ଥାପନା କରିବେ । ଗୋଟିଏ କାଗଜ୍ ପଢ଼ିଲା ପରେ ସେସବୁ କେଉଁ ବ୍ୟକ୍ତି ବିଷୟରେ କୁହାଯାଉଛି ବୋଲି ଅନ୍ୟ ଦଳର ସଦସ୍ୟମାନଙ୍କୁ ପଚାରିବେ ? ଅନ୍ୟ ଦଳରେ ଆଲୋଚନା କରି କେବଳ ଗୋଟିଏ ଶିକ୍ଷାର୍ଥୀର ନାମ ସେମାନେ କହିପାରିବେ ।
- ଏଭଳି ସମସ୍ତ ଦଳ ଅନୁମାନ କରି କହିସାରିବା ପରେ ମୁଖ୍ୟ ଦଳ ସଠିକ ବ୍ୟକ୍ତିର ନାମ କହିବ ଏବଂ ଠିକ ଉତ୍ତର ଦେଇଥିବା ଦଳକୁ ତାଳି ମାଧ୍ୟମରେ ସମସ୍ତେ ଉତ୍ସାହିତ କରିବେ ।
- ଖେଳ ଏହି ଭଳି ପ୍ରତ୍ୟେକ ଦଳ ଏବଂ ପ୍ରତ୍ୟେକ ସଦସ୍ୟର ନାମ ଶେଷ ହେବା ପର୍ଯ୍ୟନ୍ତ ଜାରି ରହିବ ।

**ସୂଚନା**

- ସମସ୍ତ ଦଳର ଉପସ୍ଥାପନା ଶେଷ ହେବା ପରେ, ଶିକ୍ଷକ ପ୍ରତ୍ୟେକ ଦଳକୁ ତାଙ୍କ ଦଳର କାଗଜ଼ଗୁଡ଼ିକ ନେଇ ତାଙ୍କ ଦଳ ବିଷୟରେ ଏକ ସଂକ୍ଷିପ୍ତ ଅନୁଚ୍ଛେଦ ଲେଖିବା ଓ ଉପସ୍ଥାପନା କରିବା ପାଇଁ କହିବେ ।
- ଯଦି ଶ୍ରେଣୀରେ ଶିକ୍ଷାର୍ଥୀ ସଂଖ୍ୟା କମ ଥିବେ ତେବେ ଶିକ୍ଷକ ପ୍ରତ୍ୟେକ ବିନ୍ଦୁ ଓ ପ୍ରତ୍ୟେକ ସଦସ୍ୟଙ୍କ ବିଷୟରେ ଲେଖି ଏହି ଅଧିବେଶନ ଆୟୋଜନ କରିପାରିବେ ।
- କିନ୍ତୁ ଯଦି ଶିକ୍ଷାର୍ଥୀଙ୍କ ସଂଖ୍ୟା ବହୁତ ଅଧିକ ହୋଇଥାଏ, ତେବେ ପ୍ରତ୍ୟେକ ଦଳରେ କୌଣସି ୨/୩ଟି ଶିକ୍ଷାର୍ଥୀଙ୍କ ବିଷୟରେ ଲେଖାଯାଇପାରେ ଏବଂ କମ୍ ସଂଖ୍ୟକ ବିନ୍ଦୁକୁ ନେଇ ସୂଚନା ଲେଖାଯାଇପାରିବ ।

## ଗୃହକାର୍ଯ୍ୟ

ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ବିଷୟରେ ଲେଖାଥିବା କାଗଜଗୁଡ଼ିକ ନେବେ ଏବଂ ନିଜ ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଅନୁଚ୍ଛେଦ ଘରୁ ଲେଖିକି ଆଣିବେ ।



| ଅଧିବେଶନ-୧୪<br>ମୋ ବନ୍ଧୁ, ମୋ ସଖା (Synonyms) | ଅଧିବେଶନ କୋଡ୍ | ଅବଧି |
|---|---|---|
| | ୧୪ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ଖେଳ ମାଧ୍ୟମରେ ପ୍ରତିଶବ୍ଦ ଜାଣିବେ ଓ ପରବର୍ତ୍ତୀ ସମୟରେ ପରୀକ୍ଷା ଏବଂ ନିଜ ଲେଖାରେ ଏହା ପ୍ରକାଶିତ କରିବାରେ ସକ୍ଷମ ହେବେ ।

## ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର, ଡ୍ରଇଂ ସିଟ୍ ଏବଂ ପ୍ରତିଶବ୍ଦ କାର୍ଡ, କାର୍ଡଗୁଡ଼ିକ ରଖିବା ପାଇଁ ଆବଶ୍ୟକ ପାତ୍ର ।

## ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ କିଛି କାର୍ଡରେ ଶବ୍ଦ ଲେଖିଥିବେ ଏବଂ ଅନ୍ୟ କିଛି କାର୍ଡରେ ତାର ପ୍ରତିଶବ୍ଦ ଲେଖିଥିବେ ।
- ଶିକ୍ଷାର୍ଥୀସଂଖ୍ୟା ଆଧାରରେ ଏହି କାର୍ଡ ପ୍ରସ୍ତୁତ କରିବାକୁ ପଡ଼ିବ । ଯଦି ଶ୍ରେଣୀରେ ୪୦ ଶିକ୍ଷାର୍ଥୀ ଆସିଛନ୍ତି ତେବେ ୨୦ ଶବ୍ଦ କାର୍ଡ ଏବଂ ୨୦ ପ୍ରତିଶବ୍ଦ କାର୍ଡ ପ୍ରସ୍ତୁତ କରିବାକୁ ପଡ଼ିବ ।
- ସମୟ ଆଧାରରେ ଏହି ଖେଳକୁ ୨ ଥର ଖେଳିବା ପାଇଁ ଶିକ୍ଷକ ୨ ପ୍ରକାରର ଶବ୍ଦ କାର୍ଡ ପ୍ରସ୍ତୁତ କରି ଆଣିବେ । ପ୍ରଥମ ଥରର ଖେଳ ପାଇଁ କିଛି ସରଳ ଶବ୍ଦକୁ ନେଇ କାର୍ଡ ପ୍ରସ୍ତୁତ କରିବେ ଏବଂ ଦ୍ୱିତୀୟ ସ୍ତରର ଖେଳ ପାଇଁ ତା'ଠାରୁ କିଛି କଷ୍ଟ/ଜଟିଳ ଶବ୍ଦକୁ ନେଇ କାର୍ଡ ପ୍ରସ୍ତୁତ କରିଥିବେ ।

## ସକ୍ରିୟାତ୍ମକ କାର୍ଯ୍ୟ — ୫ ମିନିଟ୍

ଶିକ୍ଷକ ପ୍ରଥମେ ଶିକ୍ଷାର୍ଥୀଙ୍କୁ U ଆକାରରେ ଠିଆ କରାଇ ନିମ୍ନୋକ୍ତ କ୍ଷୁଦ୍ର ଅନୁଚ୍ଛେଦଟିକୁ ସ୍ପଷ୍ଟ ଭାବରେ ପଢ଼ିବେ ।

**ସକାଳେ** ଆସିବା ବାଟରେ ହଠାତ ଜଗନ୍ନାଥପୁରଠାରେ ଲୋକ ରୁଣ୍ଡ ହୋଇ **ପାଟିତୁଣ୍ଡ** କରୁଥିବାର ଶୁଣିଲି, ମୁଁ ସେଠାକୁ ଗଲାବେଳକୁ ସେଠାରେ ଅନେକ **ବ୍ୟକ୍ତି** ଥିଲେ ଓ ଦୁଇଜଣ **ମହିଳା** ପରସ୍ପର ମଧ୍ୟରେ **କଳି** କରୁଥିଲେ ଓ ଗୋଟିଏ **ସ୍ତ୍ରୀଲୋକ** ଅନ୍ୟଟିକୁ ଚିତ୍କାର କରି କହୁଥାଏ, 'ତୋର ପୁଅ କାହିଁକି ମୋ **ପୁଅକୁ କୂଅକୁ** ଠେଲିଦେଲା ?' ଦ୍ୱିତୀୟ **ସ୍ତ୍ରୀଲୋକ** ଜଣଙ୍କ କହିଲା, 'ସେ ମନକୁ ମନ ଖେଳୁ ଥିଲାବେଳେ ପଡ଼ିଗଲା ।' ମୁଁ ସେମାନଙ୍କୁ ବୁଝାବୁଝି କଲି, ସେମାନେ କଳହ ନ କରିବା ପାଇଁ । ତାପରେ ଅନ୍ୟ କେତେକ ଲୋକଙ୍କ ସାହାଯ୍ୟରେ ମୁଁ ସେ ଅଗଭୀର **କୂପରୁ ଶିକ୍ଷାର୍ଥୀଟିକୁ** ଉଦ୍ଧାର କଲି । ଲୋକମାନେ ମିଳିମିଶି ଚେଷ୍ଟା କରିବାରୁ **ବାଳକଟିକୁ** ଉଦ୍ଧାର କରାଯାଇପାରିଲା, ତାପରେ **ସ୍ତ୍ରୀଲୋକ** ଦ୍ୱୟ ନିଜ ନିଜ **ପୁତ୍ର**ମାନଙ୍କ ସହ ଘରକୁ ଗଲେ । **ପ୍ରଭାତ** ସମୟରେ ଏହି **କଳହଟି** ମୋର ସଦାବେଳେ ମନ ରହିବ, ଜଟିଳରୁ ଜଟିଳ ସମସ୍ୟା ମଧ୍ୟ ମିଳିମିଶି ସମାଧାନ କରାଯାଇପାରେ ।

ଶିକ୍ଷକ ଏହି ଅନୁଚ୍ଛେଦଟିକୁ ପଢ଼ି ସାରିଲା ପରେ ଶିକ୍ଷାର୍ଥୀମାନଙ୍କୁ ପଚାରିବେ ।

- ଏହି ଅନୁଚ୍ଛେଦରେ ଏମିତି କିଛି ଶବ୍ଦ ଥିଲା କି ଯାହାର ଅର୍ଥ ସମାନ ଥିଲା ।
- ଶିକ୍ଷକ ଅନୁଚ୍ଛେଦରେ ବ୍ୟବହୃତ କିଛି ଶବ୍ଦକୁ ସ୍ମାର୍ଟ ବୋର୍ଡରେ ଲେଖି ଶିକ୍ଷାର୍ଥୀମାନଙ୍କୁ ଅନୁଚ୍ଛେଦରେ ବ୍ୟବହୃତ ପ୍ରତିଶବ୍ଦକୁ କହିବା ପାଇଁ କହିବେ ଏବଂ ସେଇ ପ୍ରତିଶବ୍ଦକୁ ସ୍ମାର୍ଟବୋର୍ଡରେ ଲେଖି କରି ରଖିବେ ।



## ଆସ ଖେଳିବା ମୋ ବନ୍ଧୁ, ମୋ ସଖା

୪୦ ମିନିଟ୍

**ଶ୍ରେଣୀଗୃହ ପରିଚାଳନା-**

- ପ୍ରଥମେ ଶିକ୍ଷକ ପ୍ରସ୍ତୁତ କରିଥିବା କିଛି ଶବ୍ଦ ଓ ତାର ପ୍ରତିଶବ୍ଦଗୁଡ଼ିକୁ ଗୋଟିଏ ପାତ୍ରରେ ରଖିବେ।
- ଶିକ୍ଷାର୍ଥୀମାନଙ୍କୁ ଖେଳ ବିଷୟରେ ସୂଚନା ଦେବେ ଏବଂ କହିବେ ଆମେ ' ମୋ ବନ୍ଧୁ, ମୋ ସଖା ଖେଳ ଖେଳିବା'।
- ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଟିଏ ଗୋଟିଏ କାର୍ଡ ଉକ୍ତ ପାତ୍ରରୁ ନେବା ପାଇଁ କହିବେ ।
- କାର୍ଡ ନେଲାପରେ ଶିକ୍ଷାର୍ଥୀମାନେ ନିଜ କାର୍ଡ ଦେଖିବେ ଏବଂ ଏହାର ସମାନ ଅର୍ଥ ପ୍ରକାଶ କରୁଥିବା ଅନ୍ୟ ଶିକ୍ଷାର୍ଥୀ ପାଖରେ ଥିବା କାର୍ଡ ଖୋଜିବେ ଓ ତା ସାଥିରେ ଛିଡ଼ା ହେବେ ।

ଏଭଳି ସମସ୍ତେ ନିଜ ନିଜର ସାଥି ଖୋଜି ସାରିବା ପରେ ଶିକ୍ଷକ ନିମ୍ନ ସୂଚନା ସହ ଖେଳକୁ ଆଗକୁ ବଢ଼ାଇବେ ।

- ପ୍ରଥମ ଦଳର ଜଣେ ଶିକ୍ଷାର୍ଥୀ ସେ ପାଇଥିବା ଶବ୍ଦଟି କହିବ, କିନ୍ତୁ ତାର ସାଙ୍ଗ ତାର ପ୍ରତିଶବ୍ଦଟି କହିବ ନାହିଁ ।
- ଅନ୍ୟ ସବୁ ଦଳ ଜଣ ଜଣ କରି ତାର ପ୍ରତିଶବ୍ଦ କ'ଣ ହୋଇପାରେ କହିବାକୁ ଚେଷ୍ଟା କରିବେ ।
- କୌଣସି ଦଳ ସେଇ ଶବ୍ଦର ପ୍ରତିଶବ୍ଦ କହି ନ ପାରିଲେ ତାହା ଅନ୍ୟ ଦଳପାଖକୁ ପାସ୍ ହୋଇଯିବ ।
- ଏହି ସମୟରେ ଶିକ୍ଷକ ଉକ୍ତ ଶବ୍ଦର ଠିକ ପ୍ରତିଶବ୍ଦ ଗୁଡ଼ିକୁ ଚିହ୍ନଟ କରୁଥିବେ ଓ ଭୁଲ କହିଥିବା ଦଳର ଶବ୍ଦଟିକୁ ମଧ୍ୟ ଚିହ୍ନଟ କରୁଥିବେ ।
- ଗୋଟିଏ ଶବ୍ଦ ପାଇଁ ଏହି ଭଳି ୫, ୬ ଟି ଦଳ ପ୍ରତିଶବ୍ଦ କହି ସାରିଲା ପରେ ସେଇ ଶବ୍ଦର ଆଉ କିଛି ପ୍ରତିଶବ୍ଦ ଶିକ୍ଷକ ସମସ୍ତ ଶ୍ରେଣୀକୁ ପଚାରି ଲେଖିପାରିବେ ।
- ଶିକ୍ଷକ ନିଜେ ମଧ୍ୟ ଶବ୍ଦଟିର ଜାଣିଥିବା କିଛି ପ୍ରତିଶବ୍ଦ ଲେଖିପାରିବେ ।
- ଖେଳ ଶେଷରେ ଶିକ୍ଷକ ପ୍ରଥମେ ଦଳରେ କହିଥିବା ଶବ୍ଦମାନଙ୍କ ମଧ୍ୟରୁ କେଉଁଟି ଠିକ ପ୍ରତିଶବ୍ଦ ନୁହେଁ ତାହା ଶିକ୍ଷାର୍ଥୀମାନଙ୍କୁ ଜଣେଇବେ ।
- ଏହାପରେ ଶିକ୍ଷକ ଠିକ ପ୍ରତିଶବ୍ଦ କହିଥିବା ଶବ୍ଦଗୁଡ଼ିକୁ ଚିହ୍ନଟ କରି ଦଳମାନଙ୍କୁ ଉତ୍ସାହିତ କରିବା ସହ ଖେଳ ଶେଷ କରିପାରିବେ ।

**ସୂଚନା**

- ପ୍ରଥମେ ସହଜ ଶବ୍ଦଗୁଡ଼ିକୁ ନେଇ ଖେଳିବା ପରେ ଶିକ୍ଷକ ଟିକେ କଷ୍ଟ/ଜଟିଳ ଶବ୍ଦକୁ ନେଇ ଏହି ଖେଳ ଖେଳିବେ ।
- ଶିକ୍ଷାର୍ଥୀଙ୍କର ପରୀକ୍ଷା ପ୍ରସ୍ତୁତି ପାଇଁ ଶିକ୍ଷକ ଉକ୍ତ ଶ୍ରେଣୀର ପାଠ୍ୟ ପୁସ୍ତକରୁ ଶବ୍ଦ ଚୟନ କରିବା ଉଚିତ ।
- ଏହି ତିନୋଟି ଯାକ ଖେଳ ବିଷୟରେ ଯେପରିକି ଇଂରାଜୀ, ଓଡ଼ିଆ ଓ ହିନ୍ଦୀରେ ଖେଳାଯାଇପାରିବ ।
- ଏହି ଖେଳକୁ ସମୟ ପାଇଲେ ଶିକ୍ଷକ ନିଜ ନିୟମିତ ଭାଷା ଶ୍ରେଣୀରେ ମଧ୍ୟ ଖେଳାଇ ପାରିବେ ।

## ଗୃହକାର୍ଯ୍ୟ

ଶିକ୍ଷାର୍ଥୀମାନେ ଶ୍ରେଣୀରେ ଆଗକୁ ପଢ଼ିବାକୁ ଥିବା ପାଠ୍ୟପୁସ୍ତକର ବିଷୟରୁ ୧୦ଟି ଲେଖାଏଁ ଶବ୍ଦ ବାଛିବେ ଓ ତାର ପ୍ରତିଶବ୍ଦ ଲେଖି କରିଆଣିବାକୁ କହିବେ ।



| ଅଧିବେଶନ-୧୫<br>ତୁ କହିଲେ ଦିନ, ମୁଁ କହିବି ରାତି (Antonyms) | ଅଧିବେଶନ କୋଡ୍ | ଅବଧି |
|---|---|---|
| | ୧୫ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ଖେଳ ମାଧ୍ୟମରେ ବିପରୀତାର୍ଥ ବୋଧକ ଶବ୍ଦ ଜାଣିବେ ଓ ପରବର୍ତ୍ତୀ ସମୟରେ ପରୀକ୍ଷା ଏବଂ ନିଜ ଲେଖାରେ ଏହା ପ୍ରକାଶିତ କରିବାରେ ସକ୍ଷମ ହେବେ ।

## ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର୍ , ଡ୍ରଇଂ ସିଟ୍ , ଶବ୍ଦ କାର୍ଡ ଏବଂ ଏହାର ବିପରୀତାର୍ଥ ବୋଧକ ଶବ୍ଦ କାର୍ଡ, କାର୍ଡଗୁଡ଼ିକ ରଖିବା ପାଇଁ ଆବଶ୍ୟକ ପାତ୍ର ।

## ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ମୋ ବନ୍ଧୁ, ମୋ ସଖା ଅଧିବେଶନରେ ବ୍ୟବହାର କରିଥିବା ଶବ୍ଦ କାର୍ଡର ବିପରୀତାର୍ଥ ବୋଧକ ଶବ୍ଦ ଅନ୍ୟ କିଛି କାର୍ଡରେ ଲେଖି ରଖି ଥିବେ ।
- ଶିକ୍ଷାର୍ଥୀସଂଖ୍ୟା ଆଧାରରେ ଏହି କାର୍ଡ ପ୍ରସ୍ତୁତ କରିବାକୁ ପଡ଼ିବ । ଯଦି ଶ୍ରେଣୀରେ ୪୦ ଶିକ୍ଷାର୍ଥୀ ଆସିଛନ୍ତି ତେବେ ୨୦ ଶବ୍ଦ କାର୍ଡ ଏବଂ ୨୦ ବିପରୀତାର୍ଥ ବୋଧକ ଶବ୍ଦ କାର୍ଡ ପ୍ରସ୍ତୁତ କରିବାକୁ ପଡ଼ିବ ।
- ସମୟ ଆଧାରରେ ଏହି ଖେଳକୁ ୨ ଥର ଖେଳିବା ପାଇଁ ଶିକ୍ଷକ ୨ ପ୍ରକାରର ଶବ୍ଦ କାର୍ଡ ପ୍ରସ୍ତୁତ କରି ଆଣିବେ । ପ୍ରଥମ ଥରର ଖେଳ ପାଇଁ କିଛି ସରଳ ଶବ୍ଦକୁ ନେଇ କାର୍ଡ ପ୍ରସ୍ତୁତ କରିବେ ଏବଂ ଦ୍ୱିତୀୟ ସ୍ତରର ଖେଳ ପାଇଁ ତା ଠାରୁ କିଛି କଷ୍ଟ/ ଜଟିଳ ଶବ୍ଦକୁ ନେଇ କାର୍ଡ ପ୍ରସ୍ତୁତ କରିଥିବେ ।

## ସକ୍ରିୟାତ୍ମକ କାର୍ଯ୍ୟ — ୫ ମିନିଟ୍

ଶିକ୍ଷକ ପ୍ରଥମେ ଶିକ୍ଷାର୍ଥୀଙ୍କୁ U ଆକାରରେ ଠିଆ କରାଇ ନିମ୍ନୋକ୍ତ କ୍ଷୁଦ୍ର କବିତାଟିକୁ ଆବୃତ୍ତି କରିବେ ।

'ବଗ କହେ ବଗୁଲି ଲୋ
ଚାଲ ଶବ୍ଦ ଖେଳ ଖେଳିବା ଉଡ଼ି ବୁଲି
ତୁ କହିଲେ ଦିନ ମୁଁ କହିବି ରାତି
ତୁ କହିଲେ ଥଣ୍ଡା ମୁଁ କହିବି ତାତି
ସରଳ ଯଦି ମୁଁ ହେବି ଲୋ, ତୁ ହେବୁ ଲୋ __________ (ଜଟିଳ)
ମୁଁ କଲେ ଦୋଷ, ତୁ ହେବୁ ଲୋ __________ (ନିର୍ଦ୍ଦୋଷ)
ବଗ କହେ ଲୋ ବଗୁଲି
ଚାଲ ଶବ୍ଦ ଖେଳ ଖେଳିବା ଉଡ଼ି ବୁଲି

ଶିକ୍ଷାର୍ଥୀମାନଙ୍କୁ କ୍ଷୁଦ୍ର କବିତାଟିକୁ ତାଙ୍କ ସହ ଗାଇବା ପାଇଁ କହିବେ । ଶିକ୍ଷାର୍ଥୀମାନେ କବିତାଟି ଶୁଣି କବିତାର ଅସମ୍ପୂର୍ଣ୍ଣ ଅଂଶକୁ ସମ୍ପୂର୍ଣ୍ଣ କରି ପୁଣି ଥରେ ପୂର୍ଣ୍ଣ କବିତାଟିକୁ ବୋଲିବେ ।

## ଆସ ଖେଳିବା ତୁ କହିଲେ ଦିନ, ମୁଁ କହିବି ରାତି — ୪୦ ମିନିଟ୍

**ଶ୍ରେଣୀଗୃହ ପରିଚାଳନା-**

- ପ୍ରଥମେ ଶିକ୍ଷକ ପ୍ରସ୍ତୁତ କରିଥିବା କିଛି ଶବ୍ଦ ଓ ତାର ବିପରୀତାର୍ଥ ବୋଧକ ଶବ୍ଦଗୁଡ଼ିକୁ ଗୋଟିଏ ପାତ୍ରରେ ରଖିବେ ।
- ଶିକ୍ଷାର୍ଥୀମାନଙ୍କୁ ଖେଳ ବିଷୟରେ ସୂଚନା ଦେବେ ଏବଂ କହିବେ ଆମେ 'ତୁ କହିଲେ ଦିନ, ମୁଁ କହିବି ରାତି ଖେଳ ଖେଳିବା' ।
- ସମସ୍ତ ଶିକ୍ଷାର୍ଥୀଙ୍କୁ ଗୋଟିଏ ଗୋଟିଏ କାର୍ଡ ଉକ୍ତ ପାତ୍ରରୁ ନେବା ପାଇଁ କହିବେ ।

- କାର୍ଡ ନେଲାପରେ ଶିକ୍ଷାର୍ଥୀମାନେ ନିଜ କାର୍ଡ ଦେଖିବେ ଏବଂ ଏହାର ବିପରୀତ ଅର୍ଥ ପ୍ରକାଶ କରୁଥିବା ଅନ୍ୟ ଶିକ୍ଷାର୍ଥୀ ପାଖରେ ଥିବା କାର୍ଡ ଖୋଜିବେ ଓ ତା ସାଥିରେ ଛିଡ଼ା ହେବେ।

ଏଭଳି ସମସ୍ତେ ନିଜ ନିଜର ଯୋଡ଼ି ଖୋଜି ସାରିବା ପରେ ଶିକ୍ଷକ ନିମ୍ନ ସୂଚନା ସହ ଖେଳକୁ ଆଗକୁ ବଢ଼ାଇବେ।

- ପ୍ରଥମ ଦଳର ଜଣେ ଶିକ୍ଷାର୍ଥୀ ସେ ପାଇଥିବା ଶବ୍ଦଟି କହିବ, କିନ୍ତୁ ତାର ସାଙ୍ଗ ତାର ବିପରୀତାର୍ଥବୋଧକ ଶବ୍ଦଟି କହିବ ନାହିଁ।
- ଅନ୍ୟ ସବୁ ଦଳ ଜଣେ ଜଣେ କରି ତାର ବିପରୀତାର୍ଥବୋଧକ ଶବ୍ଦ କ'ଣ ହୋଇପାରେ କହିବାକୁ ଚେଷ୍ଟା କରିବେ।
- କୌଣସି ଦଳ କହି ନ ପାରିଲେ ତାହା ଅନ୍ୟ ଦଳପାଖକୁ ପାସ ହୋଇଯିବ।
- ଏହି ସମୟରେ ଶିକ୍ଷକ ଉକ୍ତ ଶବ୍ଦର ଠିକ ବିପରୀତାର୍ଥବୋଧକ ଶବ୍ଦଗୁଡ଼ିକୁ ଚିହ୍ନଟ କରୁଥିବେ । ଭୁଲ କହିଥିବା ଦଳର ଶବ୍ଦଟିକୁ ମଧ୍ୟ ଚିହ୍ନଟ କରୁଥିବେ।
- ଗୋଟିଏ ଶବ୍ଦ ପାଇଁ ଏହି ଭଳି ୫/୬ଟି ଦଳ ବିପରୀତାର୍ଥବୋଧକ ଶବ୍ଦ କହି ସାରିଲା ପରେ ସେଇ ଶବ୍ଦର ଆଉ କିଛି ବିପରୀତାର୍ଥବୋଧକ ଶବ୍ଦ ଶିକ୍ଷକ ସମସ୍ତ ଶ୍ରେଣୀକୁ ପଚାରି ଲେଖିପାରିବେ।
- ଶିକ୍ଷକ ନିଜେ ମଧ୍ୟ ଶବ୍ଦଟିର ଜାଣିଥିବା କିଛି ବିପରୀତାର୍ଥବୋଧକ ଶବ୍ଦ ଲେଖିପାରିବେ।
- ଖେଳ ଶେଷରେ ଶିକ୍ଷକ ପ୍ରଥମେ ଦଳରେ କହିଥିବା ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ସଠିକ ବିପରୀତାର୍ଥବୋଧକ ଶବ୍ଦ ନୁହେଁ ତାହା ଶିକ୍ଷାର୍ଥୀମାନଙ୍କୁ ଜଣାଇବେ।
- ଏହାପରେ ଶିକ୍ଷକ ଠିକ ବିପରୀତାର୍ଥବୋଧକ ଶବ୍ଦ କହିଥିବା ଶବ୍ଦଗୁଡ଼ିକୁ ଚିହ୍ନଟ କରି ଦଳମାନଙ୍କୁ ଉତ୍ସାହିତ କରିବା ସହ ଖେଳ ଶେଷ କରିପାରିବେ।

**ସୂଚନା**

- ପ୍ରଥମେ ସହଜ ଶବ୍ଦଗୁଡ଼ିକୁ ନେଇ ଖେଳିବା ପରେ ଶିକ୍ଷକ ଟିକେ କଷ୍ଟ/ଜଟିଳ ଶବ୍ଦକୁ ନେଇ ଏହି ଖେଳ ଖେଳିବେ ।
- ଶିକ୍ଷାର୍ଥୀଙ୍କର ପରୀକ୍ଷା ପ୍ରସ୍ତୁତି ପାଇଁ ଶିକ୍ଷକ ଉକ୍ତ ଶ୍ରେଣୀର ପାଠ୍ୟପୁସ୍ତକରୁ ଶବ୍ଦ ଚୟନ କରିବା ଉଚିତ।
- ଏହି ଖେଳ ତିନୋଟି ଯାକ ବିଷୟରେ ଯେପରିକି ଇଂରାଜୀ, ଓଡ଼ିଆ ଓ ହିନ୍ଦୀରେ ଖେଳାଯାଇପାରିବ।
- ଏହି ଖେଳକୁ ସମୟ ପାଇଲେ ଶିକ୍ଷକ ନିଜ ନିୟମିତ ଭାଷା ଶ୍ରେଣୀରେ ମଧ୍ୟ ଖେଳାଇ ପାରିବେ ।

## ଗୃହକାର୍ଯ୍ୟ

ଶିକ୍ଷାର୍ଥୀମାନେ ଶ୍ରେଣୀରେ ଆଗକୁ ପଢ଼ିବାକୁ ଥିବା ପାଠ୍ୟପୁସ୍ତକର ବିଷୟରୁ ୧୦ଟି ଲେଖାଏଁ ଶବ୍ଦ ବାଛିବେ ଓ ତାର ବିପରୀତ ଶବ୍ଦ ଲେଖିକରି ଆଣିବାକୁ କହିବେ ।



## ଅଧିବେଶନ-୧୬
## ଚାରୋଟି ଠିକ ଗୋଟିଏ ଭୁଲ

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୬ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନଙ୍କର ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ପ୍ରସଙ୍ଗ ସମ୍ବନ୍ଧୀୟ ଧାରଣା ପାଇବେ ।
- ଶିକ୍ଷାର୍ଥୀମାନେ ଦଳଗତ ପଠନର ଉପକାରିତା ବୁଝିବେ ।

### ଆବଶ୍ୟକୀୟ ଉପକରଣ

- ୧୦ମ ଶ୍ରେଣୀର ସାହିତ୍ୟ ବହି, A4 ପେପର୍, ପେନ୍ , ପେନସିଲ୍, ସ୍କେଚ୍ ପେନ୍

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ୫ଟି ବାକ୍ୟର ଦୁଇଟି ସେଟ ପ୍ରସ୍ତୁତ କରିଥିବେ । ପ୍ରତ୍ୟେକ ସେଟରେ ୪ଟି ଠିକ ବାକ୍ୟ ଥିବ ଏବଂ ଗୋଟିଏ ବାକ୍ୟ ଭୁଲ ଥିବ ।
- ଏହାର ପ୍ରଦର୍ଶନ ପାଇଁ ପୂର୍ବରୁ ଏହାକୁ ସ୍ମାର୍ଟବୋର୍ଡରେ ଲେଖି ରଖିଥିବେ ।
- ୧୦ମ ଶ୍ରେଣୀ ସାହିତ୍ୟ ବହିର କୌଣସି ଏକ ବିଷୟ ଚୟନ କରି ଉକ୍ତ ବିଷୟବସ୍ତୁକୁ ୫ଟି ଦଳ ପାଇଁ ୫ ଭାଗରେ ବିଭକ୍ତ କରିଥିବେ ।

### ଶ୍ରେଣୀଗୃହ ପରିଚାଳନା — ୧୫ ମିନିଟ୍

ଏହି ଅଧିବେଶନ ଆରମ୍ଭ କରିବା ପୂର୍ବରୁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ସୂଚନା ପ୍ରଦାନ କରିବେ

- ପ୍ରଥମେ ସମସ୍ତଙ୍କୁ ସ୍ମାର୍ଟବୋର୍ଡରେ ୫ଟି ବାକ୍ୟ ଦେଖାଯିବ ଓ ସେହି ୫ଟି ବାକ୍ୟ ମଧ୍ୟରୁ ୪ଟି ବାକ୍ୟ ଠିକ ଅଛି ଓ ଗୋଟିଏ ବାକ୍ୟ ଭୁଲ ଅଛି । ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରିବାକୁ ପଡ଼ିବ କେଉଁ କେଉଁ ବାକ୍ୟ ଠିକ ଅଛି ଓ କେଉଁଟି ଭୁଲ ।
- ଶିକ୍ଷକ ସମସ୍ତଙ୍କୁ ଗୋଟିଏ ଗୋଟିଏ ଛୋଟ କାଗଜ ଦେବେ ଓ ସେଥିରେ ଉତ୍ତର ଲେଖିବା ପାଇଁ କହିବେ ଓ ଶିକ୍ଷାର୍ଥୀମାନେ ପ୍ରତ୍ୟେକ ବାକ୍ୟର କ୍ରମିକ ନମ୍ବରଟି ଲେଖି ତା ସାମ୍ନାରେ ଠିକ କିମ୍ବା ଭୁଲ ଚିହ୍ନଟ କରିବେ ।

ସୂଚନା ଦେଲାପରେ ଶିକ୍ଷକ ପ୍ରଥମ ୫ଟି ବାକ୍ୟ ସ୍ମାର୍ଟବୋର୍ଡରେ ପ୍ରଦର୍ଶନ କରି ଶିକ୍ଷାର୍ଥୀମାନଙ୍କୁ ଠିକ୍ ଓ ଭୁଲ୍ ଚିହ୍ନଟ କରିବା ପାଇଁ କହିବେ । ଏଥିପାଇଁ ଶିକ୍ଷାର୍ଥୀମାନଙ୍କୁ ୩ ମିନିଟ୍ ସମୟ ଦିଆଯିବ । ୩ ମିନିଟ୍ ପରେ ଶିକ୍ଷକ ଆଉ ୫ଟି ବାକ୍ୟ ସ୍ମାର୍ଟବୋର୍ଡରେ ପ୍ରଦର୍ଶନ କରିବେ । ଶିକ୍ଷାର୍ଥୀମାନଙ୍କୁ ଠିକ୍ ଓ ଭୁଲ୍ ଚିହ୍ନଟ କରିବା ପାଇଁ କହିବେ । ଏହାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିଜ ନିଜର କାଗଜ ପରସ୍ପର ସହିତ ଅଦଳବଦଳ କରିବା ପାଇଁ କହିବେ । ନିଜେ ଠିକ ଓ ଭୁଲ ବାକ୍ୟ ଚିହ୍ନଟ କରି ଶିକ୍ଷାର୍ଥୀମାନଙ୍କୁ ପରସ୍ପରର ଉତ୍ତରକୁ ଆକଳନ କରିବା ପାଇଁ କହିବେ ।

### ଆସ ଖେଳିବା ‘ଚାରୋଟି ଠିକ ଗୋଟିଏ ଭୁଲ’ — ୩୦ ମିନିଟ୍

- ଏହାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୫ଟି ଦଳରେ ଭାଗ କରିବେ ।
- ପ୍ରତ୍ୟେକ ଦଳକୁ ଗୋଟିଏ ଗୋଟିଏ ସାହିତ୍ୟ ବହି ରଖିବା ପାଇଁ କହିବେ ଏବଂ ପ୍ରଥମରୁ ନିର୍ଦ୍ଧାରିତ ବିଷୟକୁ ଦଳରେ ପଢ଼ିବା ପାଇଁ କହିବେ । ପଢ଼ିବା ପାଇଁ ଶିକ୍ଷାର୍ଥୀମାନଙ୍କୁ ୧୫ ମିନିଟ ସମୟ ଦିଆଯିବ ।
- ଶିକ୍ଷାର୍ଥୀମାନେ ବିଷୟଟିକୁ ପଢ଼ି ସରିଲା ପରେ ଶିକ୍ଷକ ତାଙ୍କୁ ପୂର୍ବରୁ ବିଷୟକୁ ଭାଗ କରାଯାଇଥିବା ଆଧାରରେ ପ୍ରତ୍ୟେକ ଦଳକୁ ଗୋଟିଏ ଗୋଟିଏ ଭାଗ ବାଣ୍ଟି ଦେଇ ଉକ୍ତ ଭାଗ ଭିତରୁ ୫ଟି ବାକ୍ୟ ଲେଖିବା ପାଇଁ କହିବେ ଯେଉଁଥିରେ ୪ଟି ବାକ୍ୟ

ପ୍ରାସଙ୍ଗିକ ହୋଇଥିବ, ଅନ୍ୟଟି ପ୍ରସଙ୍ଗ ବାହାରୁ ଆସିଥିବ ।

- ପ୍ରତ୍ୟେକ ଦଳ ଏହା ଲେଖି ସାରିଲା ପରେ ଶିକ୍ଷକ ସମସ୍ତଙ୍କର ଲେଖା ସଂଗ୍ରହ କରିବେ ଏବଂ ଗୋଟିଏ ଗୋଟିଏ ଦଳର ଲେଖାକୁ ସ୍ମାର୍ଟବୋର୍ଡରେ ପ୍ରଦର୍ଶିତ କରିବେ । ବାକି ଦଳର ଶିକ୍ଷାର୍ଥୀମାନଙ୍କୁ ପ୍ରସଙ୍ଗ ବାହାରୁ ଆସିଥିବା ବାକ୍ୟଟିକୁ ଚିହ୍ନଟ କରିବା ପାଇଁ କହିବେ ।
- ଏହା ଦଳଗତ କାର୍ଯ୍ୟ ହେବ ଏବଂ ପ୍ରତ୍ୟେକ ଦଳ ନିଜ ନିଜର କାଗଜରେ ଅପ୍ରାସଙ୍ଗିକ ବାକ୍ୟଟିକୁ ଚିହ୍ନଟ କରି ରଖିଥିବେ ।
- ସମସ୍ତ ଦଳର ୫ଟି ବାକ୍ୟ ପ୍ରଦର୍ଶିତ ହେଲାପରେ ଏବଂ ସମସ୍ତେ ପ୍ରତ୍ୟେକ ଦଳର ଅପ୍ରାସଙ୍ଗିକ ବାକ୍ୟ ଚିହ୍ନଟ କରିସାରିଲା ପରେ ଶିକ୍ଷକ ନିଜେ ସମସ୍ତ ଅପ୍ରାସଙ୍ଗିକ ବାକ୍ୟଗୁଡ଼ିକୁ ଚିହ୍ନଟ କରିଦେବେ ଏବଂ ଯେଉଁ ଦଳ ସମସ୍ତ ଉତ୍ତର ଠିକ ଠିକ ଦେଇଥିବେ ସେହି ଦଳ ଏହି ଖେଳରେ ବିଜୟୀ ହେବ ।

## ଗୃହକାର୍ଯ୍ୟ

ଶିକ୍ଷକ ୧୦ମ ଶ୍ରେଣୀ ସାହିତ୍ୟ ବହିର କୌଣସି ଏକ ବିଷୟକୁ ଚିହ୍ନଟ କରି ଉକ୍ତ ବିଷୟକୁ ଶିକ୍ଷାର୍ଥୀମାନଙ୍କୁ ଘରେ ପଢ଼ିବା ପାଇଁ କହିବେ ଓ ସେଥିରୁ ୪ଟି ପ୍ରାସଙ୍ଗିକ ବାକ୍ୟ ଉଦ୍ଧୃତ କରିବା ପାଇଁ ଓ ଗୋଟିଏ ଅପ୍ରାସଙ୍ଗିକ ବାକ୍ୟ ଲେଖିକି ଆଣିବା ପାଇଁ କହିବେ । ପରବର୍ତ୍ତୀ ସାହିତ୍ୟ ଶ୍ରେଣୀରେ ଶିକ୍ଷାର୍ଥୀମାନେ ପରସ୍ପର ସହିତ ତାଙ୍କର ଲେଖାକୁ ଅଦଳବଦଳ କରି ଅପ୍ରାସଙ୍ଗିକ ବାକ୍ୟଟିକୁ ଚିହ୍ନଟ କରିବେ ।



## ଅଧିବେଶନ-୧୭
## ଚିଠି ଉଡ଼ିଯାଏ ଚଢ଼େଇ ପରି

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୭ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ପତ୍ର ଓ ଦରଖାସ୍ତ ଲେଖିବାର ଶୈଳୀକୁ ବୁଝିବେ ।
- ନିଜେ ଠିକ୍ ଓ ନିର୍ଭୁଲ୍ ପତ୍ର ତଥା ଦରଖାସ୍ତ ଲେଖିବାରେ ସଫଳ ହେବେ।

### ଆବଶ୍ୟକୀୟ ଉପକରଣ

- ଡ୍ରଇଁ ସିଟ୍, ଅଠା, ପିନ୍
- ପୂର୍ବରୁ ଡ୍ରଇଁ ସିଟ୍‌ରେ ଲେଖାଥିବା ୪ଟି ଆନୁଷ୍ଠାନିକ ଓ ୪ଟି ଅଣଆନୁଷ୍ଠାନିକ ପତ୍ର

### ପୂର୍ବ ପ୍ରସ୍ତୁତି

- ବାପା, ମା', ଭାଇ ଓ ଭଉଣୀ, ବନ୍ଧୁ, ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଓ ସମ୍ପାଦକ ଇତ୍ୟାଦି ଲେଖା ଥିବା ଚିରିକୁଟିର ତିନୋଟି ସେଟ ପ୍ରସ୍ତୁତ କରି ଶିକ୍ଷକ ଗୋଟିଏ ପାତ୍ରରେ ରଖିଥିବେ।
- ମହାଶୟ/ମହାଶୟା, ମହୋଦୟ/ମହୋଦୟା, ବିଷୟ, ଆପଣଙ୍କର ବିଶ୍ୱସ୍ତ, ସ୍ନେହର, ପ୍ରିୟ, ପୂଜନୀୟ/ପୂଜନୀୟା , ମାନନୀୟ/ମାନନୀୟା, ଆପଣଙ୍କର ସ୍ନେହର, ତାରିଖ, ଗ୍ରାମର ନାମ, ଗ୍ରାମବାସୀବୃନ୍ଦ, ପ୍ରେରକଙ୍କ ଠିକଣା, ପ୍ରାପ୍ତକଙ୍କ ଠିକଣା, ଶୁଭେଚ୍ଛା, ନାମ ଇତ୍ୟାଦି ଲେଖା ଥିବା ଚିରିକୁଟିର ତିନୋଟି ସେଟ ପ୍ରସ୍ତୁତ କରି ଶିକ୍ଷକ ଅନ୍ୟ ଏକ ପାତ୍ରରେ ରଖିଥିବେ।
- ଦୁଇଟି ଡ୍ରଇଂ ସିଟ। ଗୋଟିଏ ଡ୍ରଇଂ ସିଟ୍‌ରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥିବ ଆନୁଷ୍ଠାନିକ ଓ ଅନ୍ୟଟିରେ ଲେଖା ହୋଇଥିବ ଅଣଆନୁଷ୍ଠାନିକ । ଏହାକୁ ଶ୍ରେଣୀଗୃହର ବିପରୀତ ଦିଗରେ ଅଠା ସାହାଯ୍ୟରେ ଲଗାଯାଇଥିବ।
- ବଡ଼ ବଡ଼ ଡ୍ରଇଂ ସିଟରେ ଶିକ୍ଷକ ଦୁଇଟି ଆନୁଷ୍ଠାନିକ ଓ ଦୁଇଟି ଅଣଆନୁଷ୍ଠାନିକ ପତ୍ର ଉଦାହରଣ ଦେଖାଇବା ପାଇଁ ଲେଖିକରି ଆଣିଥିବେ।
- ଶିକ୍ଷାର୍ଥୀମାନଙ୍କୁ ପ୍ରଥମ ଥର ଲେଖିବା ପାଇଁ ଯେଉଳି ସହଜ ହେବ, ସେଇଭଳି ଦୁଇଟି ଆନୁଷ୍ଠାନିକ ଓ ଦୁଇଟି ଅଣଆନୁଷ୍ଠାନିକ ପତ୍ରର ବିଷୟ ଚୟନ ହେବ, ଦ୍ୱିତୀୟଥର ବିଷୟକୁ ଟିକିଏ କଠିନ କରାଯିବ।
- ଏହି ବିଷୟଗୁଡ଼ିକୁ ପୂର୍ବରୁ ସ୍ମାର୍ଟବୋର୍ଡ ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ କରି ରଖିଥିବେ ।

### ଶ୍ରେଣୀ ପରିଚାଳନା — ୩୦ ମିନିଟ୍

ଶିକ୍ଷକ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନଟି ଆରମ୍ଭ କରିପାରିବେ ।

- ଶିକ୍ଷାର୍ଥୀମାନେ ! ତୁମ ଭିତରୁ କିଏ କିଏ ନିଜ ସାଙ୍ଗ, କିମ୍ବା ବାପା, ମା', କିମ୍ବା ଅନ୍ୟ କାହାକୁ କେବେ ଚିଠି ଲେଖିଛ କି ?
- ଚିଠି କେମିତି ଲେଖାଯାଏ ତୁମେ ଜାଣିଛ କି ?
- ଯେଉଁ ଚିଠି ଆମେ କୌଣସି ଅନୁଷ୍ଠାନକୁ କିମ୍ବା ଅନୁଷ୍ଠାନର ମୁଖ୍ୟଙ୍କ ପାଖକୁ ଲେଖିଥାଉ ତାକୁ କ'ଣ କୁହନ୍ତି ?
- କିଛି ଶିକ୍ଷାର୍ଥୀଙ୍କଠାରୁ ଉତ୍ତର ପାଇଲା ପରେ ଶିକ୍ଷକ ଅଧିବେଶନର ଉଦ୍ଦେଶ୍ୟ ବିଷୟରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ଦେଇ ଆଜି ଆମେ ପତ୍ର ଓ ଦରଖାସ୍ତ ଲେଖି ଶିଖିବା ବୋଲି କହିବେ।
- ପାତ୍ରରେ ଥିବା ଚିରିକୁଟିଗୁଡ଼ିକରୁ ପ୍ରତ୍ୟେକ ଶିକ୍ଷାର୍ଥୀ ଗୋଟିଏ ଗୋଟିଏ ନେବେ । ସେମାନେ ଭାବୁଥିବା ଠିକ୍ ଡ୍ରଇଂ ସିଟ୍ (ଆନୁଷ୍ଠାନିକ/ଅଣଆନୁଷ୍ଠାନିକ)ରେ ଫେବିଷ୍ଟିକ୍ ବ୍ୟବହାର କରି ଲଗାଇବେ।
- ସମସ୍ତ ଛାତ୍ରଛାତ୍ରୀ ତାଙ୍କର ଚିରିକୁଟିଗୁଡ଼ିକ ଲଗାଇବା ପରେ ଶିକ୍ଷକ ଏହାର ସଠିକତା ବିଷୟରେ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବେ।

- ଯଦି କିଛି ଶିକ୍ଷାର୍ଥୀ ଭୁଲ ଜାଗାରେ ନିଜର ଚିରିକୁଟି ଲଗାଇଥାନ୍ତି, ତେବେ ଶିକ୍ଷକ ତାହା ଶିକ୍ଷାର୍ଥୀମାନଙ୍କୁ ଆଲୋଚନା ମାଧ୍ୟମରେ ବୁଝାଇବେ ଏବଂ ତାକୁ ଠିକ୍ ଡ୍ରଇଂ ସିଟ୍‌ରେ ଲଗାଇବେ।
- ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଉଭୟରେ ଠିକ୍ ଚିରିକୁଟିଗୁଡ଼ିକ ଲାଗିଗଲା ପରେ ସମସ୍ତଙ୍କୁ କହିବେ ଏବେ ଆମେ ଏହି ଦୁଇଟି ଡ୍ରଇଂ ସିଟ୍ ଦେଖି ପତ୍ର ଲେଖିବା ଅଭ୍ୟାସ କରିବା।
- ତା'ପରେ ଶିକ୍ଷକ ପୂର୍ବରୁ ସ୍ମାର୍ଟବୋର୍ଡରେ ପ୍ରସ୍ତୁତ କରିଥିବା ତିନୋଟି ଆନୁଷ୍ଠାନିକ ଓ ତିନୋଟି ଅଣଆନୁଷ୍ଠାନିକ ପତ୍ରର ବିଷୟଗୁଡ଼ିକୁ ପ୍ରଦର୍ଶିତ କରିବେ।
- ସମସ୍ତ ଶିକ୍ଷାର୍ଥୀଙ୍କୁ ସମୁଦାୟ ୬ଟି ଦଳରେ ବିଭକ୍ତ କରିବେ। ପ୍ରତ୍ୟେକ ଦଳରୁ ଜଣେ ଜଣେ ସଦସ୍ୟଙ୍କୁ ଡାକି ଚିରିକୁଟିରେ ଲେଖି ଲଟେରୀ ମାଧ୍ୟମରେ କେଉଁ ଦଳ ଆନୁଷ୍ଠାନିକ ଓ କେଉଁ ଦଳ ଅଣଆନୁଷ୍ଠାନିକ ପତ୍ର ଲେଖିବ, ତାହା ନିର୍ଦ୍ଧାରିତ କରିବେ।
- ତାପରେ ପ୍ରତ୍ୟେକ ଦଳକୁ ଆଲୋଚନା ମାଧ୍ୟମରେ ସେମାନେ ପାଇଥିବା ବିଷୟ ଉପରେ ପତ୍ର/ଦରଖାସ୍ତ ଲେଖିବା ପାଇଁ କହିବେ।
- ଲେଖିବା ସମୟରେ ସମସ୍ତ ଦଳ ଉଭୟ ଡ୍ରଇଂ ସିଟ୍‌କୁ ଦେଖି/ ଅନୁସରଣ କରି ଏହା ଲେଖିପାରିବେ।
- ପତ୍ର ଲେଖିସାରିବା ପରେ ପ୍ରତ୍ୟେକ ଦଳ ଏହାକୁ ଉପସ୍ଥାପନା କରିବେ। ଉପସ୍ଥାପନା ସମୟରେ ଶିକ୍ଷକ ଓ ଅନ୍ୟଦଳ କ'ଣ ଠିକ୍ କ'ଣ ଭୁଲ ଏବଂ ଏହା ଆହୁରି କିଭଳି ଭଲ ହୋଇ ପାରିଥାନ୍ତା, ତାହା ଆଲୋଚନା କରିବେ।
- ସମସ୍ତ ଦଳର ଉପସ୍ଥାପନା ପରେ ଶିକ୍ଷକ ପୂର୍ବରୁ ଡ୍ରଇଂ ସିଟ୍ ରେ ଲେଖିକରି ଆଣିଥିବା ଦୁଇଟି ଆନୁଷ୍ଠାନିକ ଓ ଦୁଇଟି ଅଣଆନୁଷ୍ଠାନିକ ପତ୍ରକୁ ଶ୍ରେଣୀକାନ୍ଥରେ ଲଗାଇ ତାକୁ ମନ ଲଗାଇ ପଢିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କହିବେ।
- ଶିକ୍ଷାର୍ଥୀମାନେ ଭଲ ଭାବରେ ଦେଖିସାରିଲା ପରେ ଶିକ୍ଷକ ପୁଣିଥରେ ଅନ୍ୟ କିଛି ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ବିଷୟ ଶିକ୍ଷାର୍ଥୀମାନଙ୍କୁ ଅଭ୍ୟାସ କାର୍ଯ୍ୟ ପାଇଁ ଦେବେ ।
- ସାଧାରଣତଃ ପରିବାର କିମ୍ବା ସାଙ୍ଗ ପାଖକୁ ଅଣଆନୁଷ୍ଠାନିକ ଢଙ୍ଗରେ ପତ୍ର ଲେଖାଯାଇଥିବା ବେଳେ, କାର୍ଯ୍ୟାଳୟ ସହିତ ଜଡ଼ିତ କର୍ମକର୍ତ୍ତା ଉଦ୍ଦେଶ୍ୟ ଆନୁଷ୍ଠାନିକ ଢଙ୍ଗରେ ପତ୍ର ଲେଖାଯାଏ ।

**ଆନୁଷ୍ଠାନିକ**
**ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଓ ସମ୍ପାଦକ**

**ଅଣଆନୁଷ୍ଠାନିକ**
**ବାପା, ମା', ଭାଇ ଓ ଭଉଣୀ, ସାଙ୍ଗ**

| ଆନୁଷ୍ଠାନିକ | ଅଣଆନୁଷ୍ଠାନିକ |
|---|---|
| ପ୍ରେରକ ଠିକଣା | ପ୍ରେରକ ଠିକଣା |
| ତାରିଖ | ତାରିଖ |
| ଅଭିବାଦନ | ଅଭିବାଦନ |
| ମୁଖ୍ୟାଂଶ | ମୁଖ୍ୟାଂଶ |
| ସାରମର୍ମ | କୃତଜ୍ଞତା |
| କୃତଜ୍ଞତା | ଦସ୍ତଖତ |
| ଦସ୍ତଖତ | |

## ଗୃହକାର୍ଯ୍ୟ

ଆଲୋଚ୍ୟ ପ୍ରସଙ୍ଗ ଆଧାରରେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ପସନ୍ଦ ଅନୁସାରେ ଗୋଟିଏ ଆନୁଷ୍ଠାନିକ ଓ ଗୋଟିଏ ଅଣଆନୁଷ୍ଠାନିକ ପତ୍ର ଲେଖିକରି ଆଣିବେ ।



## ଅଧିବେଶନ-୧୮
## ଆସ କହିବା ଓ କୁହାଇବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୮ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ନିଜ ମନର ଭାବକୁ ପ୍ରକାଶ କରିବା ଓ ସେ ଭାବକୁ ଅନ୍ୟଦ୍ୱାରା ପ୍ରକାଶିତ କରାଇବାର କୌଶଳ ହାସଲ କରିବେ।
- ଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି ସମ୍ପର୍କିତ ପ୍ରଶ୍ନର ଉତ୍ତରଗୁଡ଼ିକୁ ଲେଖିବା ପାଇଁ ସମର୍ଥ ହେବେ।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ କାଗଜ୍, ପେନ୍ / ପେନ୍ସିଲ୍ /ସ୍କେଚ ପେନ୍, ଶିକ୍ଷାର୍ଥୀମାନଙ୍କର ଅଭ୍ୟାସ କାର୍ଯ୍ୟ ପାଇଁ କିଛି ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି ଲିଖିତ କାର୍ଯ୍ୟପର୍ଦ୍ଦ।

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ନିମ୍ନରେ ଦିଆଯାଇଥିବା କ୍ଷୁଦ୍ର ନାଟକ ଦୁଇଟିକୁ କାଗଜରେ ଲେଖି ରଖିଥିବେ।
- ନାଟକ ମୁତାବକ ତିନିଜଣ ଛାତ୍ର ତିନିଜଣ ଛାତ୍ରୀଙ୍କୁ ଚରିତ୍ର ଓ ତାଙ୍କର ସଂଳାପ ଦେଇ ପୂର୍ବରୁ ନିଜ ନିଜର ଅଭିନୟକୁ ଅଭ୍ୟାସ କରିବା ପାଇଁ କହିଥିବେ।
- ଶିକ୍ଷାର୍ଥୀମାନଙ୍କର ଅଭ୍ୟାସ କାର୍ଯ୍ୟ ପାଇଁ ପ୍ରତ୍ୟକ୍ଷ ଉକ୍ତି କାଗଜରେ ଲେଖି ଅଣିଥିବେ ୫/୬ଟି ଦଳ ପାଇଁ ୫/୬ ଲେଖା।

### ଶ୍ରେଣୀ ପରିଚାଳନା : ଅଭିନୟ ଓ ଆଲୋଚନା — ୨୦ ମିନିଟ୍

ଶିକ୍ଷକ କ୍ଷୁଦ୍ରନାଟକ ଅଭିନୟରୁ ଏହି ଅଧିବେଶନ ଆରମ୍ଭ କରିପାରିବେ।

- ପୂର୍ବରୁ ଚୟନ କରାଯାଇ ଅଭ୍ୟାସ କରାଇଥିବା ତିନିଜଣ ଛାତ୍ରଙ୍କୁ ପ୍ରଥମେ ତାଙ୍କର ଅଭିନୟ କରିବା ପାଇଁ କହିବେ।
- ଆବଶ୍ୟକ ସ୍ଥଳେ ଶିକ୍ଷାର୍ଥୀମାନେ ନିଜ ନିଜର ସଂଳାପ ଲେଖିଥିବେ ଓ ତାହା ଦେଖି ଅଭିନୟ କରିପାରିବେ।
- ବାକି ସମସ୍ତ ଛାତ୍ରଛାତ୍ରୀଙ୍କୁ ଭଲ ଭାବରେ ନାଟକଟିକୁ ଦେଖିବା ଓ ସଂଳାପଗୁଡ଼ିକ ମନେ ରଖିବା ପାଇଁ କହିବେ।
- ପ୍ରଥମ ନାଟକ ଦେଖି ସରିଲା ପରେ ନିମ୍ନଲିଖିତ ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କୁ ପଚାରିବେ।
  - ନାଟକରେ କ'ଣ ଦେଖିଲ ?
  - ଅଜା କ'ଣ କରୁଥିଲେ ?
  - ବ୍ୟାଙ୍କ ଅଫିସର କ'ଣ କରୁଥିଲେ ?
  - ସେ କାହା ସହ କଥା ହେଉଥିଲେ ?
  - ନାତି କ'ଣ କରୁଥିଲା ?
  - ନାତି କିଏ କହୁଥିବା କଥା ଅଜାଙ୍କୁ କହୁଥିଲା ?

ଏଭଳି ପ୍ରଶ୍ନ ଆଲୋଚନା କରିସାରିବା ପରେ ଶିକ୍ଷକ ବୁଝେଇଦେବେ ଯେ ବ୍ୟାଙ୍କ ଅଫିସର ଯାହା ସିଧାସଳଖ ଅଜାଙ୍କୁ କହୁଥିଲେ ତାକୁ ଆମେ ପ୍ରତ୍ୟକ୍ଷ ଉକ୍ତି ବୋଲି କହିବା ଏବଂ ନାତି ବ୍ୟାଙ୍କ ଅଫିସରଙ୍କ କଥାକୁ ଅଜାଙ୍କୁ ଯେମିତି ବୁଝାଉଥିଲା ତାକୁ ଆମେ ପରୋକ୍ଷ ଉକ୍ତି ବୋଲି କହିବା।

ତାପରେ ତିନିଜଣ ଶିକ୍ଷାର୍ଥୀଙ୍କୁ ଅଭିନୟ ପାଇଁ ଡାକିବେ ଓ ସମାନ ପଦ୍ଧତି ଓ ପ୍ରଶ୍ନ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିବେ।

ଏଥର ଶିକ୍ଷକ ଉକ୍ତ କ୍ଷୁଦ୍ର ନାଟକରେ କେଉଁଟା ପ୍ରତ୍ୟକ୍ଷ ଉକ୍ତି ଓ କେଉଁଟି ପରୋକ୍ଷ ଉକ୍ତି ତାହା ଚିହ୍ନଟ କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କହିବେ।

ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି ମଧ୍ୟରେ ବାକ୍ୟରେ କ'ଣ ପାର୍ଥକ୍ୟ ଅଛି ତାହା ଚିହ୍ନଟ କରିବା ପାଇଁ କହିବେ।

ଏହାପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତି ବ୍ୟବହାର କରି ଆଉ ଗୋଟିଏ ଖେଳ ଖେଳିବା ପାଇଁ ଆମନ୍ତ୍ରଣ କରିବେ।

## ଜଣେ ପ୍ରତ୍ୟକ୍ଷ ଜଣେ ପରୋକ୍ଷ

୧୫ମିନିଟ୍

- ଦଶଜଣ ଶିକ୍ଷାର୍ଥୀଙ୍କୁ ସାମ୍ନାକୁ ଡାକି ବାକି ଶିକ୍ଷାର୍ଥୀଙ୍କ ଆଡ଼କୁ ମୁହଁ କରି ଗୋଟିଏ ଲାଇନରେ ଛିଡ଼ା ହେବାପାଇଁ କହିବେ।
- ପ୍ରଥମ ଶିକ୍ଷାର୍ଥୀ ନିଜ ବିଷୟରେ ଗୋଟିଏ ବାକ୍ୟ କହିବ ଓ ତା ପାଖ ଶିକ୍ଷାର୍ଥୀ ସେ କ'ଣ କହିଲା ତାକୁ ତା ଭାଷାରେ ପ୍ରକାଶ କରିବ।
- ନାଟକରୁ ଶିଖିଥିବା ପ୍ରତ୍ୟକ୍ଷ ଉକ୍ତି ଓ ପରୋକ୍ଷ ଉକ୍ତିର ପାର୍ଥକ୍ୟକୁ ମନେପକାଇ ଶିକ୍ଷାର୍ଥୀ ଏହି ଖେଳ ଖେଳିବେ ଓ ଆବଶ୍ୟକ ସ୍ଥଳେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଏହି ଖେଳରେ ସାହାଯ୍ୟ କରିବେ।
- ଗୋଟିଏ ପଟୁ ଏହି ଖେଳ ଜଣଙ୍କ ପରେ ଜଣେ ଶିକ୍ଷାର୍ଥୀ ହୋଇ ଆର ପଟକୁ ଯିବ ଓ ଶେଷ ପଟରୁ ଆରମ୍ଭ ହୋଇ ପୁଣିଥରେ ଆରମ୍ଭ ପଟକୁ ଆସିବ।
- ଏହି ଖେଳ ଚାଲିଥିବା ସମୟରେ ଶିକ୍ଷକ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଧ୍ୟାନଦେଇ ପରୋକ୍ଷ ଉକ୍ତିଗୁଡ଼ିକ ଶୁଣିବା ପାଇଁ କହିବେ ଏବଂ ଯଦି କେହି ପରୋକ୍ଷ ଉକ୍ତି କହିବାରେ କିଛି ଭୁଲ କରିଥାଏ ତାକୁ ଚିହ୍ନଟ କରି ନିଜ ନିଜ ଖାତାରେ ଲେଖି ରଖିଥିବା ପାଇଁ କହିବେ।
- ଗୋଟିଏ ପଟର ଖେଳ ସରିଲା ପରେ ଶିକ୍ଷାର୍ଥୀମାନଙ୍କ ସହ ଏହି ଭୁଲ ବିଷୟରେ ଆଲୋଚନା କରିବେ ଓ ପୁଣି ଆର ପଟରୁ ଖେଳ ଆରମ୍ଭ କରିବେ।
- ଏହି ଖେଳ ସାରିବା ପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ୫/୬ ଟି ଦଳରେ ବିଭକ୍ତ କରିଦେବେ । ପୂର୍ବରୁ ପ୍ରତ୍ୟକ୍ଷ ଉକ୍ତି ଲେଖାଥିବା ଗୋଟିଏ ଗୋଟିଏ କାଗଜ ସମସ୍ତ ଦଳକୁ ଦେଇ ତାହାର ପରୋକ୍ଷ ଉକ୍ତି ଗୁଡ଼ିକ ଦଳରେ ଆଲୋଚନା କରି ଲେଖିବା ପାଇଁ କହିବେ।

## ଦଳଗତ ଅଭ୍ୟାସ

୧୦ମିନିଟ୍

- ପ୍ରତ୍ୟେକ ଠିକ୍ ଉତ୍ତର ପାଇଁ ୧୦ ମାର୍କ ଦିଆଯିବ।
- ଯେଉଁ ଦଳ ସର୍ବାଧିକ ନମ୍ବର ରଖିଥିବ ସେହି ଦଳ ବିଜୟୀ ହେବ।
- ଖେଳ ଶେଷରେ ଶିକ୍ଷକ ଠିକ୍ ପରୋକ୍ଷ ଉକ୍ତିଗୁଡ଼ିକ କହିବା ସହିତ ଏହା କାହିଁକି ଠିକ ତାହା ବୁଝେଇ ଦେବେ।

## ପୂର୍ବପ୍ରସ୍ତୁତି ପାଇଁ କ୍ଷୁଦ୍ର ଅଭିନୟ

### କ୍ଷୁଦ୍ର ଅଭିନୟ - ୧

ଚରିତ୍ର - ଅଜା, ନାତି, ବ୍ୟାଙ୍କ ଅଫିସର

(ଅଜା ଆଇ ବ୍ୟାଙ୍କକୁ କୌଣସି କାମରେ ଆସିଛନ୍ତି)

ବ୍ୟାଙ୍କ ଅଫିସର(ଅଜାକୁ) - ଆଜ୍ଞା ନମସ୍କାର, କେମିତି ଅଛନ୍ତି ?

ଅଜା(କିଛି ଶୁଣି ନ ପାରି) ହେ ରେ ନାତି ସେ ପୁଅ କ'ଣ କହିଲା କିରେ

ନାତି - ଅଜା ସେ ବ୍ୟାଙ୍କ ଅଫିସର ତୁମକୁ ନମସ୍କାର କରି କେମିତି ଅଛ ବୋଲି ପଚାରୁଛନ୍ତି।

ଅଜା - ଭଲ ଅଛିରେ ବାପା। ତୁମେ ଭଲ ଅଛ ତ ?

ବ୍ୟାଙ୍କ ଅଫିସର - ଆଜ୍ଞା, ପଇସା ଉଠାଇବାକୁ ଆସିଛନ୍ତି ନା ପଇସା ଜମା କରିବାକୁ ?

ଅଜା(ନାତିକୁ) - ହେ ରେ ନାତି, ପୁଣି କ'ଣ କହିଲା କିରେ ?

ନାତି - ଅଜା ବ୍ୟାଙ୍କ ଅଫିସର ପଚାରୁଛନ୍ତି ଯେ ତୁମେ ପଇସା କାଢ଼ିବ ନା ପଇସା ଜମା କରିବ ?

ଅଜା - କାଢ଼ିବିରେ ପୁଅ କାଢ଼ିବି । ଏ ବୟସରେ କାହୁଁ

ପଇସା ଆଣିବି ଯେ ଜମା କରିବି ।

ନାତି(ବ୍ୟାଙ୍କ ଅଫିସରଙ୍କୁ) ଅଜା କହୁଛନ୍ତି, ସେ ପଇସା କାଢ଼ିବେ ।

ବ୍ୟାଙ୍କ ଅଫିସର (ଅଜାଙ୍କୁ) – 'ନିଅ ଏହି ଫର୍ମ ଟି ପୂରଣ କରିଦିଅ ।

ଅଜା (ନାତିକୁ ବଲ ବଲ କରି ଚାହିଁ) - ପୁଣି କ'ଣ କହିଲା କିରେ ନାତି ?

ନାତି – ବ୍ୟାଙ୍କ ଅଫିସର ତୁମକୁ ଫର୍ମଟିକୁ ପୂରଣ କରିବା ପାଇଁ କହୁଛନ୍ତି ।

ଅଜା ଫର୍ମଟିକୁ ପୂରଣ କରି ବ୍ୟାଙ୍କ ଅଫଫିସରକୁ ଦେଲେ ଓ ପଇସା ପାଇବା ପରେ ଖୁସି ମନରେ ଧନ୍ୟବାଦ କହି ଘରକୁ ଫେରିଗଲେ ।

## କ୍ଷୁଦ୍ର ଅଭିନୟ - ୨

ଚରିତ୍ର – ଆଈ, ନାତୁଣୀ, ଡାକ୍ତର

(ଆଈଙ୍କ ଦେହ ଖରାପ ଥିବାରୁ ନାତୁଣୀ ସହ ମିଶି ଡାକ୍ତରଖାନା ଆସିଛନ୍ତି ।)

ଡାକ୍ତର(ଆଈଙ୍କୁ) - କାହାର ଦେହ ଖରାପ ଅଛି ? ତୁମର ନା ତାଙ୍କର ?

ଆଈ(କିଛି ଶୁଣି ନପାରି) - ନାତୁଣୀରେ ଡାକ୍ତର ବାବୁ କ'ଣ କହୁଛନ୍ତି ?

ନାତୁଣୀ – ଡାକ୍ତର ବାବୁ ପଚାରୁଛନ୍ତି କାହାର ଦେହ ଖରାପ ଅଛି, ତୁମର ନା ମୋର ?

ଆଈ(ପାକୁଳି ପାଟିରେ ଡାକ୍ତରଙ୍କୁ) – ମୋର ଦେହ ଖରାପ ଅଛି ରେ ପୁଅ. ଆଜି ସକାଳୁ ସକାଳୁ ପେଟ ଟା ଟିକେ କାଟୁଛି (ଡାକ୍ତର କିଛି ବୁଝି ନ ପାରି ନାତୁଣୀକୁ ଅନାଇଲେ ।)

ନାତୁଣୀ – ସାର, ଆଈ କହୁଛନ୍ତି ଆଜି ସକାଳୁ ସକାଳୁ ତାଙ୍କ ପେଟ କାଟୁଛି

ଡାକ୍ତର (ଆଈ ଙ୍କୁ) – କାଲି ରାତିରେ କ'ଣ ଖାଇଥିଲେ ?

(ଆଈ ବଲବଲ କରି ଡାକ୍ତରଙ୍କୁ ଅନେଇଲେ, ନାତୁଣୀ ଏହା ଦେଖି)

ନାତୁଣୀ – ଆଈ ଡାକ୍ତର ସାର ପଚାରିଲେ କାଲି ରାତିରେ ତୁମେ କ'ଣ ଖାଇଥିଲ ?

ଆଈ(ପାକୁଳି ପାଟିରେ) କାଲି ଚିକେନ ହେଇଥିଲା ତ, ଚାରି ପିସ ସହ ଅଧିକ ଟିକେ ଭାତ ପଳେଇଲା ପେଟକୁ ।

ଡାକ୍ତର କିଛି ବୁଝିପାରିଲେ ନାହିଁ ନାତୁଣୀ ଆଡ଼କୁ ଅନାଇଲେ ।

ନାତୁଣୀ – ସାର ଆଈ କହୁଛନ୍ତି ଯେ, କାଲି ରାତିରେ ଚିକେନ ହୋଇଥିବାରୁ ସେ ଚାରି ପିସ ଚିକେନ ସହ ଅଧିକ ଟିକେ ଭାତ ଖାଇ ଦେଇଥିଲେ ।

ଡାକ୍ତର ହସି କାଗଜରେ କିଛି ଔଷଧ ଲେଖିଦେଇ ଆଈ କୁ – ଏହି ଔଷଧ ସକାଳେ ଗୋଟିଏ ଏବଂ ସନ୍ଧ୍ୟାରେ ଗୋଟିଏ ଖାଇସାରିଲା ପରେ ଖାଇବ ଯେ ପେଟ ଭଲ ହୋଇଯିବ ।

ନାତୁଣୀ – ଡାକ୍ତର ସାର କହୁଛନ୍ତି ଯେ ତୁମେ ଏହି ଔଷଧ ସକାଳେ ଗୋଟିଏ ଓ ସନ୍ଧ୍ୟାରେ ଗୋଟିଏ ଖାଇ ସାରିଲା ପରେ ଖାଇଲେ ତୁମର ପେଟ ଭଲ ହୋଇଯିବ ।

(ଔଷଧ ନେଇ ଆଈ ନାତୁଣୀ ଖୁସିରେ ଘରକୁ ଫେରିଲେ ।)

## ଅଧିବେଶନ-୧୯
## ଆସ ପ୍ରଶ୍ନ ତିଆରି କରିବା

| ଅଧିବେଶନ କୋଡ୍ | ଅବଧି |
|---|---|
| ୧୯ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାର ପ୍ରଶ୍ନ ଗଠନ ଓ କୌଶଳ ହାସଲ କରିବେ ।
- ଭିନ୍ନ ଭିନ୍ନ ପ୍ରଶ୍ନ ପଛର ଉଦ୍ଦେଶ୍ୟ କ'ଣ ବୁଝିବେ ।
- ପ୍ରଶ୍ନ ତିଆରି ମାଧ୍ୟମରେ ଶିକ୍ଷଣର ମହତ୍ତ୍ୱ ବୁଝିବେ ।

### ଆବଶ୍ୟକୀୟ ଉପକରଣ

- ୧୦ମ ଶ୍ରେଣୀର ସାହିତ୍ୟ ବହି
- A4 ପେପର୍, ପେନ୍ , ପେନସିଲ୍ , ସ୍କେଚ୍ ପେନ୍
- ସ୍ମାର୍ଟ ବୋର୍ଡରେ ପ୍ରଦର୍ଶନ ପାଇଁ କିଛି ସରଳ ଉକ୍ତି ଯେପରିକି–
  - ରାଜା ଦଶରଥଙ୍କର ଜ୍ୟେଷ୍ଠ ପୁତ୍ରଙ୍କ ନାମ ହେଉଛି ରାମଚନ୍ଦ୍ର ।
  - ଆଜି ରାତିରେ ମନୋଜ ଭୁବନେଶ୍ୱର ଯିବ ।

### ପୂର୍ବ ପ୍ରସ୍ତୁତି

- ଶ୍ରେଣୀରେ ଶିକ୍ଷାର୍ଥୀସଂଖ୍ୟା ଅନୁପାତରେ ଶିକ୍ଷକ ସରଳ ଉକ୍ତି ପ୍ରଦର୍ଶନ ପାଇଁ ସ୍ମାର୍ଟ ବୋର୍ଡରେ ପୂର୍ବରୁ ଲେଖି ରଖିଥିବେ ।
- ଶିକ୍ଷାର୍ଥୀ ସଂଖ୍ୟା ଆଧାରରେ କିଛି ସରଳ ଉକ୍ତି ପ୍ରସ୍ତୁତ କରି ଗୋଟିଏ ପାତ୍ରରେ ରଖିଥିବେ ଯେପରିକି ପ୍ରତ୍ୟେକ ଶିକ୍ଷାର୍ଥୀ ଗୋଟିଏ ଗୋଟିଏ ସରଳ ଉକ୍ତି ପାଇବ ।
- ସାହିତ୍ୟ ବହିର କୌଣସି ବିଷୟକୁ ଆଗରୁ ଚୟନ କରିଥିବେ ।
- ୫ଟି ଦଳରେ ବାଣ୍ଟିବା ପାଇଁ ଉକ୍ତ ବିଷୟକୁ ପାଞ୍ଚଟି ଭାଗରେ ଭାଗ କରିଥିବେ ।
- ବିଭିନ୍ନ ପ୍ରକାରର ପ୍ରଶ୍ନ ସହିତ ଶିକ୍ଷାର୍ଥୀଙ୍କୁ ପରିଚିତ କରାଇବାପାଇଁ କିଛି ଦୃଷ୍ଟାନ୍ତମୂଳକ ପ୍ରଶ୍ନ ତିଆରି କରିଥିବେ ।

### ଆସ ପ୍ରଶ୍ନ ଗଢ଼ିବା — ୪୫ ମିନିଟ୍

ଶିକ୍ଷକ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନ ଆରମ୍ଭ କରି ପାରିବେ ।

- ଶିକ୍ଷାର୍ଥୀମାନେ, ତୁମେ କହିପାରିବ କି ପରୀକ୍ଷାବେଳେ ତୁମର ପ୍ରଶ୍ନପତ୍ରରେ କିଭଳି ପ୍ରଶ୍ନ ସବୁ ଥାଏ ?

ସମ୍ଭାବ୍ୟ ଉତ୍ତର

୧–ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ , ୨– ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ, ୩ – ବସ୍ତୁନିଷ୍ଠ ପ୍ରଶ୍ନାବଳୀ (ଶୂନ୍ୟସ୍ଥାନ ପୂରଣ,ବହୁ ବିକଳ୍ପ ପ୍ରଶ୍ନ, ଠିକ୍ ଭୁଲ ପ୍ରଶ୍ନ ଇତ୍ୟାଦି)

ଶିକ୍ଷକ – ମୋ ପାଖରେ କିଛି ଉତ୍ତର ଅଛି । କେଉଁ ପ୍ରଶ୍ନ ପଚାରିଲେ ସେହି ଉତ୍ତର ମିଳିପାରିବ ତାହା ତୁମେ କହିବ । ଆମ ପରୀକ୍ଷାର ପ୍ରଶ୍ନପତ୍ରରେ ଥିବା ବିଭିନ୍ନ ପ୍ରଶ୍ନ ଭଳି ଚାଲ ଆମେ ଏହି ଉତ୍ତରଗୁଡ଼ିକ ପାଇଁ ପ୍ରଶ୍ନ ତିଆରି କରିବା ।

ଏହା ପରେ ଶିକ୍ଷକ ପୂର୍ବରୁ ପ୍ରସ୍ତୁତ କରିଥିବା ୨ ଟି ଉକ୍ତି (ଉତ୍ତର) କୁ ଗୋଟି ଗୋଟି କରି ସ୍ମାର୍ଟବୋର୍ଡ/ କଳାପଟାରେ ପ୍ରଦର୍ଶିତ କରିବେ ।

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ହାତ ଟେକିବା ପାଇଁ କହିବେ ।

ଏହି ଉକ୍ତିଗୁଡ଼ିକରେ ଅନେକ ପ୍ରଶ୍ନ ତିଆରି କରାଯାଇ ପାରିବ, ଏଣୁ ଶିକ୍ଷକ ଅଧିକାଂଶ ଶିକ୍ଷାର୍ଥୀଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ତିଆରି କରିବା ପାଇଁ ଉତ୍ସାହିତ କରିବେ ।

- ତାପରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ତାଙ୍କ ପାଖକୁ ଡାକି ପାତ୍ରରେ ଥିବା କାଗଜ ଭିତରୁ ଗୋଟିଏ କାଗଜ ନେବାପାଇଁ କହିବେ ।

- ଉକ୍ତ କାଗଜରେ ଲେଖା ହୋଇଥିବ ଉକ୍ତିକୁ ନେଇ ପ୍ରଶ୍ନ ଗଠନ କରିବା ପାଇଁ କହିବେ ।
- ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଗୋଟିଏ ଗୋଟିଏ ଷ୍ଟିକୀ ନୋଟ ଦେବେ ଓ ତାଙ୍କର ପ୍ରଶ୍ନଗୁଡ଼ିକ ଲେଖି ଶ୍ରେଣୀର କୌଣସି ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ଲଗାଇବା ପାଇଁ କହିବେ ।
- ଶିକ୍ଷାର୍ଥୀମାନେ ସମସ୍ତେ ନିଜନିଜର ପ୍ରଶ୍ନଗୁଡ଼ିକ ଲେଖି ଚିହ୍ନଟ କରାଯାଇଥିବା ସ୍ଥାନରେ ଲଗାଇ ସରିଲା ପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ୫ଟି ଦଳରେ ଭାଗ କରିଦେବେ ।
- ଶିକ୍ଷକ ସାହିତ୍ୟ ବହିର ପୂର୍ବରୁ ଚୟନ କରିଥିବା ବିଷୟଟିକୁ ପ୍ରତ୍ୟେକ ଦଳକୁ ପଢ଼ିବା ପାଇଁ କହିବେ ।
- ଦଳଗତ ପଠନ ପାଇଁ ପ୍ରତ୍ୟେକ ଦଳଗୁଡ଼ିକୁ ୧୫ ମିନିଟ ସମୟ ଦିଆଯିବ ।
- ସମସ୍ତ ଦଳ ବିଷୟଟିକୁ ପଢ଼ି ସାରିବା ପରେ ଶିକ୍ଷକ ସେମାନଙ୍କୁ ପୂର୍ବରୁ ଭାଗ କରିଥିବା ଅନୁଚ୍ଛେଦଗୁଡ଼ିକୁ ଦଳ ଭିତରେ ବାଣ୍ଟି ଦେବେ ।
- ସମସ୍ତ ଦଳକୁ ନିଜ ଅନୁଚ୍ଛେଦଟି ପଢ଼ି ନିମ୍ନଲିଖିତ ପ୍ରଶ୍ନର ପ୍ରକାରଗୁଡ଼ିକ ଆଧାରରେ ପ୍ରତ୍ୟେକ ପ୍ରକାରର ପ୍ରଶ୍ନକୁ ନେଇ ଅନ୍ତତଃ ଗୋଟିଏ ପ୍ରଶ୍ନ ତିଆରି କରିବା ପାଇଁ କହିବେ ।

  ୧. ବହୁ ବିକଳ୍ପ ପ୍ରଶ୍ନ

  ୨. ଶୂନ୍ୟସ୍ଥାନ ପୂରଣକର

  ୩. ଠିକ୍ ଭୁଲ୍ ପ୍ରଶ୍ନ

ପ୍ରତି ଦଳ ତିଆରି କରିଥିବା ପ୍ରଶ୍ନ ଉପସ୍ଥାପନା କରିବେ । ଯଦି ସମୟ ଥାଏ ତେବେ ଶିକ୍ଷକ ଗୋଟିଏ ଦଳ ଗଢ଼ିଥିବା ପ୍ରଶ୍ନ ଅନ୍ୟ ଦଳକୁ ପଚାରି ଖେଳକୁ ଆହୁରି ଆକର୍ଷଣୀୟ କରିପାରିବେ । ଯଦି ସମୟର ଅଭାବ ଥାଏ ତେବେ ଶିକ୍ଷକ ନିଜ ନିୟମିତ ଭାଷା ଶ୍ରେଣୀରେ ଦଳ ଦଳ ମଧ୍ୟରେ ପ୍ରତିଯୋଗିତା ମୂଳକ ପଦ୍ଧତି ଅବଲମ୍ୱନ କରି ଏହି ପ୍ରଶ୍ନଗୁଡ଼ିକୁ ନେଇ ଆଲୋଚନା କରିପାରିବେ ।

**ବି.ଦ୍ର.** ଶିକ୍ଷକ ଉପଯୁକ୍ତ ପ୍ରଶ୍ନ ପ୍ରକାର ବିଗତ ମୂଲ୍ୟାୟନକୁ ଆଖି ଆଗରେ ରଖି, ବିଭିନ୍ନ ପ୍ରକାରର ଏମ.ସି.କ୍ୟୁ ପ୍ରଶ୍ନଗୁଡ଼ିକର ଉଦାହରଣ ପ୍ରଦାନ କରିବେ ।

## ଗୃହକାର୍ଯ୍ୟ



- ଶିକ୍ଷାର୍ଥୀମାନେ ସାହିତ୍ୟ ବହିର ଯେକୌଣସି ପଠିତ ଗୋଟିଏ ବିଷୟରୁ ବିଭିନ୍ନ ପ୍ରକାର ପ୍ରଶ୍ନ ତିଆରି କରି ଆଣିବେ । ଆଣିଥିବା ପ୍ରଶ୍ନକୁ ସାଇତିକି ରଖିବେ ।

କ୍ଲବରେ କାର୍ଯ୍ୟ–

- ଶିକ୍ଷାର୍ଥୀମାନେ ଇଂରାଜୀ ସଂସ୍କୃତ/ହିନ୍ଦୀ ବହିର ଏକ ଅନୁଚ୍ଛେଦରୁ ବିଭିନ୍ନ ପ୍ରକାର ପ୍ରଶ୍ନ ତିଆରି କରି ଆସି ଶ୍ରେଣୀରେ ଉପସ୍ଥାପନା କରିବେ ।

## ଅଧିବେଶନ-୨୦
## କହି ଜାଣିଲେ କଥା ସୁନ୍ଦର

| ଅଧିବେଶନ କୋଡ୍ | ଅବଧି |
|---|---|
| ୨୦ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଛାତ୍ରଛାତ୍ରୀମାନେ ବକ୍ତବ୍ୟ ଏବଂ ଲେଖାରେ ପ୍ରସଙ୍ଗ ପାଇଁ ଉପଯୁକ୍ତ ବ୍ୟାକରଣଗତ ବିଭବ (ବାକ୍ୟ ସଂରଚନା) ବ୍ୟବହାର କରିବା ଶିଖିବେ।
- ପ୍ରସଙ୍ଗ ଭିତ୍ତିକ ସଠିକ ବାକ୍ୟ ସଂରଚନା ଶିଖିବେ ।

### ଆବଶ୍ୟକୀୟ ଉପକରଣ

- A4 ପେପର, ପେନ୍, ପେନସିଲ୍, ଡ୍ରଇଂ ସିଟ୍, ଷ୍ଟିକୀ ନୋଟ୍, ଚିରିକୁଟି ରଖିବା ପାଇଁ ପାତ୍ର, ସ୍ମାର୍ଟ ବୋର୍ଡ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ନିମ୍ନ ବାକ୍ୟ ଟିକୁ ଏପଟ ସେପଟ କରି ସ୍ମାର୍ଟ ବୋର୍ଡରେ ଲେଖି ରଖିଥିବେ।
- "ଉଚ୍ଚ ହେବା ପାଇଁ କର ଯେବେ ଆଶା । ଉଚ୍ଚ କର ଆଗେ ନିଜ ମାତୃଭାଷା"
- ଏବଂ ଯଦି ସମୟ ଥିବ ଏହାର ବାକ୍ୟାଂଶଗୁଡ଼ିକ ଛୋଟ ଛୋଟ କାର୍ଡରେ ଲେଖି ଗୋଟିଏ ପାତ୍ରରେ ରଖିଥିବେ।
- ନିମ୍ନ ଲିଖିତ ବାକ୍ୟରେ ଲେଖାଥିବା ବାକ୍ୟାଂଶ/ଶବ୍ଦଗୁଡ଼ିକୁ ଛୋଟ ଛୋଟ କାର୍ଡରେ ଲେଖି ଗୋଟିଏ ପାତ୍ରରେ ରଖିଥିବେ । ଶିକ୍ଷକ ଧ୍ୟାନଦେବେ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ଯେମିତି ଅନ୍ତତଃ ଗୋଟିଏ ଶବ୍ଦ ପାଇବ ଓ ଖେଳରେ ସାମିଲ ହୋଇପାରିବ । ଆବଶ୍ୟକ ସ୍ଥଳେ ଆହୁରି କିଛି ସରଳ ବାକ୍ୟର ବାକ୍ୟାଂଶ ଏଥିରେ ଯୋଡ଼ି ପାରିବେ।
- ମୋ ବାପା ବଗିଚାରେ କାମ କରୁଥିଲେ।
- ଶ୍ୟାମ ଗଛରେ ଚଢ଼ି ଆମ୍ବ ତୋଳୁଥିଲା।
- ଚନ୍ଦନା ଓ ବନ୍ଦନା ମିଶି ଏ ଚିତ୍ର ଆଙ୍କିଛନ୍ତି।
- ମଦନ ସହିତ ତାଙ୍କ ବାପା ବି ଆସିବେ।
- ଶିକ୍ଷାର୍ଥୀସଂଖ୍ୟା ଆଧାରରେ ୫୦/୬୦ଟି ସରଳ ବାକ୍ୟର କାର୍ଡ କିମ୍ବା ଚିରିକୁଟି ଲେଖି ପାତ୍ରରେ ରଖିଥିବେ ଯେମିତି ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ତତଃ ଗୋଟିଏ ବାକ୍ୟ ପାଇବ।
- ଅଲଗା ଅଲଗା ଡ୍ରଇଂ ସିଟରେ କ୍ରିୟା, କର୍ମ, କର୍ତ୍ତା ଇତ୍ୟାଦି ଲେଖି ରଖିଥିବେ।

### ଶ୍ରେଣୀ ପରିଚାଳନା — ୪୫ ମିନିଟ୍

ଶିକ୍ଷକ - ଶିକ୍ଷାର୍ଥୀମାନେ ଆଜି ଆମେ ବାକ୍ୟ ଏବଂ ବାକ୍ୟର ବିଭିନ୍ନ ଅଂଶଗୁଡ଼ିକ ବିଷୟରେ ଜାଣିବା

- ଶିକ୍ଷକ ସର୍ବ ପ୍ରଥମେ ନିମ୍ନ ଉକ୍ତିକୁ ନେଇ ପ୍ରସ୍ତୁତ ଶବ୍ଦଗୁଡ଼ିକୁ ଗୋଟିଏ ପାତ୍ରରେ ରଖିବେ ଓ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଗୋଟିଏ କାର୍ଡ ଉଠାଇବା ପାଇଁ କହିବେ।
- କେହି କାହାକୁ ନିଜର କାର୍ଡ ଦେଖେଇବେ ନାହିଁ।
- ପରେ ଶିକ୍ଷକ ସେମାନଙ୍କୁ ସୂଚନା ଦେବେ ଯେ ସମସ୍ତ କାର୍ଡ ଠିକ ଭାବରେ ସଜେଇ ହେଲେ ଏହା ଓଡ଼ିଶାର ଜଣେ ପ୍ରସିଦ୍ଧ କବିଙ୍କର କବିତାର ଏକ ପଦ ହେବ।

ଏହି ସୂଚନା ପରେ ଶିକ୍ଷାର୍ଥୀମାନେ ନିଜ ନିଜର କାର୍ଡ ପରସ୍ପର ସହ ମିଳାଇ ଉକ୍ତ ପଦଟିକୁ ସମ୍ପୂର୍ଣ୍ଣ କରିବେ । ଆବଶ୍ୟକ ସ୍ଥଳେ ଶିକ୍ଷକ ଆହୁରି ସୂଚନା ଦେଇ ଶିକ୍ଷାର୍ଥୀଙ୍କୁ ଏହି ପଦ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବେ।

- ପଦଟି ସମ୍ପୂର୍ଣ୍ଣ ହେଲାପରେ ଶିକ୍ଷକ ନିମ୍ନଲିଖିତ ପ୍ରଶ୍ନ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ସହ କିଛି ସମୟ ଆଲୋଚନା କରିବେ।
- କାହିଁକି ଗୋଟିଏ ଶବ୍ଦ ପରେ ଅନ୍ୟ ଏକ ନିର୍ଦ୍ଦିଷ୍ଟ ଶବ୍ଦ ଯୋଡ଼ାଗଲା।
- ଅଲଗା ଶବ୍ଦ କାହିଁକି ଯୋଡ଼ା ଗଲାନାହିଁ।

- ଅଲଗା ଶବ୍ଦ ଯୋଡ଼ିଥିଲେ କ'ଣ ହୋଇଥାନ୍ତା ।

**ସମ୍ଭାବ୍ୟ ଉତ୍ତର**

- କେଉଁ ଶବ୍ଦ ପରେ କେଉଁ ଶବ୍ଦ ଲାଗିବ ତାହା ଆଗରୁ ନିର୍ଦ୍ଧାରିତ ।
- ଏହିଭଳି ଶବ୍ଦଗୁଡ଼ିକ ସଜେଇଲେ ଯାଇ ଠିକ ବାକ୍ୟଟିଏ ଗଠନ ହୋଇପାରୁଛି ଓ ଠିକ ବୁଝା ପଡୁଛି ।
- ଅଲଗା ଶବ୍ଦ ଯୋଡ଼ିଥିଲେ ବାକ୍ୟଟି ସମ୍ପୂର୍ଣ୍ଣ ହୋଇନଥାନ୍ତା ଏବଂ ଭୁଲ ହୋଇଯାଇଥାନ୍ତା ।
- ଶିକ୍ଷକ – ଠିକ ଅଛି ତାହେଲେ ଏବେ ଆମେ ସେଭଳି ଆଉ ଗୋଟିଏ ଖେଳ ଖେଳିବା ।
- ଶିକ୍ଷକ ଏବେ ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ବାକ୍ୟର ବାକ୍ୟାଂଶଗୁଡ଼ିକର ଚିରିକୁଟି ଗୋଟିଏ ପାତ୍ରରେ ରଖିବେ ଏବଂ ସମସ୍ତଙ୍କୁ ଗୋଟିଏ ଗୋଟିଏ ଚିରିକୁଟି ଉଠାଇବା ପାଇଁ କହିବେ ।
- ଶିକ୍ଷାର୍ଥୀମାନଙ୍କୁ ସୂଚନା ଦେବେ ଯେ ସେମାନେ ପରସ୍ପରର ଶବ୍ଦ ମିଶାଇ କିଛି ବାକ୍ୟ ତିଆରି କରିବେ ଓ ତାକୁ ସଜେଇକି ଲେଖିବା ପାଇଁ କହିବେ ।
- ସମସ୍ତ ଶିକ୍ଷାର୍ଥୀ ମିଶି କିଛି ବାକ୍ୟ ଗଢ଼ିବା ପାଇଁ ସକ୍ଷମ ହେଲା ପରେ ଶିକ୍ଷକ ପୂର୍ବ ପ୍ରଶ୍ନଗୁଡ଼ିକ ଆଧାରରେ ଏଭଳି ବାକ୍ୟ ସେମାନେ କାହିଁକି ଗଢ଼ିଲେ ଓ ବାକ୍ୟଗୁଡ଼ିକର ସଂରଚନା ଠିକ ହେଇଛି କି ବୋଲି ପଚାରିବେ ।
- ଆଲୋଚନା ପରେ ଶିକ୍ଷକ ନିମ୍ନ ସୂଚନା ଶିକ୍ଷାର୍ଥୀମାନଙ୍କୁ ଅର୍ଥପୂର୍ଣ୍ଣ ଭାବରେ ବୁଝେଇଦେବେ ।
- ଏହା ପରେ ଶିକ୍ଷକ ପୂର୍ବରୁ ଲେଖିରଖିଥିବା ବାକ୍ୟ ଗୁଡ଼ିକୁ ଗୋଟିଏ ପାତ୍ରରେ ରଖିଦେବେ ଓ ସମସ୍ତଙ୍କୁ ଗୋଟିଏ ଗୋଟିଏ କାଗଜ଼ ଉଠାଇବା ପାଇଁ କହିବେ । ଶିକ୍ଷକ ନିଶ୍ଚିତ କରିବେ ଯେ ପ୍ରତ୍ୟେକ ଶିକ୍ଷାର୍ଥୀ ଅନ୍ତତଃ ଗୋଟିଏ ବାକ୍ୟ ପାଇବେ ।
- ପୂର୍ବରୁ ଲେଖିଥିବା କ୍ରିୟା, କର୍ମ ଓ କର୍ତ୍ତା ଡ୍ରଇଂ ସିଟ୍ ଗୁଡ଼ିକ ଶ୍ରେଣୀଗୃହର ବିଭିନ୍ନ କୋଣରେ ଲଗାଇ ଦେବେ ।



- ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ପାଇଁ ଷ୍ଟିକୀ ନୋଟର ବ୍ୟବସ୍ଥା କରିଥିବେ ।
- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ବାକ୍ୟରେ ଥିବା କ୍ରିୟା, କର୍ମ ଓ କର୍ତ୍ତା ଗୁଡ଼ିକ ଚିହ୍ନଟ କରି ଷ୍ଟିକୀ ନୋଟରେ ଲେଖି ଉପଯୁକ୍ତ ଡ୍ରଇଂ ସିଟ୍ ମାନଙ୍କରେରେ ତାହା ଲଗାଇବେ ।
- ସମସ୍ତ ଶିକ୍ଷାର୍ଥୀ ଏହି କାର୍ଯ୍ୟ କରିସାରିଲା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ସବୁ ଡ୍ରଇଂ ସିଟରେ ଠିକ ଶବ୍ଦ ଲେଖାଯାଇଛି ନା କିଛି ଭୁଲ ଶବ୍ଦ ମଧ୍ୟ ଅଛି ଚିହ୍ନଟ କରିବା ପାଇଁ କହିବେ ।
- ଯଦି କିଛି ଭୁଲ ଶବ୍ଦ ଶିକ୍ଷାର୍ଥୀ ଚିହ୍ନଟ କରନ୍ତି ତେବେ କାହିଁକି ଭୁଲ ହେଲା ବୋଲି ପ୍ରଶ୍ନ କରିବେ ଓ ଆଲୋଚନା ମାଧ୍ୟମରେ ଠିକ ଜିନିଷଟି ଶିକ୍ଷାର୍ଥୀମାନଙ୍କୁ ବୁଝେଇଦେବେ ।
- ଯଦି ସମସ୍ତ ଶିକ୍ଷାର୍ଥୀ ଠିକ ଠିକ ଭାବରେ କ୍ରିୟା, କର୍ମ ଓ କର୍ତ୍ତା ଚିହ୍ନଟ କରିଥାନ୍ତି ତାହେଲେ ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରି ବାକ୍ୟ ଗଠନ ସମ୍ବନ୍ଧରେ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ ଅଧିବେଶନ ଶେଷ କରିବେ ।
- ଇଂରାଜୀ ଶିକ୍ଷକ ମଧ୍ୟ ଏଭଳି ଖେଳ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କୁ ଇଂରାଜୀରେ ବାକ୍ୟ ସଂରଚନା ଶିଖେଇପାରିବେ ।

## ଗୃହ କାର୍ଯ୍ୟ

- ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ପସନ୍ଦର ଗୋଟିଏ ଗୋଟିଏ ଅନୁଚ୍ଛେଦ ଚୟନ କରି କ୍ରିୟା, କର୍ମ ଓ କର୍ତ୍ତା ସଠିକ ଭାବରେ ଚିହ୍ନଟ କରିବେ । ସେଗୁଡ଼ିକ ବ୍ୟବହାର କରି ଗୋଟିଏ ଲେଖାଏ ନୂତନ ଅନୁଚ୍ଛେଦ ଗଢ଼ି ଆଣିବେ ।



## ଅଧିବେଶନ-୨୧
## ଆମ ଲେଖକ (କବି, ଔପନ୍ୟାସିକ, ଗାଳ୍ପିକ ଇତ୍ୟାଦି) ଓ ତାଙ୍କ କୃତି

| ଅଧିବେଶନ କୋଡ୍ | ଅବଧି |
|---|---|
| ୨୧ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଶିକ୍ଷାର୍ଥୀମାନେ ତାଙ୍କ ପଠିତ ସାହିତ୍ୟ, ଇଂରାଜୀ ଓ ହିନ୍ଦୀ/ ସଂସ୍କୃତ ପୁସ୍ତକରେ ଥିବା ପାଠ ଗୁଡ଼ିକର ଲେଖକ ଓ କବିଙ୍କୁ ଜାଣିବା ସହ ତାଙ୍କ କୃତିଗୁଡ଼ିକ ସମ୍ବନ୍ଧରେ ଅବଗତ ହେବେ ।

### ଆବଶ୍ୟକୀୟ ଉପକରଣ

- ଲେଖକ ଓ କବିମାନଙ୍କର ଫଟୋଚିତ୍ର
- ସ୍ମାର୍ଟ ବୋର୍ଡ
- A4 ସାଇଜ୍ ପେପର୍, ସ୍କେଚ ପେନ୍/ପେନ୍
- ଛୋଟ ଛୋଟ କାଗଜରେ ଲେଖାଯାଇଥିବା ଲେଖକ ଓ କବି ମାନଙ୍କର ନାମ, ଜନ୍ମସ୍ଥାନ, ପିତାମାତାଙ୍କ ନାମ, ଜନ୍ମ ଓ ତିରୋଧାନ ବର୍ଷ, ଏବଂ ତାଙ୍କ କୃତି (ଲେଖକଙ୍କ କିଛି ପୁସ୍ତକ)

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ପୂର୍ବରୁ ସ୍ମାର୍ଟ ବୋର୍ଡର କାର୍ଯ୍ୟକାରିତା ଓ ଶିକ୍ଷାର୍ଥୀଙ୍କ ବସିବା ସ୍ଥାନ ନିଶ୍ଚିତ କରିବେ ।
- ଶିକ୍ଷକ ପୂର୍ବରୁ ସାହିତ୍ୟ/ଇଂରାଜୀ/ ହିନ୍ଦୀ ପୁସ୍ତକରେ ଥିବା ଲେଖକ ଓ କବି ମାନଙ୍କର ଫଟୋଚିତ୍ର ପ୍ରସ୍ତୁତ କରି ରଖିଥିବେ କିମ୍ବା ସ୍ମାର୍ଟ ବୋର୍ଡରେ ପ୍ରଦର୍ଶନ କରିବା ପାଇଁ ଚିତ୍ରଗୁଡ଼ିକୁ ପୂର୍ବରୁ ଡାଉନଲୋଡ କରି ରଖିଥିବେ ।
- ଲେଖକ ଓ କବିମାନଙ୍କର ନାମ, ଜନ୍ମସ୍ଥାନ, ପିତାମାତାଙ୍କ ନାମ, ଜନ୍ମ ଓ ତିରୋଧାନ ବର୍ଷ, ଶିକ୍ଷା, ବୃତ୍ତି ଏବଂ ତାଙ୍କ କୃତିଗୁଡ଼ିକୁ ଛୋଟ ଛୋଟ କାଗଜରେ ଲେଖି ଅଲଗା ଅଲଗା ପାତ୍ରରେ ରଖିଥିବେ । ଏହି କାମ ଶିକ୍ଷକ ପୂର୍ବରୁ ଶିକ୍ଷାର୍ଥୀଙ୍କ ଦ୍ୱାରା କରାଇପାରିବେ ।

### ଆସ ସମ୍ପର୍କ ଯୋଡ଼ିବା — ୩୦ ମିନିଟ୍

ଏହି ଅଧିବେଶନକୁ ଆରମ୍ଭ କରିବା ପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ତାଙ୍କ ସାହିତ୍ୟ ବହିରେ ଥିବା ବିଷୟ ଓ ଏହାର ଲେଖକଙ୍କ ବିଷୟରେ ନିମ୍ନଲିଖିତ ପ୍ରଶ୍ନ ମାଧ୍ୟମରେ କଥାବାର୍ତ୍ତା ଆରମ୍ଭ କରିପାରିବେ ।

- ଆସ ଆମେ ଦେଖିବା କିଏ ଆମ ଲେଖକ ମାନଙ୍କୁ କେତେ ମନେ ରଖିଛନ୍ତି ?
- କିଏ କହି ପାରିବ ଆମ ସାହିତ୍ୟ ବହିରେ କେଉଁ କେଉଁ କବିତା ଅଛି ଓ ସେହି କବିମାନଙ୍କର ନାମ କ'ଣ ?

ଶିକ୍ଷକ ଜଣେ ଜଣେ କରି କିଛି ଶିକ୍ଷାର୍ଥୀଙ୍କୁ ଗୋଟିଏ ଗୋଟିଏ କବିତା ଓ ତାହାର କବିଙ୍କର ନାମ ପଚାରିବେ । ଶିକ୍ଷକ ନିଜ ତରଫରୁ କୌଣସି ଶିକ୍ଷାର୍ଥୀଙ୍କୁ ଚିହ୍ନଟ କରି କହିବା ପାଇଁ କହିବେ ନାହିଁ ବରଂ ଉତ୍ସାହିତ କରିବେ । ଶିକ୍ଷାର୍ଥୀମାନେ ତାଙ୍କ ତରଫରୁ ଆଗ୍ରହର ସହିତ ଏହି ଆଲୋଚନାରେ ଭାଗ ନେବେ । ଶ୍ରେଣୀ ଭିତରେ କିଏ ଆଗ କହିପାରିବା ଭଳି ଏକ ପ୍ରତିଯୋଗିତା ଯେମିତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଦେଖାଯିବ ।




ଶିକ୍ଷାର୍ଥୀମାନଙ୍କ ପକ୍ଷରୁ କିଛି ଉତ୍ତର ପାଇବା ପରେ ଶିକ୍ଷକ ସମ୍ପର୍କ ଯୋଡ଼ିବା ଖେଳଟିକୁ ଖେଳିବା ଆରମ୍ଭ କରିବେ ।

- ଶିକ୍ଷାର୍ଥୀମାନଙ୍କୁ ୫ ଗୋଟି ଦଳରେ ବିଭକ୍ତ କରାଯିବ ।
- ପ୍ରତ୍ୟେକ ଦଳରେ ଯେଭଳି ସମସ୍ତ ସ୍ତରର ଶିକ୍ଷାର୍ଥୀ ରୁହନ୍ତି ଶିକ୍ଷକ ତାହା ନିଶ୍ଚିତ କରିବେ ।
- ପ୍ରଥମେ ୩ଟି ଲେଖକଙ୍କ ଛବି ଶ୍ରେଣୀଗୃହର ୩ଟି ଜାଗାରେ

ଲଗେଇ ଦିଆଯିବ । ପ୍ରତ୍ୟେକ କବି କିମ୍ବା ଲେଖକଙ୍କ ଛବି ତଳେ ୫ଗୋଟି ଦଳର ନାମ କିଛି କିଛି ବ୍ୟବଧାନରେ ଲେଖା ଯାଇଥିବ । ଏହାକୁ ମଧ୍ୟ କାଗଜରେ ଲେଖି ଅଠା ଦ୍ୱାରା ଛବି ତଳେ କିଛି କିଛି ବ୍ୟବଧାନରେ ଲଗାଯାଇପାରେ ।

- ସେହି ୩ଜଣ କବି ଓ ଲେଖକଙ୍କର ନାମ, ଗ୍ରାମ, ଜନ୍ମ ତାରିଖ, ପିତାମାତାଙ୍କ ନାମ, ଶିକ୍ଷା, ବୃତ୍ତି । ତାଙ୍କର ସାହିତ୍ୟିକ କୃତିଗୁଡ଼ିକୁ ଗୋଟିଏ ଗୋଟିଏ ଅଲଗା କାଗଜରେ ଲେଖିଥିବେ । ସମସ୍ତ ୩ ଜଣ କବି ଓ ଲେଖକଙ୍କ ବିଷୟରେ ଲେଖାଥିବା କାଗଜ ଗୁଡ଼ିକୁ ମିଶେଇଦେଇ ଏହାର ଗୋଟିଏ ସେଟ କରିବେ । ଏଭଳି ୫ଟି ଦଳ ପାଇଁ ୫ଗୋଟି ସେଟ ପ୍ରସ୍ତୁତ କରି ରଖିଥିବେ ।
- ୫ଟି ପାତ୍ରରେ ୫ଟି ଯାକ ସେଟକୁ ରଖି ପ୍ରତ୍ୟେକ ଦଳକୁ ଗୋଟିଏ ଗୋଟିଏ ସେଟ ବଣ୍ଟନ କରିବେ ।
- ଶିକ୍ଷକ, ଶିକ୍ଷାର୍ଥୀମାନଙ୍କୁ ନିଜ ସାହିତ୍ୟ ବହି ବାହାର କରି ଏହି ତିନିଜଣ କବି ଓ ଶିକ୍ଷକଙ୍କ ବିଷୟରେ ପଢ଼ିବା ଓ ପ୍ରସ୍ତୁତ ହେବ ପାଇଁ କହିବେ । ଶିକ୍ଷାର୍ଥୀମାନଙ୍କୁ ପଢ଼ିବା ଓ ପ୍ରସ୍ତୁତ ହେବାପାଇଁ ୧୦ ମିନିଟ ସମୟ ମିଳିବ ।
- ୧୦ ମିନିଟ ପରେ ଶିକ୍ଷକ ନିଜ ନିଜର ସେଟ ଧରି ପ୍ରସ୍ତୁତ ରହିବା ପାଇଁ କହିବେ ।
- ଜଣେ କବି କିମ୍ବା ଲେଖକଙ୍କ ଠାରୁ ଖେଳ ଆରମ୍ଭ ହେବ ।
- ଶିକ୍ଷକ ୫ ମିନିଟ ସମୟର ଘୋଷଣା କରିବେ ଓ ସେହି ସମୟ ଭିତରେ ପ୍ରତ୍ୟେକ ଦଳ ତାଙ୍କ ପାଖରେ ଥିବା ଲେଖା ସେଟ ମଧ୍ୟରୁ ଠିକ ଲେଖାଟି ବାଛି ଉକ୍ତ ଲେଖକ କିମ୍ବା କବିଙ୍କ ତଳେ ଥିବା ତାଙ୍କ ଦଳର ନାମର ତଳେ ଏହାକୁ ଅଠା ମାଧ୍ୟମରେ ଲଗାଇବେ ।
- ଯେଉଁ ଦଳ ସର୍ବପ୍ରଥମେ ଠିକ ଭାବରେ ଏହି କାର୍ଯ୍ୟଟିକୁ ସମ୍ପାଦନା କରିବ ସେହି ଦଳକୁ ବିଜୟୀ ଘୋଷଣା କରାଯିବ ।
- ଶିକ୍ଷକ ଏଭଳି ଗୋଟି ଗୋଟି କରି ସମସ୍ତ ଲେଖକଙ୍କ ପାଇଁ ଏହି ଖେଳଟି ଖେଳାଇବେ ।

## ଲିଖନ କାର୍ଯ୍ୟ — ୧୫ ମିନିଟ୍

- ସମସ୍ତ ଲେଖକଙ୍କ ପାଇଁ ଖେଳଟି ଖେଳିସାରିଲା ପରେ ପ୍ରତ୍ୟେକ ଦଳକୁ ଗୋଟିଏ ଲେଖକଙ୍କୁ ଚୟନ କରିବା ପାଇଁ ଶିକ୍ଷକ ଦଳମାନଙ୍କୁ କହିବେ ।
- ପ୍ରତ୍ୟେକ ଦଳଙ୍କୁ ଗୋଟିଏ A4 ସାଇଜରେ ଦିଆହେବ । ପ୍ରତ୍ୟେକ ଦଳ ଚୟନ କରିଥିବା ଲେଖକଙ୍କର ଲେଖକ ପରିଚୟ ଦଳଗତ ଆଲୋଚନା ମାଧ୍ୟମରେ ଲେଖିବେ ଓ ଉପସ୍ଥାନା କରିବେ ।

**ସୂଚନା-**

- ସାହିତ୍ୟ ବହିରେ ଥିବା ସମସ୍ତ ବିଷୟର ଲେଖକଙ୍କ ନାମ ସମାପ୍ତ ହେବା ପର୍ଯ୍ୟନ୍ତ ଏହି ଖେଳ ଶିକ୍ଷକ ତାଙ୍କର ନିୟମିତ ସାହିତ୍ୟ ଶ୍ରେଣୀରେ ମଧ୍ୟ ଖେଳାଇ ପାରିବେ । ପରୀକ୍ଷା ପୂର୍ବରୁ ଶିକ୍ଷାର୍ଥୀଙ୍କର ପ୍ରସ୍ତୁତି ପାଇଁ ମଧ୍ୟ ଏହି ଖେଳ ଶ୍ରେଣୀରେ ଖେଳାଇ ପାରିବେ ।
- ଇଂରାଜୀ ଓ ହିନ୍ଦୀ ଶିକ୍ଷକ ମଧ୍ୟ ଏଭଳି ଖେଳ ତାଙ୍କର ନିୟମିତ ଇଂରାଜୀ ଓ ହିନ୍ଦୀ/ ସଂସ୍କୃତ ପିରିୟଡରେ ଏହି ଖେଳ କରିପାରିବେ ।

## ଗୃହ କାର୍ଯ୍ୟ

- ପ୍ରତ୍ୟେକ ଶିକ୍ଷାର୍ଥୀ ଏହି ଶିକ୍ଷାବର୍ଷରେ ସମୀକ୍ଷା ପାଇଁ ସେମାନେ ଚୟନ କରିଥିବା ପାଠ୍ୟପୁସ୍ତକ ବହିର୍ଭୁତ ବହିର ଲେଖକ ପରିଚୟ ଲେଖିକି ଆଣିବେ ।



## ଅଧିବେଶନ-୨୨
## ମୋ କଥା ମୋ କାହାଣୀ - ନୂତନ ସଂସ୍କରଣ

| ଅଧିବେଶନ କୋଡ୍ | ଅବଧି |
|---|---|
| ୨୨ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ଉତ୍ସବ ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କର କୃତିକୁ ସ୍ୱୀକୃତି ଦେବା ସହ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମନଭିତରେ ସୃଜନଶୀଳତା ପ୍ରତି ଆଗ୍ରହ ବୃଦ୍ଧି କରିବା ।
- ଟେକ୍ନୋଲୋଜି/ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରି ବିଭିନ୍ନ ମାଧ୍ୟମରେ ନିଜନିଜର ଅନୁଭୂତି/ ମନର କଥା ଉପସ୍ଥାପନା କରିବାର କୌଶଳ ଶିଖାଇବା ।
- ପ୍ରତ୍ୟେକ ବିଦ୍ୟାଳୟରେ ଶିକ୍ଷାର୍ଥୀ, ଶିକ୍ଷକ/ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ଅଭିଭାବକ ଓ ଗୋଷ୍ଠୀର ସଦସ୍ୟ ବିଦ୍ୟାଳୟ ସମ୍ବନ୍ଧରେ ନିଜର ସୁଖଦ ଅନୁଭୂତିଗୁଡ଼ିକ ଭିଡିଓ ମାଧ୍ୟମରେ ରେକର୍ଡିଙ୍ଗ କରିବା ପାଇଁ ସଫଳ ହେବେ । ମୋ ସ୍କୁଲର YouTube ଚ୍ୟାନେଲରେ 'ଆମ ପିଲାଙ୍କ କଥା' କାର୍ଯ୍ୟକ୍ରମ ମାଧ୍ୟମରେ ଏହା ସାର୍ବଜନୀନ କରାଯିବ ।

### ଆବଶ୍ୟକୀୟ ଉପକରଣ

- A4 ସାଇଜ୍ ପେପର୍, ସ୍କେଚ ପେନ୍/ପେନ୍
- ଶିକ୍ଷାର୍ଥୀମାନଙ୍କ ଭିଡିଓ ଉତ୍ତୋଳନ ପାଇଁ ମୋବାଇଲ

### ପୂର୍ବ ପ୍ରସ୍ତୁତି

- ଶିକ୍ଷକ ୯ମ ଶ୍ରେଣୀର 'ମୋ କଥା ମୋ କାହାଣୀ' ଅଧିବେଶନ ଆଧାରରେ ପୂର୍ବ ପ୍ରସ୍ତୁତି କରିଥିବେ ।
- ଗଣଶିକ୍ଷା ବିଭାଗର ନିର୍ଦ୍ଦେଶ ଆଧାରରେ ବିଦ୍ୟାଳୟର ନିଜସ୍ୱ YouTube ଚ୍ୟାନେଲ ପ୍ରସ୍ତୁତ କରିଥିବେ ।
- ଶିକ୍ଷକ ୯ମ ଶ୍ରେଣୀର 'ମୋ କଥା ମୋ କାହାଣୀ' ଅଧିବେଶନକୁ ମନେପକାଇ ଏହି ଅଧିବେଶନକୁ ଆରମ୍ଭ କରି ପାରିବେ ।
- ଯେଉଁଳି ଆମେ ୯ମ ଶ୍ରେଣୀରେ କରିଥିବା ସାହିତ୍ୟ ସୃଜନୀର 'ମୋ କଥା ମୋ କାହାଣୀ' ଅଧିବେଶନରେ ନିଜ ନିଜର ପୁସ୍ତକ ତିଆରି କଲେ, ଏ ବର୍ଷ ମଧ୍ୟ ୧୦ମ ଶ୍ରେଣୀରେ ଆମେ ସେଉଳି ନିଜ ନିଜର ପୁସ୍ତକ ପ୍ରସ୍ତୁତ କରିବା ।
- ବର୍ଷ ତମାମ ନିଜେ ନିଜେ ଲେଖିଥିବା କବିତା, କାହାଣୀ, ଓ ଅନ୍ୟାନ୍ୟ କଥା କିମ୍ବା ଆଙ୍କିଥିବା ଚିତ୍ରଗୁଡ଼ିକୁ ସଂକଳନ କରି ପୂର୍ବ ବର୍ଷ ଭଳି ଏ ବର୍ଷ ମଧ୍ୟ ନିଜ ନିଜର ହାତଲେଖା ବହି ପୁସ୍ତକ ମେଳାରେ ଉନ୍ମୋଚନ କରିବା ।
- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୯ମ ଶ୍ରେଣୀର ମୋ କଥା ମୋ କାହାଣୀ ଅଧିବେଶନ ଆଧାରରେ ମାର୍ଗଦର୍ଶନ କରିବେ ଏବଂ ନିଜ ନିଜର ପୁସ୍ତକ ପ୍ରସ୍ତୁତ କରିବା ପାଇଁ କହିବେ । ଶିକ୍ଷାର୍ଥୀମାନେ ନିଜ ଘରେ ସୁନ୍ଦର ଭାବରେ ନିଜ ନିଜର ପୁସ୍ତକ ତିଆରି କରି ବିଦ୍ୟାଳୟରେ ଜମା ଦେବେ । ଆବଶ୍ୟକ ଆଧାରରେ ଶିକ୍ଷକ/ଶିକ୍ଷୟିତ୍ରୀ ଶିକ୍ଷାର୍ଥୀମାନଙ୍କୁ ଏଥିରେ ସାହାଯ୍ୟ କରିବେ । ନିଶ୍ଚିତ କରିବେ  ଯେମିତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ମୋ କଥା ମୋ କାହାଣୀ ପୁସ୍ତକ ପ୍ରସ୍ତୁତ ହେବ ଓ ପୁସ୍ତକ ମେଳାରେ ଉନ୍ମୋଚନ ହେବ ।

ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଖେଳ ଆରମ୍ଭ କରିପାରିବେ । ୪/୫ ଜଣ ଶିକ୍ଷାର୍ଥୀଙ୍କ ସହ ଶିକ୍ଷକ ଏହି ଅଧିବେଶନ ଆରମ୍ଭ କରିବେ ।

- ଶିକ୍ଷାର୍ଥୀମାନେ ତୁମେ ନିଜ ନିଜର ସବୁଠୁ ପ୍ରିୟ ସାଙ୍ଗ ସହ ଯୋଡ଼ି ହୋଇଯାଅ ।
- ତୁମ ସାଙ୍ଗର ସବୁଠୁ ଭଲ ଗୁଣଟି କ'ଣ ? କାହିଁକି ସେ ତୁମର ସବୁଠୁ ଭଲ ସାଙ୍ଗ କୁହ ?

ଏଭଳି କିଛି ଶିକ୍ଷାର୍ଥୀଙ୍କୁ ପଚାରିବା ପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ଦୁଇଟି ଗୋଲେଇରେ ଛିଡ଼ା କରାଇବେ ।

- ଶିକ୍ଷାର୍ଥୀ ଏଭଳି ଗୋଲେଇରେ ଛିଡ଼ା ହେବେ ଯେପରି ପରସ୍ପରକୁ ସାମ୍ନାରେ ଦେଖି ପାରୁଥିବେ ।
- ଏବେ ଶିକ୍ଷାର୍ଥୀମାନଙ୍କୁ ଧୀରେ ଧୀରେ ଗୋଲେଇରେ ପରସ୍ପରର ଓଲଟା ଦିଗରେ ବୁଲିବା ପାଇଁ କହିବେ । ଗୋଟିଏ ଦଳ ଗୋଟିଏ ଦିଗକୁ ବୁଲିବା ବେଳେ ଅନ୍ୟ ଦଳଟି ଓଲଟା ଦିଗରେ ବୁଲିବ ।
- ଶିକ୍ଷକ ଯେତେବେଳେ ରୁହ କହିବେ ସେତେବେଳେ ଶିକ୍ଷାର୍ଥୀମାନେ ଅଟକି ଯିବେ । ସେତେବେଳେ ତାଙ୍କ ସାମ୍ନାରେ ଥିବା ପୁଅ କିମ୍ବା ଝିଅ ବିଷୟରେ କିଛି ସୂଚନା ପଚାରି ବୁଝିବେ ଓ ଉପସ୍ଥାପନା କରିବେ ।

ସୂଚନା ଗୁଡ଼ିକ ନିମ୍ନ ଆଧାରରେ ହୋଇପାରେ

- ତାକୁ ସବୁଠୁ ବେଶୀ କ'ଣ କରିବା ପାଇଁ ଭଲ ଲାଗେ ?
- ସେ କେଉଁ ଜିନିଷ ବହୁତ ଭଲ ଭାବରେ କରି ପରେ ?
- କେଉଁ ଜାଗା ତାର ସବୁଠୁ ବେଶୀ ପସନ୍ଦ ?
- କ'ଣ କରିବା ପାଇଁ ଭଲ ଲାଗେ ନାହିଁ ? ଇତ୍ୟାଦି

ଏହି କାର୍ଯ୍ୟକଳାପ କରିବା ପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନିମ୍ନ ସୂଚନା ଦେବେ ।

- ଶିକ୍ଷାର୍ଥୀମାନେ ତାଙ୍କ ସାଙ୍ଗ ବିଷୟରେ ଯେତେସବୁ ମଜାମଜା କଥା ପଚାରି ବୁଝିବେ ଯାହା ଅନ୍ୟ ମାନଙ୍କୁ କହିଲା ବେଳେ ମଜା ଲାଗିବା ସଂଗେ ସଂଗେ ବହୁତ ଭଲ ମଧ୍ୟ ଲାଗିବ ।

ସୂଚନା – ଯଦି ଶ୍ରେଣୀରେ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ ଅଛନ୍ତି ତେବେ ଶିକ୍ଷକ ୨୦ ଜଣ ଶିକ୍ଷାର୍ଥୀଙ୍କୁ ଦୁଇଟି ଦଳରେ ଭାଗକରି ଏହି ଖେଳ ଖେଳେଇବେ ଓ ବାକି ଶିକ୍ଷାର୍ଥୀ ଏହାକୁ ଅନୁଧ୍ୟାନ କରି ଶିଖିବେ ।

ଏହି କାର୍ଯ୍ୟକଳାପ ପରେ ଶିକ୍ଷକ ସମସ୍ତ ଶିକ୍ଷାର୍ଥୀଙ୍କୁ ୫/୬ ଟି ଦଳରେ ଭାଗ କରିଦେବେ ।

- ପୂର୍ବ ଖେଳରେ ଆମେ ସାଙ୍ଗ ବିଷୟରେ ମଜା ମଜା ଓ ଭଲ କଥା କହିବା ପାଇଁ ସକ୍ଷମ ହେଲେ । ଏବେ ଆମେ ଆମର କିଛି ଅତିପ୍ରିୟ ସ୍ଥାନ ବିଷୟରେ ଏଭଳି ମଜା ମଜା କଥା ସଂଗ୍ରହ କରିବା ଓ କହିବା ଶିଖିବା ।



- ଶିକ୍ଷକ ପୂର୍ବରୁ ଚିରୁକୁଟିରେ ବିଦ୍ୟାଳୟର ବିଭିନ୍ନ ସ୍ଥାନ ଯେପରିକି – ବିଜ୍ଞାନାଗାର, ଲାଇବ୍ରେରୀ, କମ୍ପ୍ୟୁଟର କକ୍ଷ, ଖେଳପଡ଼ିଆ, ଶ୍ରେଣୀଗୃହ ଇତ୍ୟାଦି ଲେଖି ଅଣିଥିବେ ଓ ଲଟେରୀ ମାଧ୍ୟମରେ ପ୍ରତ୍ୟେକ ଦଳକୁ ନିଜ ନିଜର ବିଷୟ ଚୟନ କରିବାକୁ କହିବେ ।
- ଦଳମାନେ ନିଜ ନିଜର ବିଷୟ ଚୟନ କରିବା ପରେ ଦଳରେ ସେମାନେ ପାଇଥିବା ସ୍ଥାନକୁ ଯାଇ ସେହି ସ୍ଥାନ ବିଷୟରେ କିଛି ମଜା ମଜା ଓ ଆକର୍ଷଣୀୟ କଥା ଲେଖିକି ଆଣିବେ ।

ଏଥି ପାଇଁ ପ୍ରତ୍ୟେକ ଦଳକୁ ୧୫ ମିନିଟ୍ ସମୟ ଦିଆଯିବ ।

- ପ୍ରତ୍ୟେକ ଦଳ ଶ୍ରେଣୀକୁ ଫେରି ଆସିବା ପରେ ଦଳରେ ଏହାକୁ ପ୍ରସ୍ତୁତ କରିବେ ।
- ପ୍ରସ୍ତୁତ କଲା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ଭିଡିଓରେ ଦେଖିଥିବା ଲୋକମାନେ ଯେମିତି ଆକର୍ଷଣୀୟ ଢଙ୍ଗରେ

ଉପସ୍ଥାପନା କରନ୍ତି, ଶିକ୍ଷାର୍ଥୀମାନେ ସେଭଳି ଉପସ୍ଥାପନା କରିବା ପାଇଁ ଚେଷ୍ଟା କରିବେ ।

ଶିକ୍ଷାର୍ଥୀମାନେ ଆଜି ଆମେ ଆମର କଥାକୁ ଭିଡିଓ ମାଧ୍ୟମରେ ପ୍ରସ୍ତୁତ କରିବା ପାଇଁ ଚେଷ୍ଟା କରିବା ?

- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ମୋ ସ୍କୁଲର YouTube ଚ୍ୟାନେଲ ବିଷୟରେ ଓ ଆଗାମୀ ଦିନରେ ମୋ ସ୍କୁଲ ଦ୍ୱାରା ହେବାକୁଥିବା 'ଆମ ପିଲାଙ୍କ କଥା' କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେବେ । ଶିକ୍ଷାର୍ଥୀମାନେ ବିଦ୍ୟାଳୟ ବିଷୟରେ କିମ୍ବା ନିଜ ନିଜ ବିଷୟରେ କହିବାକୁ ଚାହୁଁଥିବା କଥା ଗୁଡ଼ିକୁ ରେକର୍ଡିଙ୍ଗ କରିବେ । ମୋ ସ୍କୁଲ ଦ୍ୱାରା ପ୍ରଦତ୍ତ ଲିଙ୍କ ମାଧ୍ୟମରେ ମୋ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଠାଇବେ । ଏଥିପାଇଁ ଗଠିତ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ଚୟନ ହୋଇଥିବା ଭିଡିଓଟିକୁ ମୋ ସ୍କୁଲର YouTube ଚ୍ୟାନେଲରେ ପ୍ରଦର୍ଶିତ କରାଯିବ ।

କୌଣସି ଗୋଟିଏ ଦଳର ଉପସ୍ଥାପନାକୁ ଶିକ୍ଷକ ନିଜ ମୋବାଇଲରେ ଭିଡିଓ କିମ୍ବା ଅଡିଓ ମାଧ୍ୟମରେ ରେକର୍ଡ କରିବେ । ଶିକ୍ଷାର୍ଥୀମାନଙ୍କର ଏଥିରେ ଆଗ୍ରହ ସୃଷ୍ଟି କରିବା ପାଇଁ ସ୍ମାର୍ଟବୋର୍ଡରେ ପ୍ରଦର୍ଶନ କରିବେ ।

## ଗୃହ କାର୍ଯ୍ୟ

- ଶିକ୍ଷାର୍ଥୀମାନେ ନିଜନିଜର ମୋ କଥା ମୋ କାହାଣୀ ବହିକୁ ସୁନ୍ଦର ଭାବରେ ସଜେଇ ବିଦ୍ୟାଳୟରେ ଜମା ଦେବେ ।
- ଶିକ୍ଷାର୍ଥୀମାନେ ଘର ମୋବାଇଲ ବ୍ୟବହାର କରି ନିଜ ନିଜର ଏକ ଛୋଟ ଭିଡିଓ ପ୍ରସ୍ତୁତ କରି ଶିକ୍ଷକଙ୍କୁ ଦେବେ । ଯାହାର ଭିଡିଓ ଆକର୍ଷଣୀୟ ଓ ସୂଚନାଯୋଗ୍ୟ ହୋଇଥିବ ତାହା ମୋ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଠାଯିବ ।



## ବିଶେଷ ସୂଚନା

- ଏହି ଅଧିବେଶନରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପୁସ୍ତକ ପ୍ରସ୍ତୁତି ହେଉଛି ବାଧ୍ୟତାମୂଳକ । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ନିଜର ମୋ କଥା ମୋ କାହାଣୀ ପ୍ରସ୍ତୁତ କରିବେ ଯାହା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବହି ମେଳାରେ ପ୍ରଦର୍ଶିତ ହେବ ।
- ଏହି କାର୍ଯ୍ୟକ୍ରମ ପାଇଁ ବିଦ୍ୟାଳୟରେ ଶିକ୍ଷାର୍ଥୀ, ଶିକ୍ଷକ/ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ, ଅଭିଭାବକ ଓ ଗୋଷ୍ଠୀର ସଦସ୍ୟ କେହିବି ଭିଡିଓ ଉତ୍ତୋଳନ କରି ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦେବେ । ସ୍କୁଲ କର୍ତ୍ତୃପକ୍ଷ ଭିଡିଓର ଗୁଣବତ୍ତା ଓ ବିଷୟବସ୍ତୁ ଆଧାରରେ ଚୟନ କରିବେ ଏବଂ ତାହା ମୋ ସ୍କୁଲ୍‌କୁ ପଠାଇବେ ।
- ପ୍ରତ୍ୟେକ ବିଦ୍ୟାଳୟରୁ ଅନ୍ତତଃ ଗୋଟିଏ ଭିଡିଓ ଉତ୍ତୋଳନ କରି ମୋ ସ୍କୁଲକୁ ପଠାଯିବ ।

| ଅଧିବେଶନ-୨୩<br>ମୁଁ, ମୋ ସ୍କୁଲ, ଏବଂ ମୋର ଅଭୁଲା ସ୍ମୃତି | ଅଧିବେଶନ କୋଡ୍ | ଅବଧି |
|---|---|---|
| | ୨୩ | ୪୫ ମିନିଟ୍ |

**ଉଦ୍ଦେଶ୍ୟ**

- ୧୦ମ ଶ୍ରେଣୀ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟରେ ଏହା ଶେଷ ବର୍ଷ ତେଣୁ ତାଙ୍କ ପାଇଁ ଏକ ପରିବେଶ ସୃଷ୍ଟି କରିବା ଯାହାଦ୍ୱାରା ଶିକ୍ଷାର୍ଥୀମାନେ ବିଗତ ବର୍ଷଗୁଡ଼ିକରେ ବିଦ୍ୟାଳୟ ପରିସରରେ କଟାଇ ଥିବା ତାଙ୍କର ସ୍ମୃତିଗୁଡ଼ିକୁ ମନେ ପକାଇବେ ଓ କହିବେ।
- ନିଜ ବିଦ୍ୟାଳୟ ସହିତ ଜଡ଼ିତ ତାଙ୍କର ଅଭୁଲା ସ୍ମୃତିଗୁଡ଼ିକୁ ବିଭିନ୍ନ ମାଧ୍ୟମରେ(ଲେଖାଚିତ୍ର, ଅଭିନୟ, ସଂଳାପ, ଫଟୋ, ଭିଡିଓ ଇତ୍ୟାଦି) ପ୍ରକାଶିତ କରିବାରେ ସଫଳ ହେବେ।
- ୯ମ ଶ୍ରେଣୀର ସାହିତ୍ୟ ସୃଜନୀର ୨୪ ତମ ଅଧିବେଶନରେ ଥିବା 'ମୋ କଥା ମୋ କାହାଣୀ'ରେ ଏହା ସେମାନଙ୍କର ଅଭୁଲା ସ୍ମୃତିକୁ ସ୍ଥାନିତ ହେବ ଏବଂ ଏହା ବହି ମେଳାରେ ପ୍ରଦର୍ଶିତ ହେବ।

**ଆବଶ୍ୟକୀୟ ଉପକରଣ**

- A3 ସାଇଜ୍ ପେପର୍, ପେନ୍ସିଲ, ବିଦ୍ୟାଳୟର ଚିତ୍ର, ଷ୍ଟିକୀ ନୋଟ, ଡ୍ରଇଂ ସିଟ୍, ସ୍କେଚ ପେନ୍/ପେନ୍, ସ୍ମାର୍ଟ ବୋର୍ଡ

**ପୂର୍ବ ପ୍ରସ୍ତୁତି**

- ଶିକ୍ଷକ ପୂର୍ବରୁ ବିଦ୍ୟାଳୟର କିଛି ପୁରୁଣା ଫଟୋ ସ୍ମାର୍ଟବୋର୍ଡରେ ସଂକଳନ କରି ପ୍ରଦର୍ଶନ କରିବା ପାଇଁ ରଖିବେ।
- ଶିକ୍ଷକ ବିଦ୍ୟାଳୟ ସହିତ ତାଙ୍କର ଏକ ଅଭୁଲା ସ୍ମୃତି ଶିକ୍ଷାର୍ଥୀମାନଙ୍କୁ କହିବାକୁ ପ୍ରସ୍ତୁତ ଥିବେ।
- ମୁଁ, ମୋ ସ୍କୁଲ, ଏବଂ ମୋର ସ୍ମରଣୀୟ ଯାତ୍ରା ସମ୍ବନ୍ଧୀୟ ନମୁନା ଚିତ୍ରକୁ ସ୍ମାର୍ଟବୋର୍ଡରେ ପ୍ରଦର୍ଶନ ପାଇଁ ପ୍ରସ୍ତୁତ କରି ରଖିଥିବେ।

**ଶ୍ରେଣୀ ପରିଚାଳନା** — ୪୫ ମିନିଟ୍

ଶିକ୍ଷକ ଶିକ୍ଷାର୍ଥୀମାନଙ୍କ ସହ ନିମ୍ନଲିଖିତ କଥାବାର୍ତ୍ତା ମାଧ୍ୟମରେ ଏହି ଅଧିବେଶନ ଆରମ୍ଭ କରି ପାରିବେ।


- **ଶିକ୍ଷକ-** ଶିକ୍ଷାର୍ଥୀମାନେ ଆଜି ଆମେ ଆମ ବିଦ୍ୟାଳୟକୁ ମନେ ପକାଇବା। ମୁଁ ତୁମମାନଙ୍କୁ କିଛି ଫଟୋ ଦେଖେଇବି ତୁମେ ତାକୁ ଚିହ୍ନିବାକୁ ଚେଷ୍ଟା କରିବ।
- ଶିକ୍ଷକ ପ୍ରଥମେ ଗୋଟିଗୋଟି କରି ବିଦ୍ୟାଳୟର ପୁରୁଣା ଫଟୋସବୁ ଦେଖେଇବେ ଓ ଶିକ୍ଷାର୍ଥୀମାନଙ୍କୁ ତାହା କେଉଁ ସ୍ଥାନ ଚିହ୍ନଟ କରିବା ପାଇଁ କହିବେ।
- ସ୍ଥାନ ଚିହ୍ନଟ କଲା ସମୟରେ ସେହି ସ୍ଥାନରେ ପୂର୍ବରୁ କେହି କିଛି ସ୍ମରଣୀୟ ମୁହୂର୍ତ୍ତ କଟେଇଛନ୍ତି କି ବୋଲି ପଚାରିବେ ଓ ଶିକ୍ଷାର୍ଥୀମାନଙ୍କୁ ମନେ ପକାଇ କହିବା ପାଇଁ ଉତ୍ସାହିତ କରିବେ।
- ଏହା ପରେ ଶିକ୍ଷକ ବିଦ୍ୟାଳୟ ସହ ଜଡ଼ିତ ତାଙ୍କର କିଛି ମଧୁର ଅନୁଭୂତି ଶିକ୍ଷାର୍ଥୀମାନଙ୍କୁ କହିବେ।




- **ଶିକ୍ଷକ-** ଶିକ୍ଷାର୍ଥୀମାନେ ଏହା ଆମର ୧୦ମ ଶ୍ରେଣୀ। ବୋର୍ଡ ପରୀକ୍ଷା ପରେ ଆମେ ବିଦ୍ୟାଳୟ ଛାଡ଼ି ମହା ବିଦ୍ୟାଳୟ ଯିବା। ବିଦ୍ୟାଳୟର କେଉଁ ଜାଗା, କେଉଁ ଜିନିଷ, କ'ଣ, କିମ୍ବା କାହାକୁ ତୁମେ ସବୁଠୁ ବେଶୀ ମନେ ପକେଇବ ଓ କାହିଁକି ତାହା ଲେଖିବ ଏବଂ ଏଥିପାଇଁ ଚିହ୍ନଟ ସ୍ଥାନରେ ଲଗାଇବ।

- ଶିକ୍ଷକ ପୂର୍ବରୁ ଗୋଟିଏ କିମ୍ବା ଦୁଇଟି ଡ୍ରଇଂ ସିଟ୍ ରେ 'ମୁଁ ସବୁଠୁ ବେଶୀ କ'ଣ ମନେ ପକେଇବି' ଶୀର୍ଷକ ଲେଖି ଆଣିଥିବେ ଓ ଶ୍ରେଣୀର ଦୁଇଟି ପାର୍ଶ୍ୱରେ ଏହାକୁ କାନ୍ଥରେ ଲଗାଇ ଦେଇଥିବେ ।
- ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ଗୋଟିଏ ଷ୍ଟିକୀ ନୋଟ ଦେବେ ଓ ନିଜ ନିଜର ମନର କଥା ଲେଖି ଡ୍ରଇଂ ସିଟ୍ ରେ ଲଗାଇବା ପାଇଁ କହିବେ ।
- ଏଥିପାଇଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ୫ ମିନିଟ ସମୟ ଦେବେ ।
- ତାପରେ ଶିକ୍ଷକ ପ୍ରତ୍ୟେକ ଶିକ୍ଷାର୍ଥୀକୁ ଗୋଟିଏ ଗୋଟିଏ A3(ବଡ଼ ସାଇଜ୍) କାଗଜ ଦେବେ ଓ ନିମ୍ନଲିଖିତ ସୂଚନା ଦେବେ ।
- ଶିକ୍ଷକ – ଆଜି ଆମେ ଆମ ବିଦ୍ୟାଳୟରେ ନିଜ ନିଜର ଯାତ୍ରାକୁ ମନେ ପକେଇବା ଓ ବିଭିନ୍ନ ମାଧ୍ୟମରେ ତାକୁ ପ୍ରଦର୍ଶିତ କରିବା ।
- ଶିକ୍ଷକ ସ୍ମାର୍ଟ ବୋର୍ଡରେ ପ୍ରଦତ୍ତ ନମୁନା ଚିତ୍ରଟିକୁ(ପୂର୍ବରୁ ନିର୍ଦ୍ଧାରିତ) ପ୍ରଦର୍ଶନ କରିବେ । ତାକୁ ଦେଖି ଆହୁରି ସୁନ୍ଦର ଭାବରେ ପ୍ରତ୍ୟେକ ଶିକ୍ଷାର୍ଥୀ ନିଜନିଜର ଚିତ୍ର କରିପାରିବେ ।
- ଯେଉଁ ଶିକ୍ଷାର୍ଥୀ ଚାହିଁବ, ଚିତ୍ର ନ କରି କବିତା ମାଧ୍ୟମରେ କିମ୍ବା ଗଳ୍ପ ମାଧ୍ୟମରେ ଓ ଛୋଟ ଛୋଟ ଭିଡିଓ ମାଧ୍ୟମରେ ନିଜ ଅନୁଭୂତିର କଥା କହି ମଧ୍ୟ ନିଜ ବିଦ୍ୟାଳୟର ଏହି ଯାତ୍ରାକୁ ଦର୍ଶାଇ ପାରିବ ।
- ଚିତ୍ର, କବିତା, ଓ କାହାଣୀ ଲେଖିଥିବା ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଛୋଟ ଛୋଟ ଭିଡିଓ ମାଧ୍ୟମରେ ନିଜର କଥା ରଖିବା ପାଇଁ ଉତ୍ସାହିତ କରାଯିବ ।
- ଏହାକୁ ବିଦ୍ୟାଳୟ ପ୍ରତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କର ଏକ ଅଭିନବ ଉପହାର ହେବ ଯାହା ବିଦ୍ୟାଳୟର ବାର୍ଷିକ ପୁସ୍ତକ ମେଳା ସମୟରେ ପ୍ରଦର୍ଶିତ ହେବ ।

**ମୁଁ, ମୋ ସ୍କୁଲ ଏବଂ ମୋର ସ୍ମରଣୀୟ ଯାତ୍ରା**



## ଗୃହ କାର୍ଯ୍ୟ



- ଶିକ୍ଷାର୍ଥୀମାନେ ତାଙ୍କର ଚିତ୍ର, କବିତା, କାହାଣୀଗୁଡ଼ିକ ଆହୁରି ସୁନ୍ଦର ଭାବରେ ଲେଖି ଓ ସଜାଇ ବିଦ୍ୟାଳୟକୁ ଆଣିବେ।
- ଶିକ୍ଷାର୍ଥୀମାନେ ଘରେ ଅଭିଭାବକଙ୍କ ମୋବାଇଲ ବ୍ୟବହାର କରି ଛୋଟ ଛୋଟ ଭିଡିଓ ପ୍ରସ୍ତୁତ କରି କରି ଶିକ୍ଷକଙ୍କ ନିକଟକୁ ପଠାଇବେ।

## ଭିଡିଓ ଚିତ୍ରଣ ପାଇଁ ଆବଶ୍ୟକୀୟ ନିୟମାବଳୀ

- ପ୍ରତ୍ୟେକ ଭିଡିଓ ଲାଣ୍ଡସ୍କେପ ମୋଡ୍‌ରେ ରେକର୍ଡିଙ୍ଗ କରାଯିବ।
- ପର୍ଯ୍ୟାପ୍ତ ଆଲୋକ ସୁବିଧା ଥିବା ସ୍ଥାନରେ ଏହି ରେକର୍ଡିଙ୍ଗ କରାଯିବ।
- ପଛପଟୁ କିଛି ଅନ୍ୟପ୍ରକାର ସାଉଣ୍ଡ ଆସୁନଥିବା ସ୍ଥାନରେ ଏହା ରେକର୍ଡିଙ୍ଗ କରାଯିବ।
- ଭିଡିଓଟି ଅତି ବେଶୀରେ ୧ ରୁ ୧.୫ ମିନିଟରୁ ଅଧିକ ହେବ ନାହିଁ।

## ସାଧାରଣ ନିର୍ଦ୍ଦେଶାବଳୀ

୧. ଶିକ୍ଷାର୍ଥୀମାନେ ଗୋଟିଏ ଶିକ୍ଷାବର୍ଷରେ ତିନୋଟି କାର୍ଯ୍ୟ ତିନୋଟି ଅଲଗା ଅଲଗା ଭାଷାରେ କରିବେ ।

୨. ପ୍ରତ୍ୟେକ ଶିକ୍ଷାର୍ଥୀ ପୁସ୍ତକ ସମୀକ୍ଷା ଯେକୌଣସି ଭାଷାରେ କରିବେ ।

୩. ପ୍ରତ୍ୟେକ ଶିକ୍ଷାର୍ଥୀ ପୁସ୍ତକ ସମୀକ୍ଷାର ଭାଷା ବ୍ୟତୀତ ଅନ୍ୟ ଭାଷାରେ ରୋଷେୟା ବା ସହାୟକଙ୍କୁ ପଢାଇବେ ।

୪. ପୁସ୍ତକ ସମୀକ୍ଷାର ଭାଷା ଏବଂ ରୋଷେୟା ବା ସହାୟକଙ୍କୁ ପଢାଇବା ଭାଷା ବ୍ୟତୀତ ଅନ୍ୟଭାଷାରେ ପ୍ରାଚୀର ପତ୍ରିକା /ବିଦ୍ୟାଳୟ ପତ୍ରିକା/ବୁଲେଟିନ୍ ବୋର୍ଡ ଇତ୍ୟାଦି କାର୍ଯ୍ୟକଳାପ ପ୍ରତ୍ୟେକ ବିଦ୍ୟାର୍ଥୀ କରିବେ ।

## ପୁସ୍ତକ ସମୀକ୍ଷା/ମୂଲ୍ୟାୟନ (ବାଧ୍ୟତାମୂଳକ-୧ ଯେ କୌଣସି ଗୋଟିଏ ଭାଷାରେ)

**ଟର୍ମ -୧** **୨୦ ମାର୍କ**

ଯେ କୌଣସି ଏକ ପୁସ୍ତକର ପ୍ରଦତ୍ତ ( ୧୦ମ ଶ୍ରେଣୀ ସାହିତ୍ୟ ସୃଜନୀ, ପୃଷ୍ଠା-୬୧ ) ଫର୍ମାଟ ଅନୁସାରେ ସମୀକ୍ଷା ଉପସ୍ଥାପନ କର ।

**ମୂଲ୍ୟାୟନ ନିର୍ଦ୍ଦେଶାବଳୀ**

- ପୁସ୍ତକ ଚୟନ । ୨ମାର୍କ
- ପୁସ୍ତକକୁ ବିସ୍ତୃତ ଭାବରେ ଏବଂ ବିନା ବାଧାରେ ପଢ଼ିବା । ୪ମାର୍କ
- କାହାଣୀ, ଚରିତ୍ର ଏବଂ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ବିବରଣୀ ଲେଖିବା । ୫ମାର୍କ
- କାହାଣୀର ପୃଷ୍ଠଭୂମି ଉପରେ ବିବରଣୀ ଉପରେ ଲେଖିବା । ୪ମାର୍କ
- କାହାଣୀର ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଏକ ସାରାଂଶ ଉପସ୍ଥାପନା କରିବ । ୫ମାର୍କ

**ଟର୍ମ -୨** **୨୦ ମାର୍କ**

ଯେ କୌଣସି ଏକ ପୁସ୍ତକର ପ୍ରଦତ୍ତ ( ୧୦ମ ଶ୍ରେଣୀ ସାହିତ୍ୟ ସୃଜନୀ, ପୃଷ୍ଠା-୬୧ ) ଫର୍ମାଟ ଅନୁସାରେ ସମୀକ୍ଷା ଉପସ୍ଥାପନ କର ।

**ମୂଲ୍ୟାୟନ ନିର୍ଦ୍ଦେଶାବଳୀ**

- ବହିର ସାରାଂଶ ଲେଖିବା । ୬ମାର୍କ
- ବହିର ମୁଖ୍ୟାଂଶ ଚିହ୍ନଟ କରିବା ଏବଂ ମୁଖ୍ୟାଂଶଗୁଡ଼ିକର ସଂକ୍ଷିପ୍ତ ବିବରଣୀ ଲେଖିବା । ୭ମାର୍କ
- ମନୋନୀତ ମୁଖ୍ୟାଂଶଗୁଡ଼ିକର ଆତ୍ମା-ବାଖ୍ୟା । ୭ମାର୍କ

## ପ୍ରକଳ୍ପ କାର୍ଯ୍ୟ ମୂଲ୍ୟାୟନ (ବାଧ୍ୟତାମୂଳକ-୨)

**୨୦ମାର୍କ**

୧. ଶିକ୍ଷାର୍ଥୀଙ୍କୁ (ପାଚିକା/ସହାୟକ) ଅକ୍ଷର ଶିଖାଇବା — ୫ମାର୍କ

(ବିଭିନ୍ନ ଚିତ୍ର ଓ ଅନ୍ୟ ଶୈକ୍ଷିକ ଉପକରଣ ମାଧ୍ୟମରେ )

୨. ୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟାଜ୍ଞାନ — ୫ମାର୍କ

(ବିଭିନ୍ନ ଚିତ୍ର ଓ ଅନ୍ୟ ଉପକରଣ ମାଧ୍ୟମରେ)

୩. ପଠନ ଓ ଲିଖନ ଦକ୍ଷତା ବୃଦ୍ଧି — ୫ମାର୍କ (୨.୫+୨.୫)

- ବହି ପଢ଼ିବା / ନିଜ ଦସ୍ତଖତ
- ଖବର କାଗଜ ପଢିବା ନିଜ ଠିକଣା ବାପା ମାଆଙ୍କ ନାମ ପ୍ରଭୃତି ଲେଖିବ ।

୪. ଶିକ୍ଷାର୍ଥୀଙ୍କର ଶିକ୍ଷଣ ପ୍ରଗତିର ସ୍ତର — ୫ମାର୍କ

(ସ୍ତର ଅନୁସାରେ ମୂଲ୍ୟାୟନ କରାଯିବ)

ବି.ଦ୍ର - (କ) ଅନୁରୂପ ଭାବେ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ କରାଇ ମୂଲ୍ୟାୟନ କରାଯାଇ ପାରିବ ।

(ଖ) ଟର୍ମ-୧ ଓ ଟର୍ମ-୨ ନିମନ୍ତେ ଭିନ୍ନଭିନ୍ନ ପ୍ରକଳ୍ପକାର୍ଯ୍ୟ କରାଇ ମୂଲ୍ୟାୟନ କରାଯିବ ।

(କିମ୍ବା)

**ସୃଜନଶୀଳତା ଏବଂ ସାହିତ୍ୟିକ କାର୍ଯ୍ୟକଳାପ** — **୨୦ମାର୍କ**

୧. ପତ୍ର କିମ୍ବା ଦରଖାସ୍ତ ଲିଖନ । — ୫ମାର୍କ

୨. ପାଞ୍ଚଟି ସମାର୍ଥ କିମ୍ବା ବିପରୀତାର୍ଥ ଶବ୍ଦ । — ୫ମାର୍କ

୩. କୌଣସି ଲେଖକ (କବି, ଔପନ୍ୟାସିକ, ଗାଳ୍ପିକ)ଙ୍କ ପରିଚିତ ଓ କୃତି । — ୫ମାର୍କ

୪. ପାଠ୍ୟପୁସ୍ତକସ୍ଥିତ କୌଣସି ଏକାଙ୍କିକାର ନିର୍ଦ୍ଦିଷ୍ଟ ଅଂଶକୁ ସମୀକ୍ଷା । — ୫ମାର୍କ

(ଫର୍ମାଟ୍ ଅନୁସାରେ ପୃଷ୍ଠା-୧୬-ସାହିତ୍ୟ ସୃଜନୀ)

## ବାଧ୍ୟତାମୂଳକ-୩ (୬ଟି ମଧ୍ୟରୁ ଯେ କୌଣସି ଗୋଟିଏ)

**୧. ପ୍ରାଚୀର ପତ୍ରିକା** — **୨୦ମାର୍କ**

- ରୂପରେଖ - ୩ମାର୍କ
- ଶୀର୍ଷକ - ୨ମାର୍କ
- ଅକ୍ଷର - ୨ମାର୍କ
- ଭାଷା ଏବଂ ଉପସ୍ଥାପନା ଶୈଳୀ - ୩ମାର୍କ
- ବିଷୟବସ୍ତୁ - ୫ମାର୍କ

- ଉପକ୍ରମ ଏବଂ ଉପସଂହାର – ୨ମାର୍କ
- ସୃଜନଶୀଳତା ଓ ବାସ୍ତବତାର ପ୍ରତିଫଳନ – ୩ମାର୍କ

**୨. ପୁସ୍ତକ ଲିଖନ** **୨୦ମାର୍କ**

- ମୁଖପୃଷ୍ଠା – ୨ମାର୍କ
- ଶୀର୍ଷକ – ୨ମାର୍କ
- ଶିକ୍ଷାର୍ଥୀଙ୍କ ନାମ, ଶ୍ରେଣୀ, ରୋଲ ନମ୍ବର ଓ ଶିକ୍ଷାବର୍ଷ – ୨ମାର୍କ
- ସୂଚୀପତ୍ର – ୨ମାର୍କ
- ମୁଖବନ୍ଧ – ୨ମାର୍କ
- ବିଷୟ – ୫ମାର୍କ
- ଭାଷା ଓ ଉପସ୍ଥାପନା ଶୈଳୀ – ୨ମାର୍କ
- ଅନୁଚ୍ଛେଦ ଗୁଡ଼ିକର ସଜ୍ଜୀକରଣ ଏବଂ ଉପସଂହାର – ୩ମାର୍କ

**୩. ବକ୍ତୃତା ପ୍ରତିଯୋଗିତା** **୨୦ମାର୍କ**

- ଉପକ୍ରମ – ୨ମାର୍କ
- ଉପସ୍ଥାପନା ଶୈଳୀ – ୩ମାର୍କ
- ଭାଷା ଓ ଶବ୍ଦ ସଂଯୋଜନା – ୩ମାର୍କ
- ବିଷୟବସ୍ତୁ – ୭ମାର୍କ
- ଉଦ୍ଧୃତି – ୨ମାର୍କ
- ଉପସଂହାର – ୩ମାର୍କ

**୪. ଶ୍ରେଣୀରେ ଅନ୍ୟ ଦୁଇ ଭାଷାରେ ପୁସ୍ତକ ପଠନ** **୨୦ମାର୍କ**

- ପଠନ ଶୈଳୀ – ୪ମାର୍କ
- ଉଚ୍ଚାରଣ – ୪ମାର୍କ
- ସ୍ୱରମାଧୁର୍ଯ୍ୟ – ୪ମାର୍କ
- ପଠନର ଗତି – ୪ମାର୍କ
- ବିରାମ ଚିହ୍ନର ଗୁରୁତ୍ୱ – ୪ମାର୍କ

**୫. ବିଦ୍ୟାଳୟ ପତ୍ରିକା** **୨୦ମାର୍କ**

- ରୂପରେଖ – ୩ମାର୍କ
- ଶୀର୍ଷକ – ୨ମାର୍କ
- ଅକ୍ଷର – ୨ମାର୍କ
- ଭାଷା ଓ ଉପସ୍ଥାପନା ଶୈଳୀ – ୩ମାର୍କ
- ବିଷୟବସ୍ତୁ – ୫ମାର୍କ
- ଉପକ୍ରମ ଏବଂ ଉପସଂହାର – ୨ମାର୍କ
- ସୃଜନଶୀଳତା ଓ ବାସ୍ତବତାର ପ୍ରତିଫଳନ – ୩ମାର୍କ

**୬. କ୍ଷୁଦ୍ର ନାଟକ ପରିବେଷଣ** **୨୦ମାର୍କ**

- ମଞ୍ଚସଜ୍ଜା – ୨ମାର୍କ

- ବିଷୟବସ୍ତୁ ଚୟନ – ୨ ମାର୍କ
- ସଂଳାପ – ୩ମାର୍କ
- ଅଭିନୟ (ଅଙ୍ଗଭଙ୍ଗୀ ପ୍ରଦର୍ଶନ) – ୫ମାର୍କ
- ଉଚ୍ଚାରଣ – ୩ମାର୍କ
- ସ୍ୱର ମାଧୁର୍ଯ୍ୟ – ୩ମାର୍କ
- ନାଟକର ସନ୍ଦେଶ – ୨ ମାର୍କ

## ଶିକ୍ଷକଙ୍କ ପାଇଁ ମତାମତ ସମ୍ବନ୍ଧୀୟ ସୂଚନା

**ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ପ୍ରଭାବଶାଳୀ ଏବଂ ସକରାତ୍ମକ ଫିଡବ୍ୟାକ ବା ମତାମତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଗଠନମୂଳକ ମତାମତ କିପରି ପ୍ରଦାନ କରାଯିବ–**

- ଛାତ୍ରଛାତ୍ରୀମାନଙ୍କୁ ସେମାନେ କରିଥିବା କାର୍ଯ୍ୟକଳାପ ନିମନ୍ତେ ମତାମତ ଦେବା ଅନିର୍ବାର୍ଯ୍ୟ ଅଟେ ।
- ମତାମତ ଦେବାର ଅର୍ଥ ଛାତ୍ରଛାତ୍ରୀଙ୍କୁ ଠିକ୍ ଏବଂ ଭୁଲ୍ ବିଷୟରେ ଅବଗତ କରାଇବା । କିନ୍ତୁ ଏହା ଯେପରି ଛାତ୍ରଛାତ୍ରୀଙ୍କୁ ନିରୁତ୍ସାହିତ ନ କରେ ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ।
- ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଫିଡବ୍ୟାକ୍ ବା ମତାମତ ସକରାତ୍ମକ ହେବା ଉଚିତ୍ । ଯଦି ସେମାନଙ୍କୁ ନକରାତ୍ମକ ମତାମତ ଦେବା ତେବେ ଏହା ସେମାନଙ୍କ ପ୍ରୟାସକୁ ନିରୁତ୍ସାହିତ କରିପାରେ ।
- ଜଣେ ଶିକ୍ଷକ ଉତ୍ସାହଜନକ ଏବଂ ସକରାତ୍ମକ ପ୍ରତିକ୍ରିୟା ଦେବା ଉଚିତ୍ ।
- ସକରାତ୍ମକ ମତାମତ ଦେବାଦ୍ୱାରା ସେମାନେ ଶିଖିବା ପାଇଁ ପ୍ରେରଣା ପାଆନ୍ତି ।
- ସକରାତ୍ମକ ମତାମତ ଏଭଳି ଏକ ପରିବେଶ ସୃଷ୍ଟି କରେ ଯେଉଁଠି ଛାତ୍ରଛାତ୍ରୀ ନିର୍ଦ୍ୱନ୍ଦ୍ୱରେ ନିଜର ଧାରଣା ବିଷୟରେ କହିପାରିବେ । ଏହା ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ବିକାଶରେ ସହାୟକ ହୋଇପାରେ ।
- ମତାମତ ସର୍ବଦା ଶିକ୍ଷଣୀୟ ଏବଂ ଠିକ୍ ସମୟରେ ଦେବା ଆବଶ୍ୟକ ।
- ପ୍ରଥମେ ସେମାନଙ୍କ କାର୍ଯ୍ୟକଳାପର ପ୍ରଶଂସା କରିବା । ଏହାପରେ ସେମାନେ କେଉଁ କ୍ଷେତ୍ରରେ ଭଲ କରିପାରିବେ କହିବା ଏବଂ ପୁଣିଥରେ ପ୍ରଶଂସା କରିବା ।

**ଫିଡବ୍ୟାକ ବା ମତାମତର କେତୋଟି ଉଦାହରଣ–**

- ତୁମେ ପ୍ରକଳ୍ପ କାର୍ଯ୍ୟ/ପୁସ୍ତକ ସମୀକ୍ଷାକୁ ଭଲ ଭାବରେ କରିଛ । ତୁମକୁ ଏହିସବୁ(.......) ଦିଗ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଏହିସବୁ ଦିଗପ୍ରତି ଧ୍ୟାନଦେଲେ ତୁମର ପ୍ରକଳ୍ପ କାର୍ଯ୍ୟ ଆହୁରି ଭଲ ହୋଇପାରିବ ।
- ସମୟ ସହିତ ମୁଁ ତୁମର ପ୍ରକଳ୍ପ କାର୍ଯ୍ୟ/ଗୃହକାର୍ଯ୍ୟରେ ଉନ୍ନତି ଦେଖିପାରୁଛି । ତୁମେ ଏହିସବୁ (.......) କାର୍ଯ୍ୟପ୍ରତି ଧ୍ୟାନ ଦେଲେ ଭବିଷ୍ୟତରେ ତୁମର ପ୍ରକଳ୍ପ କାର୍ଯ୍ୟ ଆହୁରି ଉନ୍ନତ ଧରଣର ହୋଇପାରିବ ।
- ତୁମର ସାମର୍ଥ୍ୟ ଅଛି ଏବଂ ଉନ୍ନତ ଫଳାଫଳ ହାସଲ କରିବାକୁ ତୁମର ଏହିସବୁ (.......) ଦୁର୍ବଳତା ଉପରେ ତୁମକୁ କାର୍ଯ୍ୟ କରିବାକୁ ପଡ଼ିବ ।
- ତୁମେ ଭଲ କାମ କରୁଛ । ଏହିଭଳି ଆଗକୁ ମଧ୍ୟ ଜାରି ରଖ ।

# କ୍ଲବ ଗତିବିଧି-ଦଶମ ଶ୍ରେଣୀ

| କ୍ରମିକ ସଂଖ୍ୟା | କ୍ଲବରେ ହେବାକୁ ଥିବା କାର୍ଯ୍ୟ | ଆବଶ୍ୟକୀୟ ଉପକରଣ | ଅନୁକରଣୀୟ ଅଧିବେଶନ |
|---|---|---|---|
| ୧. | **ପ୍ରାଚୀର ପତ୍ରିକା -**<br>**ଉଦ୍ଦେଶ୍ୟ-**<br>ଏହି ଅଧିବେଶନ ଦ୍ୱାରା ଅନେକ ନୂତନ ତଥ୍ୟ ସମ୍ପର୍କରେ ଧାରଣା ହେବା ସହିତ ସ୍ୱ-ମୂଲ୍ୟାୟନ କରିବାରେ ଛାତ୍ର ଛାତ୍ରୀ ମାନେ ସମର୍ଥ ହେବେ । ସେ ଅନ୍ୟମାନଙ୍କର ଭାବନାକୁ ବୁଝିବାରେ ପାରଙ୍ଗମ ହେବେ।<br>**କ୍ଲବରେ କାର୍ଯ୍ୟ -**<br>ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ନବମ ଶ୍ରେଣୀରେ କରିଥିବା ପ୍ରାଚୀର ପତ୍ରିକା ଅଧିବେଶନ ଆଧାରରେ ଦଶମ ଶ୍ରେଣୀ ପାଇଁ କ୍ଲବର ଏହି ଅଧିବେଶନଟିକୁ ଆଗକୁ ନେବେ-<br>ଛାତ୍ରଛାତ୍ରୀମାନେ ପୂର୍ବ ବର୍ଷର କାର୍ଯ୍ୟକ୍ରମକୁ ମନେପକାଇ, କ୍ଲବରେ ପ୍ରାଚୀର ପତ୍ରିକା ପାଇଁ ଚିତ୍ର, ଗଳ୍ପ, କବିତା ଇତ୍ୟାଦି ପ୍ରସ୍ତୁତ କରିବେ ଓ ନବମ ଶ୍ରେଣୀ ରେ ପଢ଼ାଯାଇଥିବା ପ୍ରାଚୀର ପତ୍ରିକା ଅଧିବେଶନ ଆଧାରରେ ଛାତ୍ରଛାତ୍ରୀମାନେ ନିଜ କାର୍ଯ୍ୟର ସମୀକ୍ଷା କରିବେ ।<br>ପ୍ରାଚୀର ପତ୍ରିକା ଛାତ୍ରଛାତ୍ରୀଙ୍କ ଦକ୍ଷତା ଆଧାରରେ କୌଣସି ବି ଭାଷାରେ କରାଯାଇପାରେ ।<br>**ଅଧିବେଶନ ୦୩ - ପ୍ରାଚୀର ପତ୍ରିକା**<br>୧. ପ୍ରାଚୀର ପତ୍ରିକାରେ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କ ସହଭାଗିତା ରହିବ।<br>୨. ପ୍ରତିମାସରେ ସମସ୍ତ ଛାତ୍ରଛାତ୍ରୀଙ୍କ କୃତି ସ୍ଥାନିତ ହେବ।<br>୩. ଶ୍ରେଣୀର ଛାତ୍ରଛାତ୍ରୀଙ୍କ କ୍ରମାଙ୍କ (ରୋଲ୍ ନଂ-) ଅନୁଯାୟୀ ସେମାନଙ୍କର ଲେଖା ପ୍ରାଚୀର ପତ୍ରରେ ଲଗାଯିବ।<br>୪. ଅଠା ବ୍ୟବହାର ନ କରି ପିନ୍ ବ୍ୟବହାର କରିବା । ଲେଖାଟିକୁ/ଚିତ୍ରଟିକୁ ସଂରକ୍ଷିତ କରିବା।<br>୫. ପ୍ରତ୍ୟେକ ଛାତ୍ରଛାତ୍ରୀ ବର୍ଷକ ମଧ୍ୟରେ ଯେତୋଟି ଲେଖା, ଚିତ୍ର ପ୍ରଭୃତି ପ୍ରାଚୀର ପତ୍ରିକା ପାଇଁ ଦେଇଥିବେ ତାହାକୁ ଫାଇଲ୍ କରି ନିଜେ ରଖିବେ।<br>୬. ଛାତ୍ରଛାତ୍ରୀଙ୍କ ପ୍ରାଚୀର ପତ୍ରିକା ଲେଖା ମଧ୍ୟରୁ ଶ୍ରେଷ୍ଠ ଲେଖା ଚୟନ କରି ଶ୍ରେଣୀ ମାଗାଜିନ୍ କିମ୍ବା ବିଦ୍ୟାଳୟ ମାଗାଜିନରେ ପ୍ରକାଶ କରାଇବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। | ଡ୍ରଇଂସିଟ୍, ସ୍କେଚ୍‌ପେନ୍, ପେନ୍‌ସିଲ୍, ରବର, ଅଠା, ରଙ୍ଗ, ସ୍କେଲ | ସ୍ମୃତିରେ ସାହିତ୍ୟ ସୃଜନୀ - ଅଧିବେଶନ ୧ - ଶ୍ରେଣୀ ୧୦ମ<br>ପ୍ରାଚୀର ପତ୍ରିକା-ଅଧିବେଶନ ୩-ଶ୍ରେଣୀ ୯ମ |

| କ୍ରମିକ ସଂଖ୍ୟା | କ୍ଲବରେ ହେବାକୁ ଥିବା କାର୍ଯ୍ୟ | ଆବଶ୍ୟକୀୟ ଉପକରଣ | ଅନୁକରଣୀୟ ଅଧିବେଶନ |
|---|---|---|---|
| ୨ . | **କାହାଣୀ ଲିଖନ –**<br>**ଉଦ୍ଦେଶ୍ୟ**<br>• ପିଲାମାନଙ୍କର ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ବୃଦ୍ଧି ପାଇବ ।<br>• ପିଲାମାନଙ୍କର ଲିଖନ ଦକ୍ଷତାର ଅଭିବୃଦ୍ଧି ହେବ ।<br>• ପିଲାମାନେ ଦଳରେ କାହାଣୀ ଲେଖିବା ଓ ପରବର୍ତ୍ତୀ ସମୟରେ ନିଜେ କାହାଣୀ ଲେଖିବାରେ ସକ୍ଷମ ହେବେ ।<br>**କ୍ଲବରେ କାର୍ଯ୍ୟ –**<br>୧ . ଶିକ୍ଷକ ପୂର୍ବରୁ କିଛି ଅସମ୍ପୂର୍ଣ୍ଣ କାହାଣୀ ସଂଗ୍ରହ କରିଥିବେ ।<br>୨ . ଯଦି ସମ୍ଭବ କିଛି ଅସମ୍ପୂର୍ଣ୍ଣ ଭିଡିଓର ମଧ୍ୟ ବ୍ୟବସ୍ଥା କରିଥିବେ ।<br>ଏହି ଗତିବିଧିଟି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦଳ ଗଠନ କରି ଆୟୋଜନ କରାଯିବ, ସ୍ମାର୍ଟବୋର୍ଡ ଜରିଆରେ ପ୍ରଦର୍ଶନ କରି ଏବଂ ଅସମ୍ପୂର୍ଣ୍ଣ କାହାଣୀଗୁଡ଼ିକ ଛାତ୍ରଛାତ୍ରୀଙ୍କ ଦଳରେ ବାଣ୍ଟିଦେଇ କାହାଣୀକୁ ସମ୍ପୂର୍ଣ୍ଣ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶ ଦେବେ ।ଏହି ଅଧିବେଶନକୁ ସଫଳ ଭାବରେ ପରିଚାଳନା କରିବା ପାଇଁ ଅଧିବେଶନ ୪ ଏବଂ ୫ ରେ ଥିବା ନିର୍ଦ୍ଦେଶାବଳୀକୁ ଅନୁକରଣ କରିବେ । | କିଛି ଅସମ୍ପୂର୍ଣ୍ଣ କାହାଣୀ, କିଛି ଅସମ୍ପୂର୍ଣ୍ଣ ଭିଡିଓ, ଡ୍ରଇଂସିଟ୍, ସ୍କେଚ୍‌ପେନ୍, ପେନ୍‌ସିଲ୍, A4 ସାଇଜ କାଗଜ | କାହାଣୀ କେଉଁ ଆଡ଼କୁ ନେଉଛି ଟାଣି, ଆସ କାହାଣୀକୁ ସମ୍ପୂର୍ଣ୍ଣ କରିବା – ଅଧିବେଶନ ୪ ଓ ୫ – ୧୦ମ ଶ୍ରେଣୀ |
| ୩. | **କବିତା ଲିଖନ–**<br>**ଉଦ୍ଦେଶ୍ୟ**<br>• ପିଲାମାନଙ୍କର ମଧ୍ୟରେ ସୃଜନଶୀଳ ଚିନ୍ତାଧାରା ବୃଦ୍ଧି ପାଇବ ।<br>• ପିଲାମାନଙ୍କର ଲିଖନ ଦକ୍ଷତାର ଅଭିବୃଦ୍ଧି ହେବ ।<br>**କ୍ଲବରେ କାର୍ଯ୍ୟ –**<br>ଆସ କବିତା ଲେଖିବା ଅଧିବେଶନ ଆଧାରରେ ଶିକ୍ଷକ ପୂର୍ବରୁ କିଛି ଏପରି ଶବ୍ଦ ଚିହ୍ନଟ କରିଥିବେ ଯାହାର ସମୋଚ୍ଚାରିତ (ରାଇମିଂ) ଶବ୍ଦ ପିଲାମାନେ ସହଜରେ ଚିହ୍ନଟ କରିପାରିବେ ।<br>ପ୍ରଥମେ କଳା/ ଧଳା ପଟା ରେ ଶିକ୍ଷକ ଚିହ୍ନଟ କରିଥିବା ଶବ୍ଦଗୁଡ଼ିକ ଗୋଟି ଗୋଟି କରି ଲେଖିବେ ଏବଂ ପିଲାମାନଙ୍କୁ ପ୍ରତ୍ୟେକ ଶବ୍ଦର ରାଇମିଙ୍ଗ ଶବ୍ଦ ଲେଖିବା ପାଇଁ କହିବେ । ଅଧିକରୁ ଅଧିକ ସଂଖ୍ୟକ ରାଇମିଙ୍ଗ ଶବ୍ଦ ଲେଖିବା ପାଇଁ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବେ ।<br>ପ୍ରଥମେ ଛାତ୍ରଛାତ୍ରୀମାନଙ୍କର ଦଳ ଗଠନ କରି ଦଳରେ ୪ ଧାଡ଼ି, ୬ ଧାଡ଼ି, ୮ ଧାଡ଼ିର କବିତା ଲେଖିବା ପାଇଁ ଉତ୍ସାହିତ କରିବେ ଏବଂ ପରେ ବ୍ୟକ୍ତିଗତ ଭାବେରେ ପ୍ରତ୍ୟେକ ପିଲାଙ୍କୁ ଅନ୍ତତଃ ୪ ଧାଡ଼ିର କବିତା ଲେଖିବା ପାଇଁ ପ୍ରେରଣା ଦେବେ, ଆବଶ୍ୟକ ସ୍ଥଳେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ କବିତା ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବେ । | କିଛି ରାଇମିଙ୍ଗ ଶବ୍ଦ, ସ୍କେଚ୍‌ପେନ୍, ପେନ୍‌ସିଲ୍, A4 ସାଇଜ୍ କାଗଜ | ଆସ କବିତା ଲେଖିବା– ଅଧିବେଶନ ୭– ୧୦ମ ଶ୍ରେଣୀ |

| କ୍ରମିକ ସଂଖ୍ୟା | କ୍ଲବରେ ହେବାକୁ ଥିବା କାର୍ଯ୍ୟ | ଆବଶ୍ୟକୀୟ ଉପକରଣ | ଅନୁକରଣୀୟ ଅଧିବେଶନ |
|---|---|---|---|
| ୪. | **ଶବ୍ଦଖେଳ–**<br>**ଉଦ୍ଦେଶ୍ୟ–**<br>ପିଲାମାନଙ୍କର ଶବ୍ଦଜ୍ଞାନର ଅଭିବୃଦ୍ଧି ହେବ, ଲିଖନ କାର୍ଯ୍ୟ ସମୟରେ ଶବ୍ଦର ଉପଯୁକ୍ତ ବ୍ୟବହାର ଶିଖିବେ, କିଛି ବ୍ୟାକରଣ ଗତ ଶୁଦ୍ଧି ସହ ପରିଚିତ ହେବେ।<br>**କ୍ଲବରେ କାର୍ଯ୍ୟ –**<br>ଆସ ଶବ୍ଦ ଖେଳ ଅଧିବେଶନ ଆଧାରରେ ଏହି କାର୍ଯ୍ୟଟିକୁ ଶିକ୍ଷକ, ଇଂରାଜୀ, ହିନ୍ଦୀ ଏବଂ ଅନ୍ୟ କୌଣସି ତୃତୀୟ ଭାଷା ଆଧାରରେ କରିପାରିବେ ।<br>ନବମ ଶ୍ରେଣୀର ଶବ୍ଦକୁହୁକ ଏବଂ ଦଶମ ଶ୍ରେଣୀର ଶବ୍ଦଖେଳ ଅଧିବେଶନରେ ଦିଆଯାଇଥିବା ଖେଳ/ପ୍ରକ୍ରିୟାଗୁଡ଼ିକୁ ଆଧାର କରି ଶିକ୍ଷକ ନିଜ ପଠିତ ସାହିତ୍ୟ, ଇଂରାଜୀ ଏବଂ ହିନ୍ଦୀ ବହିର ବିଭିନ୍ନ ବିଷୟଗୁଡ଼ିକରୁ ଶବ୍ଦ ଚିହ୍ନଟ କରି ଏହି ଖେଳ ପ୍ରସ୍ତୁତ କରିପାରିବେ ଏବଂ କ୍ଲବ ଗତିବିଧି ହିସାବରେ ଖେଳାଇପାରିବେ । | ଷ୍ଟିକୀ ନୋଟ, A4 ସାଇଜ୍ କାଗଜ, ପେନ୍‌ସିଲ, ସ୍କେଚ ପେନ୍, ସ୍ମାର୍ଟବୋର୍ଡ | ଶବ୍ଦ ଖେଳ – ଅଧିବେଶନ ୬ – ୧୦ମ ଶ୍ରେଣୀ |
| ୫. | **ମୋ ବନ୍ଧୁ, ମୋ ସଖା ଏବଂ ତୁ କହିଲେ ଦିନ, ମୁଁ କହିବି ରାତି**<br>**ଉଦ୍ଦେଶ୍ୟ–**<br>ପିଲାମାନେ ଖେଳ ମାଧ୍ୟମରେ ପ୍ରତିଶବ୍ଦ ଓ ବିପରୀତାର୍ଥବୋଧକ ଶବ୍ଦ ଜାଣିବେ ଓ ପରବର୍ତ୍ତୀ ସମୟରେ ପରୀକ୍ଷା ଏବଂ ନିଜ ଲେଖାରେ ଏହା ପ୍ରକାଶିତ କରିବାରେ ସକ୍ଷମ ହେବେ ।<br>**କ୍ଲବରେ କାର୍ଯ୍ୟ –**<br>ଏହି କାର୍ଯ୍ୟକଳାପଟିକୁ ସାହିତ୍ୟ ସୃଜନୀ ଦଶମ ଶ୍ରେଣୀ ଅଧିବେଶନ ୧୧ ଓ ୧୨ ଆଧାରରେ ଶିକ୍ଷକ ପରିଚାଳନା କରିବେ । ବିଦ୍ୟାଳୟରେ ପ୍ରଚଳିତ ସାହିତ୍ୟ, ଇଂରାଜୀ ଏବଂ ହିନ୍ଦୀ ବହିର ବିଭିନ୍ନ ବିଷୟର ଶବ୍ଦଗୁଡ଼ିକୁ ବ୍ୟବହାର କରି ଏହି ଖେଳ ପୂର୍ବରୁ ପ୍ରସ୍ତୁତ କରିବେ ଏବଂ କ୍ଲବ ଗତିବିଧି ଭାବରେ ଶନିବାର ଦିନ ସାହିତ୍ୟ ସୃଜନୀ କ୍ଲବରେ ଏହିଖେଳ ପରିଚାଳନା କରିବେ ।<br>ଏହି ଅଧିବେଶନଟି କେବଳ ଦଶମ ଶ୍ରେଣୀ ଶିକ୍ଷାର୍ଥୀ ପାଇଁ ଉଦ୍ଦିଷ୍ଟ ଅଟେ । | A4 ସାଇଜ୍ ପେପର୍, ଡ୍ରଇଂ ସିଟ୍ ଏବଂ ପ୍ରତିଶବ୍ଦ କାର୍ଡ, କାର୍ଡଗୁଡ଼ିକ ରଖିବା ପାଇଁ ଆବଶ୍ୟକ ପାତ୍ର | 'ମୋ ସଖା ମୋ ବନ୍ଧୁ' ଏବଂ 'ତୁ କହିଲେ ଦିନ, ମୁଁ କହିବି ରାତି' – ଅଧିବେଶନ ୧୧ ଓ ୧୨ – ୧୦ମ ଶ୍ରେଣୀ |
| ୬. | **ଆସ ନାଟକ ଲେଖିବା**<br>**ଉଦ୍ଦେଶ୍ୟ–**<br>ଛାତ୍ରଛାତ୍ରୀମାନଙ୍କ ଲିଖନ ଦକ୍ଷତାରେ ଅଭିବୃଦ୍ଧି ଏବଂ ନାଟକ ଲେଖିବାର କୌଶଳରେ ଉନ୍ନତି । | A4 ସାଇଜ୍ କାଗଜ, ପେନ୍‌ସିଲ, ସ୍କେଚ ପେନ୍, ସ୍ମାର୍ଟ ବୋର୍ଡ | 'କାହାଣୀ ଶିଖାଏ ଅଭିନୟ' ଏବଂ 'କାହାଣୀରୁ ନାଟକ' – |

| କ୍ରମିକ ସଂଖ୍ୟା | କ୍ଲବରେ ହେବାକୁ ଥିବା କାର୍ଯ୍ୟ | ଆବଶ୍ୟକୀୟ ଉପକରଣ | ଅନୁକରଣୀୟ ଅଧିବେଶନ |
|---|---|---|---|
| | **କ୍ଲବରେ କାର୍ଯ୍ୟ -**<br>ଏହି ଅଧିବେଶନକୁ ନବମ ଶ୍ରେଣୀର କାହାଣୀ ଶିଖାଏ ଅଭିନୟ ଓ ଦଶମ ଶ୍ରେଣୀର କାହାଣୀରୁ ନାଟକ ଅଧିବେଶନ ଆଧାରରେ ଶିକ୍ଷକ ପରିଚାଳନା କରିବେ । ଏହି ଅଧିବେଶନରେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ସହିତ ଇଂରାଜୀ ଓ ହିନ୍ଦୀ ଭାଷା ପ୍ରୟୋଗ କରି ନାଟକ ଲେଖିବାପାଇଁ ଉତ୍ସାହିତ କରିବେ । | | ଅଧିବେଶନ ୧୩- ୯ମ ଶ୍ରେଣୀ ଏବଂ ୪ - ୧୦ମ ଶ୍ରେଣୀ |
| ୭. | **ନାଟକ ଦେଖିବା ସମୀକ୍ଷା କରିବା**<br>**ଉଦ୍ଦେଶ୍ୟ-**<br>ଛାତ୍ରଛାତ୍ରୀଙ୍କ ମଧ୍ୟରେ କାହାଣୀର ବିଭିନ୍ନ ଚରିତ୍ରଗୁଡ଼ିକୁ ଭଲ ଭାବରେ ବୁଝିବା, କାହାଣୀର ଚରିତ୍ରଗୁଡ଼ିକୁ ବିଶ୍ଳେଷଣ କରିବା ଓ ତାକୁ ଅଭିନୟର ରୂପ ଦେବା କୌଶଳ ବୃଦ୍ଧି କରିବା ।<br>**କ୍ଲବରେ କାର୍ଯ୍ୟ -**<br>ଏହି ଅଧିବେଶନକୁ ନବମ ଶ୍ରେଣୀର କ୍ଷୁଦ୍ର ନାଟକ ପରିବେଷଣ ଓ ତାହାର ସମୀକ୍ଷା ଓ ଦଶମ ଶ୍ରେଣୀର ନାଟକ ଦେଖିବା ସମୀକ୍ଷା କରିବା ଅଧିବେଶନ ଆଧାରରେ ଶିକ୍ଷକ ପରିଚାଳନା କରିବେ । ଏହି ଅଧିବେଶନରେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆ ସହିତ ଇଂରାଜୀ, ସଂସ୍କୃତ ଓ ହିନ୍ଦୀ ପୁସ୍ତକରେ ଥିବା ବିଭିନ୍ନ ବିଷୟର ଗଳ୍ପଗୁଡ଼ିକୁ ଉପଯୋଗ କରି ନାଟକ ପ୍ରସ୍ତୁତ ଏବଂ ତାହାର ଦଳଗତ ପରିବେଷଣ ଓ ସମୀକ୍ଷା କରିବାପାଇଁ ଉତ୍ସାହିତ କରିବେ । | କିଛି କ୍ଷୁଦ୍ର ଗଳ୍ପ ଆବଶ୍ୟକ ସ୍ଥଳେ ଅଡିଓ (Audio)ର ବ୍ୟବସ୍ଥା କରିବେ। ମୁଖା, ଅଭିନୟ ପାଇଁ ବସ୍ତ୍ର | 'କ୍ଷୁଦ୍ର ନାଟକ ପରିବେଷଣ ଓ ତାର ସମୀକ୍ଷା' ଅଧିବେଶନ ୧୪ ଓ ୧୫- ୯ମ ଶ୍ରେଣୀ , 'ନାଟକ ଦେଖିବା ସମୀକ୍ଷା କରିବା' ଅଧିବେଶନ ୫- ୧୦ମ ଶ୍ରେଣୀ |
| ୮. | **ମୁଁ, ମୋ ସ୍କୁଲ ଏବଂ ମୋର ଅଭୁଲା ସ୍ମୃତି**<br>**ଉଦ୍ଦେଶ୍ୟ-**<br>ନିଜ ବିଦ୍ୟାଳୟ ସହିତ ଜଡ଼ିତ ଛାତ୍ରଛାତ୍ରୀମାନଙ୍କର ଅଭୁଲା ସ୍ମୃତି ଗୁଡ଼ିକୁ ବିଭିନ୍ନ ମଞ୍ଚରେ ଭିନ୍ନ ଭିନ୍ନ ମାଧ୍ୟମରେ ପ୍ରକାଶିତ କରିବାରେ ସଫଳ ହେବେ ।<br>**କ୍ଲବରେ କାର୍ଯ୍ୟ -**<br>ମୁଁ, ମୋ ସ୍କୁଲ ଏବଂ ମୋର ଅଭୁଲା ସ୍ମୃତି ଅଧିବେଶନ ଆଧାରରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ନିଜେ କରିଥିବା କାର୍ଯ୍ୟଗୁଡ଼ିକୁ ସୁନ୍ଦର ଓ ଆକର୍ଷଣୀୟ କରିବେ ଏବଂ ଆଗକୁ ହେବାକୁ ଯାଉଥିବା ବହିମେଳା ପାଇଁ ନିଜର ସମସ୍ତ ସାଧନଗୁଡ଼ିକୁ ପ୍ରସ୍ତୁତ ରଖିବେ ।<br>ଏହି ଅଧିବେଶନଟି କେବଳ ଦଶମ ଶ୍ରେଣୀ ଶିକ୍ଷାର୍ଥୀ ପାଇଁ ଉଦ୍ଦିଷ୍ଟ ଅଟେ । | ମୋ କଥା ମୋ କାହାଣୀ ପାଇଁ ଲେଖା, ଛାତ୍ରଛାତ୍ରୀଙ୍କ ଭିଡିଓ | ମୁଁ, ମୋ ସ୍କୁଲ ଏବଂ ମୋର ଅଭୁଲା ସ୍ମୃତି ଉଦ୍ଦେଶ୍ୟ- ଅଧିବେଶନ ୨୦- ୧୦ମ ଶ୍ରେଣୀ |

# ପୁସ୍ତକ ସମୀକ୍ଷା ନିର୍ଦ୍ଦେଶାବଳୀ

| ପୃଷ୍ଠା | ବିଷୟବସ୍ତୁ | ପୃଷ୍ଠା | ବିଷୟବସ୍ତୁ |
|---|---|---|---|
| ୧. | **ମୁଖ୍ୟ ପୃଷ୍ଠା**<br>• କାର୍ଯ୍ୟକଳାପର ଶୀର୍ଷକ ।<br>• ତୁମେ ସମୀକ୍ଷା କରୁଥିବା ବହିର ନାମ ।<br>• ବହିର ଲେଖକଙ୍କ ନାମ ।<br>• ତୁମେ ସମୀକ୍ଷା କରୁଥିବା ବହି କିମ୍ବା କାହାଣୀ ସହିତ ଜଡ଼ିତ ଯେକୌଣସି ଚିତ୍ର ।<br>• ତୁମର ନାମ, ଶ୍ରେଣୀ ଏବଂ ରୋଲ୍ ନମ୍ବର ।<br>• ପ୍ରତ୍ୟେକ ପୃଷ୍ଠା ଚାରିପଟେ ସୀମାରେଖା ରହିବ ।<br>• ପ୍ରଥମ ପୃଷ୍ଠାକୁ ସଜାଅ ଏବଂ ଏହାକୁ ସୁନ୍ଦର ଏବଂ ଆକର୍ଷଣୀୟ କର । | ୪. | **ପୁସ୍ତକର ପରିଚୟ**<br>• ତୁମେ କେଉଁ ପୁସ୍ତକ ସମୀକ୍ଷା କରିବାକୁ ଯାଉଛ ?<br>• ସେହି ପୁସ୍ତକର ଲେଖକ କିଏ ?<br>• ଉକ୍ତ ଲେଖକଙ୍କ ଅନ୍ୟ କିଛି ପୁସ୍ତକଗୁଡ଼ିକ କ'ଣ ?<br>• ଏହି ପୁସ୍ତକ କାହିଁକି ପଢ଼ିବା ଯୋଗ୍ୟ ?<br>• ଏହି ପୁସ୍ତକରେ କିଛି ଅନନ୍ୟ/ଭିନ୍ନତା ଅଛି କି ? ଯଦି ହଁ, କ'ଣ ?<br>• ଏହି ପୁସ୍ତକ କାହିଁକି ଏକ ସର୍ବାଧିକ ବିକ୍ରୟ ହେଉଥିବା ବହି ଅଟେ ? |
| ୨. | **ପ୍ରଥମ ପୃଷ୍ଠା**<br>• କୌଣସି ଚିତ୍ର ରହିବ ନାହିଁ ।<br>• ତୁମେ ସମୀକ୍ଷା କରୁଥିବା ବହିର ନାମ ।<br>• ତୁମ ବହିର ଲେଖକଙ୍କ ନାମ ।<br>• ତୁମ ନାମ, ଶ୍ରେଣୀ ଏବଂ ରୋଲ୍ ନମ୍ବର ।<br>• ଶିକ୍ଷାବର୍ଷ: ______________ | ୫. | **ଲେଖକ ବିଷୟରେ**<br>ଲେଖକଙ୍କ ସଫଳତା ଏବଂ ଅନ୍ୟ ପୁସ୍ତକଗୁଡ଼ିକର ନାମ ବିଷୟରେ ଲେଖନ୍ତୁ । ଲେଖକଙ୍କ ଛବି ଅନ୍ତର୍ଭୁକ୍ତ କରିବାକୁ ଭୁଲନ୍ତୁ ନାହିଁ । ଆହୁରି ମଧ୍ୟ, ଲେଖକଙ୍କ ବିଷୟରେ ଅଧିକ ମୂଲ୍ୟବାନ ମନ୍ତବ୍ୟ ଦିଅନ୍ତୁ । |
| ୩. | **ସୂଚୀପତ୍ର**<br><table><tr><th>କ୍ର.ସଂ.</th><th>ବିଷୟ</th><th>ପୃଷ୍ଠା ସଂଖ୍ୟା</th></tr><tr><td></td><td></td><td></td></tr><tr><td></td><td></td><td></td></tr><tr><td></td><td></td><td></td></tr></table> | ୬. | **ପୁସ୍ତକର ସାରାଂଶ**<br>• ତୁମେ ସମୀକ୍ଷା କରିବାକୁ ଯାଉଥିବା ବହିର / କାହାଣୀର ସାରାଂଶ ଲେଖ ।<br>• ସାରାଂଶ ଏକ ପୃଷ୍ଠାରୁ ଅଧିକ କିମ୍ବା ୨୫୦ରୁ ଅଧିକ ଶବ୍ଦ ହେବା ଉଚିତ ନୁହେଁ ।<br>• କାହାଣୀ କେଉଁ ବିଷୟକୁ ନେଇ କେନ୍ଦ୍ରିତ, କାହାଣୀର ସ୍ଥିତି ଓ ଅବସ୍ଥିତି ଏବଂ ଚରିତ୍ରମାନଙ୍କ ବିଷୟରେ ମଧ୍ୟ ଉଲ୍ଲେଖ କର । |

| ପୃଷ୍ଠା | ବିଷୟବସ୍ତୁ | ପୃଷ୍ଠା | ବିଷୟବସ୍ତୁ |
|---|---|---|---|
| ୭. | ଚରିତ୍ର ଚିତ୍ରଣ<br>କାହାଣୀରୁ ଯେକୌଣସି ଦୁଇଟି ମୁଖ୍ୟ ଚରିତ୍ର ଚୟନ କର<br>• ଚରିତ୍ରର ବୈଶିଷ୍ଟ୍ୟ ବର୍ଣ୍ଣନା କର ।<br>• ଚରିତ୍ରର ବିଭିନ୍ନ ଗୁଣଗୁଡ଼ିକ ବର୍ଣ୍ଣନା କର ।<br>• ବହିର ଏକ ଦୃଶ୍ୟ କିମ୍ବା ଏକ ଉଦ୍ଧୃତି ବାକ୍ୟର ଉଦାହରଣ ଦିଅ ଯାହା ଚରିତ୍ରକୁ ଭଲ ଭାବରେ ବୁଝିବା ପାଇଁ ପାଠକଙ୍କୁ ସାହାଯ୍ୟ କରିବ ।<br>• ଚରିତ୍ରର ବ୍ୟକ୍ତିତ୍ୱର ଶକ୍ତିଶାଳୀ/ବଳିଷ୍ଠ ଦିଗଟି କ'ଣ ?<br>• ଚରିତ୍ର ଭିତରେ ରହିଥିବା ଦୁର୍ବଳତା (ଯଦି ଥାଏ) ମଧ୍ୟ ଉଲ୍ଲେଖ କର । | | • କାହାଣୀରେ ତୁମକୁ କ'ଣ ଭଲ ଲାଗିଲା ନାହିଁ ?<br>• କ'ଣ ହୋଇଥିଲେ ଏହି କାହାଣୀ ଭଲ ହୋଇଥାନ୍ତା ?<br>**ଦ୍ୱିତୀୟ ଅନୁଚ୍ଛେଦ: -**<br>• କାହାଣୀର ପ୍ରଚ୍ଛଦପଟ କାହାଣୀଟିକୁ ସମ୍ପୂର୍ଣ୍ଣ କରୁଛି କି ? ଯଦି ହଁ, କାହିଁକି ?, ଯଦି ନା, କାହିଁକି ?<br>• ତୁମେ କାହିଁକି ଭାବୁଛ ଯେ କାହାଣୀର ପ୍ରଚ୍ଛଦପଟ କାହାଣୀ ପାଇଁ ଉପଯୁକ୍ତ ଅଟେ ?<br>• ପ୍ରଚ୍ଛଦପଟରେ କ'ଣ ଭଲ ଅଛି ?<br>• ପ୍ରଚ୍ଛଦପଟରେ କ'ଣ ଭଲ ନାହିଁ ?<br>**ତୃତୀୟ ଅନୁଚ୍ଛେଦ: -**<br>• କେତେ ପ୍ରମୁଖ ଚରିତ୍ର ଅଛନ୍ତି ?<br>• ଏହି ଚରିତ୍ରଗୁଡ଼ିକ ପ୍ରମୁଖ ବୋଲି ତୁମେ କାହିଁକି ଭାବୁଛ ?<br>• ଏହି କାହାଣୀର ଚରିତ୍ରଚିତ୍ରଣ କାହାଣୀଟିକୁ ଆଗେଇ ନେବା ଓ ଏହାକୁ ସମ୍ପୂର୍ଣ୍ଣ କରିବାରେ ସହାୟକ ହେଉଛି କି ?<br>• କେଉଁ ଚରିତ୍ରକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଛି ?<br>• ତୁମେ ଏମିତି କାହିଁକି ଭାବୁଛ ?<br>**ଚତୁର୍ଥ ଅନୁଚ୍ଛେଦ: -**<br>• ତୁମେ ଏହି ପୁସ୍ତକ ପସନ୍ଦ କରୁଛ କି ? ହଁ - କାହିଁକି ? କିମ୍ବା କାହିଁକି ନୁହେଁ ?<br>• ଏହି ପୁସ୍ତକର କେଉଁ ଅଂଶ ତୁମର ଅଧିକ ପସନ୍ଦ ? କାହିଁକି ?<br>• ଏହି ପୁସ୍ତକର କେଉଁ ଅଂଶ ତୁମର କମ୍ ପସନ୍ଦ ? କାହିଁକି ?<br>• ତୁମେ ଏହି ପୁସ୍ତକକୁ ଅନ୍ୟକାହାକୁ ପଢ଼ିବା ପାଇଁ ସୁପାରିଶ କରିବ କି ? କାହିଁକି ହଁ ? କିମ୍ବା କାହିଁକି ନୁହେଁ ? |
| ୮. | **ଆଠରୁ ଦଶ ଧାଡ଼ିରେ କାହାଣୀର ପ୍ରଚ୍ଛଦପଟ ବିଷୟରେ ଏକ କ୍ଷୁଦ୍ର ଅନୁଚ୍ଛେଦ ଲେଖ ।**<br>• କାହାଣୀର ଭୌଗୋଳିକ ସ୍ଥିତି ।<br>• ବହିରୁ ଉଦ୍ଧୃତି, ସଂଳାପ କିମ୍ବା କିଛି ବାକ୍ୟ ଉଲ୍ଲେଖ କର, ଯାହା ତୁମେ ଲେଖିଥିବା କାହାଣୀର ପ୍ରଚ୍ଛଦପଟକୁ ପ୍ରମାଣ କରେ ।<br>• ପ୍ରଚ୍ଛଦପଟ ବିଷୟରେ ତୁମର ମତାମତ ଦିଅ ।<br>**ତୁମେ ଏହାର କିଛି ଚିତ୍ର ମଧ୍ୟ ଯୋଡ଼ିପାରିବ (ସର୍ବାଧିକ ଦୁଇଟି ଚିତ୍ର)** | | |
| ୯. | **ଉପସଂହାର**<br>ଉପସଂହାର ପୃଷ୍ଠାରେ ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର **ରହିବା ଉଚିତ :**<br>**ପ୍ରଥମ ଅନୁଚ୍ଛେଦ :-**<br>• ବହିର କାହାଣୀ ଭଲ କି ? ଖରାପ ? ହାରାହାରି ?<br>• ତୁମେ କାହିଁକି ଭାବୁଛ ବହିର କାହାଣୀ । ଭଲ / ଖରାପ / ହାରାହାରି ?<br>• କାହାଣୀ ବିଷୟରେ ଏତେ ଭଲ କ'ଣ ? | ୧୦. | **କୃତଜ୍ଞତା**<br>ଏହି ପୃଷ୍ଠାରେ, ଯେଉଁମାନେ ତୁମକୁ ଏହି କାର୍ଯ୍ୟ କରିବାରେ ସାହାଯ୍ୟ କରିଛନ୍ତି ସେ ସମସ୍ତଙ୍କୁ କୃତଜ୍ଞତା ଦେବା ଓ ସେମାନଙ୍କୁ ଧନ୍ୟବାଦ ଦେବା । ତୁମ ଶିକ୍ଷକଙ୍କୁ ଧନ୍ୟବାଦ ଦେବାକୁ ଭୁଲିବ ନାହିଁ । |

# Book Review Guideline

<table>
<tr><th>Page No</th><th>Content</th><th>Page No</th><th>Content</th></tr>
<tr><td>1</td><td>Cover Page-<ul><li>The title of the activity.</li><li>The name of the book you review.</li><li>The name of the author of the book you review.</li><li>Any picture related to the book or the story of the book you review.</li><li>Your name, class and roll number.</li><li>Don’t forget to border the page.</li><li>You have to decorate the first page and make it look nice and attractive.</li></ul></td><td>5</td><td><u>About the Writer’</u><br>write about the writer’s achievement and names of other books to his credit. Don’t forget to include the picture of the author. Also, give your valuable comment about the author.</td></tr>
<tr><td>2</td><td>Front Page<br>No pictures or images<ul><li>The name of the book you review.</li><li>The name of the author of the book you review.</li><li>Your name, class and roll number.</li><li>Academic Year: ______________</li></ul></td><td>6</td><td><u>Summary of the story of the book’</u><br>Write the story of the book you are going to review in a summarized way. The summary shouldn’t be more than a page or more than 250 words. Also mention about the central theme of the story, the central plot, the sub-plots, etc.</td></tr>
<tr><td>3</td><td>INDEX<table><tr><th>Sr. No.</th><th>Content</th><th>Page Number</th></tr><tr><td></td><td></td><td></td></tr><tr><td></td><td></td><td></td></tr><tr><td></td><td></td><td></td></tr><tr><td></td><td></td><td></td></tr></table></td><td>7</td><td><u>Character Portrayal’</u><br>Select any two major characters from the story. Write down the character sketch of those characters. While writing the character sketch, be careful about including following points:<ul><li>Describe the physical features of the character</li><li>Name different characteristics of the characters</li><li>Give proofs in the form of a scene or a quote or a sentence from the book which helps the reader understand the nature of the character.</li><li>Write down the strong point about the character’s personality.</li><li>Also mention the weakness (if there is any) about the character.</li><li>Write your opinion about the characters.</li></ul></td></tr>
<tr><td>4</td><td><u>Introduction of the book’</u><ul><li>Which book are you going to review?</li><li>Who is the writer of that book?</li><li>What about the previous books of the same author?</li><li>Why is this book worth reading?</li><li>Is there something very unique about this book? What?</li></ul>What makes this book a best-seller?</td><td>8</td><td>Write a short paragraph of eight to ten lines about the settings of the story. Setting should include:<ul><li>Mention the geographical characteristics of the area in which the story takes place.</li><li>Mention quotes, dialogues or some sentences from the book which proves your point about the setting.</li><li>Describe the scene or the settings.</li><li>Include your comments about thesetting.</li></ul></td></tr>
</table>

| Page No | Content | PageNo | Content |
|---|---|---|---|
| | | | • You can also add some pictures of the setting (maximum two pictures) |
| 9 | <u>**Conclusion**</u><br>Conclusion page should contain the answers of the following questions:<br>**First Paragraph:-**<br>• Is the story of the book good? Bad? Average?<br>• Why do you think that the story of the bookis good/bad/average?<br>• What is so good about the story?<br>• What is not so good about the story?<br>• This story should have been better if ...<br><br>**Second Paragraph:-**<br>• Is the setting of the story complementing the story? Why or why not?<br>• Why do you think that the setting of the story is appropriate?<br>• What is so good about the setting of the story?<br>• What is not so good about the setting of the story?<br><br>**Third paragraph:-**<br>• How many major characters are there?<br>• Why do think that these are the major characters?<br>• Are these characters' portrayals complementing the story and its development?<br>• Which character is portrayed beautifully? Why?<br>• Which character should have been portrayed nicely? Why do you think so?<br><br>**Fourth paragraph:-**<br>• Do you like this book? Why or why not?<br>• What part of this book do you like the most?Why?<br>• What part of this book do you like the least?Why?<br>• Will you recommend this book to anyone? Why or why not?<br>• Why should people read this book or should not read this book? | | <u>**Acknowledgement**</u><br>In this page you should acknowledge or thank the people who have helped you in doing this assignment. Don't forget to thank your teacher. |

## କେଉଁ ମାସରେ କେଉଁ ଅଧିବେଶନ

| | | |
|---|---|---|
| **ଟର୍ମ-୧** | | **ପୁସ୍ତକ ସମୀକ୍ଷା** |
| ଅପ୍ରେଲ୍ | - | ଅଧିବେଶନ-୧ ରୁ ଅଧିବେଶନ-୫ |
| ଜୁନ୍ | - | ଅଧିବେଶନ-୬ ଏବଂ ଅଧିବେଶନ-୭ |
| ଜୁଲାଇ | - | ଅଧିବେଶନ-୮ ରୁ ଅଧିବେଶନ-୧୧ |
| ଅଗଷ୍ଟ | - | ଅଧିବେଶନ-୧୨ ଏବଂ ଅଧିବେଶନ-୧୫ |
| ସେପ୍ଟେମ୍ବର | - | ଟର୍ମ-୧ ମୂଲ୍ୟାଙ୍କନ |
| **ଟର୍ମ-୨** | | **ପୁସ୍ତକ ସମୀକ୍ଷା** |
| ଅକ୍ଟୋବର | - | ଅଧିବେଶନ-୧୬ ଏବଂ ଅଧିବେଶନ-୧୭ |
| ନଭେମ୍ବର | - | ଅଧିବେଶନ-୧୮ ରୁ ଅଧିବେଶନ-୨୦ |
| ଡିସେମ୍ବର | - | ଅଧିବେଶନ-୨୧ ଏବଂ ଅଧିବେଶନ-୨୨ |
| ଜାନୁଆରୀ | - | ଅଧିବେଶନ-୨୩ |
| ଫେବୃଆରୀ | - | ଟର୍ମ-୨ ମୂଲ୍ୟାଙ୍କନ |